ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୯୧
୧୮ ଡିସେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 191
18th December, 2025 Thursday
Bhubaneswar

ODISHA EXPRESS　SIGHTS TRUTH WRITES TRUTH　ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in　E-mail : odishaexpress@gmail.com　RNI Regd. No. ODIODI/2006/23033　Postal Regd. No. : BN/169/13-15　ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍
ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ ଓ ଅମେଧ୍ୟରୁ ସୁବର୍ଣ୍ଣ ଯେପରି ଗ୍ରହଣ କରାଯାଏ, ସେହିପରି ନୀଚ ଲୋକଠାରୁ ଉତ୍ତମ ବିଦ୍ୟା ଶିକ୍ଷା ଓ ନୀଚ କୁଳରୁ ଗୁଣବତୀ ନାରୀ ଓ କନ୍ୟାରତ୍ନ ଗ୍ରହଣ କରିବା ଉଚିତ।

**ଅମ୍ବିକା ପ୍ରସାଦ ଦାସଙ୍କ**
**'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ**

**ନଈରେ ହଜାଇ ପୋଖରୀରେ ଖୋଜିବା...**

### ବଢୁଥିବା ପ୍ରଦୂଷଣ ଉପରେ ଏମସିଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ୪ ମାସ ଦେବାକୁ ପଡ଼ିବନି ଟୋଲ ଟ୍ୟାକ୍ସ

**ନୂଆଦିଲ୍ଲୀ,୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଏନସିଆରରେ ବଢୁଥିବା ପ୍ରଦୂଷଣ ସମସ୍ୟାକୁ ଦେଖି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଆଗାମୀ ବର୍ଷ ୧ ଅକ୍ଟୋବରରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ଏମସିଡି ଟୋଲ୍ ରଖିବାର ଚେଷ୍ଟା ନକରୁ, କାରଣ ଟୋଲ୍ ବେଳେ ଲାଗିଥିବା ଜାମ୍ ପ୍ରଦୂଷଣର ବଡ଼ କାରଣ। କୋର୍ଟ ମ୍ୟୁନିସିପାଲିଟି କର୍ପୋରେସନ୍ ଅଫ୍ ଦିଲ୍ଲୀ (ଏମସିଡି)କୁ କହିଛନ୍ତି, ସେ ଟୋଲ୍ ବୁଥ୍ ସିଫ୍ଟ କରନ୍ତୁ ଓ ଏକ ସପ୍ତାହ ଭିତରେ ଏହା ଉପରେ ବିଚାର କରି ନିଷ୍ପତ୍ତି ନିଅନ୍ତୁ।

ସୁପ୍ରିମକୋର୍ଟ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆକୁ କହିଛନ୍ତି, ବିକଳ୍ପ ଭାବରେ ସେ ଟୋଲ୍ ଆଦାୟ କରି. ଏମସିଡିକୁ



ଭାଗ ଦେବା ଉପରେ ବିଚାର କରନ୍ତୁ। କୋର୍ଟ ଏହି ସମୟରେ ଏମସିଡିକୁ କଡ଼ା ଭର୍ତ୍ସନା କରିଛନ୍ତି। କହିଛନ୍ତି, କାଲି ଟଙ୍କା ପାଇଁ ଆପଣ କନୌଟ୍ ପ୍ଲେସ୍‌ରେ ମଧ୍ୟ ଟଙ୍କା ଆଦାୟ କରିବା ଆରମ୍ଭ କରିଦେବେ।

ଶୁଣାଣି ବେଳେ କୋର୍ଟଙ୍କୁ ସେହି ସମସ୍ୟା ବିଷୟରେ କୁହାଯାଇଥିଲା, ଯାହାକି ଦିଲ୍ଲୀ ଏନସିଆରରେ ପ୍ରଦୂଷଣର ବଡ଼ କାରଣ। ଏଥିରେ ଦିଲ୍ଲୀ-ଗୁରଗାଓଁର ଏମସିଡି ଟୋଲ୍ ପ୍ଲାଜା ମଧ୍ୟ ରହିଛି। କୋର୍ଟ କହିଛନ୍ତି, ଏହି ଟୋଲ୍ କାରଣରୁ ବହୁ ସମୟ ପର୍ଯ୍ୟନ୍ତ ଲମ୍ବା ଜାମ୍ ଲାଗିଥାଏ। ଘଣ୍ଟା ଘଣ୍ଟା ଧରି ସଡକରେ ଥିବା କାର, ମୋଟର ସାଇକେଲ ଓ ଅନ୍ୟ ବାହନ ପ୍ରଦୂଷଣ ସୃଷ୍ଟି କରିଥାଏ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଏଭଳି ହେଉଥିଲା ଆପଣଙ୍କ ଇନକମ୍ ଆମକୁ ଦରକାର ନାହିଁ। ଆମେ ଆଗାମୀ ବର୍ଷ ୧ ଅକ୍ଟୋବରରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ଟୋଲ୍ ପ୍ଲାଜା ବନ୍ଦ ରଖିବା ପାଇଁ ଠୋସ୍ ପ୍ଲାନ୍ ଚାହୁଁଛୁ।'

## ଶିଶୁ କନ୍ୟାକୁ ବିସ୍କୁଟ୍ ଦେଖାଇ ଦୁଷ୍କର୍ମ

**ବାରିପଦା,୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାରିପଦାରେ ପୁଣି ଲଜ୍ଜା। ୫ ବର୍ଷର ଶିଶୁକୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ବାରିପଦା ସଦର ଥାନା ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ। ନାତୁଣୀ ସହ ଗାଁର ପଡ଼ୋଶୀ ସମ୍ପର୍କୀୟ ଅଜା ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ଆସିଛି। ଅଭିଯୁକ୍ତ ଅଜା ଦିଲ୍ଲୀପ ହେମ୍ବ୍ରମ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖରେ ଶିଶୁକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଶିଶୁକୁ ତାଙ୍କ ଘର ପଛପଟେ ଥିବା ଏକ ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ପୀଡ଼ିତା ଶିଶୁଟି ଘର ସମ୍ମୁଖରେ ସାଙ୍ଗ ସହ ଖେଳୁଥିଲା, ସେହି ସମୟରେ ଅଭିଯୁକ୍ତ ସମ୍ପର୍କୀୟ ପୀଡିତା ଶିଶୁକୁ ଜୋରଜବରଦସ୍ତ ସେମାନଙ୍କ ଘର ପଛପଟେ ଥିବା ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ଯେଉଁଠାରେ ସେ ଶିଶୁକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଫଳରେ ପୀଡିତା ଶିଶୁ ଜଣଙ୍କ ଜୋରଜବରଦସ୍ତ କାନ୍ଦିବାକୁ ଲାଗିଥିଲା। ଏହା ଶୁଣି ପଡ଼ୋଶୀ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ଶିଶୁଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ଏନେଇ ବାରିପଦା ସଦର ଥାନାରେ ପରିବାର ଲୋକ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଅଟକ ରଖିଛି ପୋଲିସ।

## ଜାନୁଆରୀ ୨୦ ସୁଦ୍ଧା ଓଟିଇଟି ଫଳ

**କଟକ,୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟବ୍ୟାପୀ ବୁଧବାର ଅନୁଷ୍ଠିତ ହୋଇଥିବା ଓଡ଼ିଶା ଟିଚର ଇଲିଜିବ୍ଲିଟି ଟେଷ୍ଟ-୨୦୨୫ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷାରେ ରାଜ୍ୟର ୧ଲକ୍ଷ ୬୦ହଜାର ୩୭୯ଜଣ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ। ଉଭୟ ଇନ ସର୍ଭିସ ଓ ଆଶାୟୀ ଶିକ୍ଷକ ଶିକ୍ଷୟତ୍ରୀମାନେ ଏହି ପରୀକ୍ଷା ଦେଇଥିଲେ। ରାଜ୍ୟର ମୋଟ ୪୫୨ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ଓଟିଇଟି ପରୀକ୍ଷା ଫଳ ଜାନୁଆରୀ ୨୦ ସୁଦ୍ଧା ଘୋଷଣା କରାଯିବ ବୋଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଡିସେମ୍ବର ଶେଷ ସୁଦ୍ଧା ଓଟିଇଟି ଉତ୍ତର ପତ୍ର ବୋର୍ଡ଼ର ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ରେ ଉପଲବ୍ଧ ହେବ। ଏହାପରେ ପରୀକ୍ଷା ସଂପର୍କରେ ଯଦି କୌଣସି ଅଭିଯୋଗ ଥାଏ ତେବେ ପାର୍ଥୀଙ୍କୁ ଏକ ସପ୍ତାହ ସମୟ ଦିଆଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇଛନ୍ତି। ବୋର୍ଡ଼ ଜାନୁଆରୀ ୨୦ ସୁଦ୍ଧା ଓଟିଇଟି ପରୀକ୍ଷା ଫଳ ପ୍ରକାଶ କରିବାକୁ ସମସ୍ତ ପ୍ରକାରର ପ୍ରୟାସ କରିବ ବୋଲି ବୋର୍ଡ଼ ସଭାପତି ଶ୍ରୀ ତରାଇ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଓଟିଇଟି ପରୀକ୍ଷା -୨୦୨୫ର ପେପର ୧ ସକାଳ ୯ ଟାରୁ ୧୧.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେହିପରି ପେପର - ୨ ପରୀକ୍ଷା ଆଜି ଅପରାହ୍ନ ୧.୩୦ରୁ ୪ଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ଶିଆଳ କାମୁଡାରେ ୮ ଗୁରୁତର

**ଧର୍ମଶାଳା,୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତରେ ଏକ ଶିଆଳ କାମୁଡାରେ ଏକାଧିକ ଗୁରୁତର ହୋଇଛନ୍ତି। ସମସ୍ତ ଆହତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ସନ୍ଧ୍ୟାରେ ଭର୍ତ୍ତି ହୋଇଛନ୍ତି। ଏହି ଗ୍ରାମର ଲୋକେ ନିଜ କାମରେ ଯାଉଥିବା ବେଳେ ଏକ ଶିଆଳ ରାସ୍ତା ଉପରକୁ ହଠାତ୍ ମାଡ଼ି ଆସି ଏକାଧିକ ଲୋକଙ୍କୁ ଆକ୍ରମଣ କରିଥିଲା। ଯାହା ଫଳରେ ୮ରୁ ଉର୍ଦ୍ଧ ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ଏହି ଗ୍ରାମର କୃଷ୍ଣ ପରିଡ଼ା କୌଣସି କାମରେ ବ୍ରହ୍ମବରଦା ଅଞ୍ଚଳକୁ କୌଣସି କାମରେ ଯାଉଥିବା ବେଳେ ତାଙ୍କୁ ଶିଆଳଟି ଆକ୍ରମଣ କରି ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ସେହିପରି ଏହି ଗ୍ରାମର ରମେଶ ଚନ୍ଦ୍ର ପ୍ରଧାନ, ସଞ୍ଜୟ ପାତ୍ର, ସୁଧା ମଲିକ, ବିମଳି ନାୟକ, ନିମୋଷ ଲେଙ୍କା, ଅର୍ଚ୍ଚନା ସାହୁ, କନ୍ତିକା ମଳିକ ପ୍ରମୁଖ ଏକାଧିକ ଲୋକେ ଏହି ଶିଆଳ କାମୁଡାର ଶିକାର ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସି ଚିକିତ୍ସିତ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ମାନଙ୍କୁ ପ୍ରାଥମିକ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ଗର୍ଭଗୃହରେ ବାହା ହେଲେ ବିଜେପି ବିଧାୟକଙ୍କ ପୁଅ

**ନୂଆଦିଲ୍ଲୀ,୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିକାଲି ସୋସିଆଲ ମିଡିଆରେ ବିବାହ ସହ ଜଡିତ ଅନେକ ଘଟଣା ବିଷୟରେ ଆପଣ ଦେଖୁଥିବେ। ତେବେ

**ଟଙ୍କା-ପାୱାର ଥିଲେ ସବୁ ସମ୍ଭବ !**

ବର୍ତ୍ତମାନ ଇନ୍ଦୋରର ବିଜେପି ବିଧାୟକ ଗୋଲୁ ଶୁକ୍ଲାଙ୍କ ପୁଅ ଅଞ୍ଜାନେଶ ଶୁକ୍ଲାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦମ୍ପତି ପୂର୍ବରୁ ସେମାନଙ୍କ ବିବାହରେ କେବଳ ବାଣ ଫୁଟାଇବା ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ବର୍ତ୍ତମାନ, ସେମାନେ ପ୍ରସିଦ୍ଧ ଖଜରାଣା ଗଣେଶ ମନ୍ଦିରରେ ପହଞ୍ଚିଥିଲେ, ଯେଉଁଠାରେ ସେମାନେ ମନ୍ଦିରର ଗର୍ଭଗୃହରେ ବିବାହ ରୀତିନୀତି ସମାପ୍ତ କରିଥିଲେ। ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ



ହୋଇଛି, ଯାହା ଉପରେ ୟୁଜର୍ସଙ୍କ ପକ୍ଷରୁ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୋସିଆଲ ମିଡିଆରେ ଏକ ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେଉଛି ଯେଉଁଥିରେ ଦେଖାଯାଉଛି ଯେ ଇନ୍ଦୋର ବିଧାନସଭା-୩ ବିଧାୟକ ଗୋଲୁ ଶୁକ୍ଲାଙ୍କ ପୁଅ ଅଞ୍ଜାନେଶ ଶୁକ୍ଲା ତାଙ୍କ ପତ୍ନୀଙ୍କୁ ବରଣମାଳା ପିନ୍ଧୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ ଏହି ଦମ୍ପତି ଗର୍ଭଗୃହରେ ବିବାହ କରିଥିଲେ, ଯେଉଁଠାରେ ସାଧାରଣ ଭକ୍ତଙ୍କ ପ୍ରବେଶ ନିଷେଧ। ଭିଡିଓରେ ବର ଏବଂ କନ୍ୟା ଗର୍ଭଗୃହ ଭିତରେ ବିବାହ ରୀତିନୀତି ପାଳନ କରୁଥିବା ଦେଖାଯାଉଛି।

ଏବେ ସୋସିଆଲ ମିଡିଆରେ ବିଧାୟକଙ୍କ ପୁଅକୁ ଖଜରାଣାରେ ବିବାହ କରିବାକୁ କେମିତି ଅନୁମତି ଦିଆଗଲା ବୋଲି ଏକ ବିବାଦ ଆରମ୍ଭ ହୋଇଛି, ଯେଉଁଠାରେ କୋଭିଡ-୧୯ ମହାମାରୀ ପରଠାରୁ ସାଧାରଣ ଭକ୍ତଙ୍କ ପ୍ରବେଶ ନିଷେଧ କରାଯାଇଛି।

ଏକ ଅଜ୍ଞାତ ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଥିବା ଏହି ଭିଡିଓକୁ ଲକ୍ଷଲକ୍ଷ ଲୋକ ଦେଖିସାରିଛନ୍ତି ଏବଂ ସୋସିଆଲ ମିଡିଆ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ୩୫ଲକ୍ଷର ବ୍ରାଉନସୁଗାର ଜବତ

**କଟକ,୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ କଟକ ଅବକାରୀ ବିଭାଗ ପୃଥକ ପୃଥକ ସ୍ଥାନରୁ ୩ ଜଣଙ୍କୁ ଗିରଫ କରିଛି। କଟକ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ବାଲିଯାତ୍ରା ତଳ ପଡ଼ିଆରେ ଚଢ଼ାଉ କରି ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କ୍ୟାଣ୍ଟେନମେଣ୍ଟ ଥାନା ଅର୍ନ୍ତଗତ ଯୋବ୍ରା ନଦୀକୂଳସାହିର କାହ୍ନା ଘଡ଼େଇ (୨୦)। ଗିରଫ ଅଭିଯୁକ୍ତ ନିକଟରୁ ଅବକାରୀ ପୋଲିସ ୧୨୧ ଗ୍ରାମ୍‌ର ବ୍ରାଉନସୁଗାର ଓ ଗୋଟିଏ ହିରୋ ଗ୍ଲାମର ମଟର ସାଇକେଲ ନଂ (ଓଡ଼ି୦୫ଆର୧୫୦୪) ଜବତ କରିଛି। ସେହିପରି କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ପକ୍ଷରୁ ଚାନ୍ଦିନୀଚୌକ ଛକ ଓ ବକ୍ସିବଜାର ଛକରୁ ୨ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦୀନଚୌକ ଅଂଚଳର ପ୍ରକାଶ କୁମାର ବାରିକ (୪୦) ଓ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ମଠସାହି ଗୋପାଳଜୀଉ ଲେନର କରଣ ରାଜ (୧୮)। ଗିରଫ ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ଅବକାରୀ ପୋଲିସ ୨୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଆଜି ପୃଥକ ପୃଥକ ସ୍ଥାନରୁ କଟକ ଅବକାରୀ ବିଭାଗ ମୋଟ ୩୪୧ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୫ଲକ୍ଷ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରଥମ ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଅବନୀ ମହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ ଓ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ ଓ କନେଷ୍ଟବଳ କିଶନ ସବୁତ, ଅଶ୍ୱିନୀ ପରିଡ଼ା, ଯୋଗେନ୍ଦ୍ର ସାହୁ, ମାନସ ରଂଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଦ୍ୱିତୀୟ ଚଢ଼ାଉରେ ଇନ୍ସପେକ୍ଟର ହୀରା ଦଳପତି, ଅବକାରୀ ଇନ୍ସପେକ୍ଟର ସୁଶାନ୍ତ ମହାପାତ୍ର, ଏସଆଇ ଶେଖ୍ ସାକିରଉଲ୍ଲା, ଏଏସଆଇ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ବ୍ରହ୍ମପୁର ନିକଟରେ ନିର୍ମାଣ ହେବ ୧୦ ଗୁରୁତ୍ୱପୂର୍ଣ୍ଣ ରାସ୍ତା



**ଭୁବନେଶ୍ୱର,୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଓ ବ୍ରହ୍ମପୁର ସହର ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ ଏବଂ ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଲିଭିଙ୍ଗ୍ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବ୍ରହ୍ମପୁର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବ ଅବସରରେ ଯୋଗଦେଇ ସେ ଏହି ଘୋଷଣା କରିଛନ୍ତି।

ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି କରାଯାଇ ଏହାକୁ ଗ୍ରେଟର ବ୍ରହ୍ମପୁର ସିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ଏଥିପାଇଁ ଆବଶ୍ୟକ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ସହରରେ ଟାଉନ ପ୍ଲାନିଂ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି ଟିପି ସ୍କିମ୍ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକ ମାନେ ମଧ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ନିର୍ମାଣ କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡ଼ିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାର ଭୂମିକା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସେହିପରି ବ୍ରହ୍ମପୁର-ଜୟପୁରକୁ ସଂଯୋଗର ***(ଶେଷ ପୃଷ୍ଠା ଦେଖନ୍ତୁ)***

## ଇଥିଓପିଆ ସଂସଦକୁ ମୋଦୀଙ୍କ ସମ୍ବୋଧନ



**ନୂଆଦିଲ୍ଲୀ,୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଇଥିଓପିଆ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀ। ଆଜି ଏହି ଅବସରରେ ଇଥିଓପିଆ ସଂସଦକୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ କହିଛନ୍ତି ଯେ ଏହା ମୋ ପାଇଁ ଗର୍ବର ବିଷୟ କି ଲୋକତନ୍ତ୍ରର ମହିନ୍ଦରକୁ ଆସିଛି। ବନ୍ଧୁତାର ନୂଆ ଅଧ୍ୟାୟ ଲେଖୁଛନ୍ତି ଭାରତ ଓ ଇଥିଓପିଆ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ମନ ମିଶିଲେ ପର୍ବତ ଆପେ ଆପେ ରାସ୍ତା ଦେଖାଏ। ଇଥିଓପିଆ ସିଂହଙ୍କ ଦେଶ ମୁଁ ଏଠାକୁ ଆସି ବେଶ ଆନନ୍ଦିତ ଅନୁଭବ କରୁଛି। ନିଜ ଘରକୁ ଆସିବା ଭଳି ମନେ ହେଉଛି। କାରଣ ମୋ ଦେଶ ଭାରତରେ ମୋର ଗୃହ ଗୁଜୁରାଟକୁ ସିଂହର ଧରିତ୍ରୀ ବୋଲି କୁହାଯାଏ। ଆମ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଭଳି ଇଥିଓପିଆ ଜାତୀୟ ସଙ୍ଗୀତ।

ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଇଥିଓପିଆ ସଂସଦକୁ ସମ୍ବୋଧିତ କରିବା ଏକ ମହାନ ସମ୍ମାନ ଏବଂ ସୌଭାଗ୍ୟର କଥା। ***(ଶେଷ ପୃଷ୍ଠା ଦେଖନ୍ତୁ)***

## ୩୯ ଦେଶ ପାଇଁ ଟ୍ରମ୍ପଙ୍କ କଟକଣା

**ନୂଆଦିଲ୍ଲୀ,୧୭।୧୨:**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ସୁରକ୍ଷା ଓ ସାଧାରଣ ସୁରକ୍ଷା ନାଁରେ ଆହୁରି ସାତଟି ଦେଶ ଏବଂ ପାଲେଷ୍ଟାଇନବାସୀଙ୍କ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରିଛନ୍ତି। ଏହା ସହିତ, ଅନ୍ୟ ୧୫ଟି ଦେଶର ନାଗରିକଙ୍କ ପାଇଁ ଆଂଶିକ ପ୍ରବେଶ ପ୍ରତିବନ୍ଧକ ଲାଗୁ କରାଯାଇଛି।

ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ଯୋଗୁଁ ଆମେରିକା ଦ୍ୱାରା ଯାତ୍ରା ପ୍ରତିବନ୍ଧକ କିମ୍ବା ପ୍ରବେଶ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦେଶର ସଂଖ୍ୟା ୩୯ରେ ପହଞ୍ଚିଛି। ନୂତନ ପ୍ରତିବନ୍ଧକ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ। ପ୍ରଶାସନ କହିଛି ଯେ ଦୁର୍ବଳ ଭିସା ସ୍କ୍ରିନିଂ ବ୍ୟବସ୍ଥା, ଅଧିକ ଭିସା ଓଭରଷ୍ଟେ ହାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର ବିପଦ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି। ଟ୍ରମ୍ପ ପ୍ରଶାସନ ଆଙ୍ଗୋଲା, ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା: ମନସ୍ତତ୍ୱ ସହାୟତା ନିଆଯାଉନି


**ଭୁବନେଶ୍ୱର,୧୭।୧୨: ତଥ୍ୟ**

ଉଚ୍ଚଶିକ୍ଷାନୁଷ୍ଠାନ ଗୁଡିକରେ ବାରମ୍ବାର ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଉଦବେଗ ସୃଷ୍ଟି କରୁଥିବାବେଳେ ଏଭଳି ଦୁର୍ଘଟଣାକୁ ଏଡାଇବାପାଇଁ ଥିବା ବ୍ୟବସ୍ଥାର ଠିକଣା ଅନୁପାଳନ ହେଉନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ମନସ୍ତତ୍ୱ ପରାମର୍ଶଦାତାଙ୍କୁ ସଂଖ୍ୟାଧିକ କ୍ଷେତ୍ରରେ ନିୟୋଜନ କରାଯାଉନଥିବାରୁ ଅବସାଦଗ୍ରସ୍ତ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ତରରେ ଉପଚାର କରାଯାଇ ପାରୁନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ବିଭିନ୍ନ କାରଣରୁ ଛାତ୍ରଛାତ୍ରୀଙ୍କ ଭିତରେ ମାନସିକ ଅବସାଦ ବୃଦ୍ଧି ପାଇଥାଏ। ଏଥିଯୋଗୁଁ କେବଳ ଓଡିଶା ନୁହେଁ, ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିବର୍ଷ କେତେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଆସୁଛନ୍ତି।

ମନସ୍ତତ୍ୱବିତ୍‌ମାନେ କହୁଛନ୍ତି ଯେ ପାଠପଢାର ଚାପ, ପ୍ରେମ ବ୍ୟାପାର, ଆର୍ଥିକ ଦୁରବସ୍ଥା, ଭବିଷ୍ୟତରେ ନିଯୁକ୍ତି ମିଳିବାର ଅନିଶ୍ଚିତତା ଏବଂ ଅନ୍ୟ କେତେକ କାରଣରୁ ପିଲାମାନଙ୍କର ମାନସିକ ଅବସାଦ ବଢିଥାଏ। କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ମଧ୍ୟ ମାନସିକରୋଗରେ ଆକ୍ରାନ୍ତ ହୋଇଯାଇଥାନ୍ତି। ଏହାଛଡା ନିଶାର ପ୍ରସାର ଓ ବିଭିନ୍ନ ପ୍ରକାରର ହିଂସା ଏବଂ ସର୍ବୋପରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଅନେକ ନକରାତ୍ମକ ତଥ୍ୟ ଛାତ୍ରଛାତ୍ରୀମାନଙ୍କୁ ଦୁର୍ବଳ କରୁଛି।

ଏହି ସମସ୍ୟା ବର୍ଷକୁ ବର୍ଷ ଗମ୍ଭୀର ହେଉଥିବା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ କେତେକ ପ୍ରକାରର ଉଚ୍ଚଶିକ୍ଷାନୁଷ୍ଠାନ



ପିଲାମାନଙ୍କ ମାନସିକ ଚାପ ଲାଘବ କରିବାଲାଗି ଅଭିଜ୍ଞ ମନସ୍ତତ୍ୱବିତ୍‌ମାନଙ୍କ ପରାମର୍ଶ ଗ୍ରହଣ କରିବାକଥା। ତେବେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ମନସ୍ତତ୍ୱବିତ୍‌ମାନଙ୍କର ସହାୟତା ନିଆଯାଉନାହିଁ। ଯେତେବେଳେ କୌଣସି କାରଣରୁ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି ସେତେବେଳେ କିଛିଦିନ ପାଇଁ ଗଣମାଧ୍ୟମରେ ଝଡ ସୃଷ୍ଟିହୋଇ ପୁଣି ଆଉଜଣେ ଛାତ୍ର କି ଛାତ୍ରୀ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ନିରବି ଯାଉଛି। କେବଳ ଆତ୍ମହତ୍ୟା ନୁହେଁ, କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ମଧ୍ୟ ହତ୍ୟାକାଣ୍ଡ, ଦୁର୍ବ୍ୟବହାର ଭଳି ଅପରାଧର ସମ୍ମୁଖୀନ ହେଉଛନ୍ତି।

ଯେଉଁ କ୍ଷେତ୍ରରେ ପିଲାମାନଙ୍କର ଏଭଳି ସମସ୍ୟା ଉପୁଜୁଛି ତାହାର ନିରାକରଣ ଲାଗି ତୁରନ୍ତ ମନସ୍ତତ୍ୱ ବିଷାରଦମାନଙ୍କ ପରାମର୍ଶ ନେବା ଆବଶ୍ୟକ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ କର୍ତ୍ତୃପକ୍ଷ, ପରିବାରବର୍ଗ, ସାଙ୍ଗସାଥୀମାନେ ଏ ସଂକ୍ରାନ୍ତରେ ସଚେତନ ହେଲେ ବହୁ କ୍ଷେତ୍ରରେ ଆତ୍ମହତ୍ୟା ସମେତ ନିଶା ଓ ଅନ୍ୟାନ୍ୟ ଅପରାଧକୁ ଏଡାଇ ଦେଇ ହେବ। ଏଥିଲାଗି ନିୟମିତ ବ୍ୟବଧାନରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରଛାତ୍ରୀଙ୍କ ସହ ମନସ୍ତତ୍ୱ ବିଷାରଦମାନଙ୍କର ବାର୍ତ୍ତାଳାପ କରାଯିବାର ଆବଶ୍ୟକତା ରହିଛି।

ଓଡିଶାରେ ଏହି ସମସ୍ୟା ଉଭୟ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ବଢି ବଢି ଚାଲୁଛି ଏବଂ ଏଥିଯୋଗୁଁ ପୁଲିସ୍ ଓ ପ୍ରଶାସନ ମଧ୍ୟ ବହୁ କ୍ଷେତ୍ରରେ ଅଡୁଆରେ ପଡୁଛି। ଯେଉଁସବୁ ଶିକ୍ଷାନୁଷ୍ଠାନଗୁଡିକରେ ମନସ୍ତତ୍ୱ ପରାମର୍ଶଦାତା ନାହାନ୍ତି ଏବଂ ଆଉ ଯେଉଁସବୁ ସ୍କୁଲରେ ମନସ୍ତତ୍ୱବିତ୍‌ମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ ସେଗୁଡିକୁ ଚିହ୍ନଟ କରି କର୍ତ୍ତୃପକ୍ଷ ଉତ୍ତରଦାୟୀ ରଖିବା ଆବଶ୍ୟକ ବୋଲି ମନସ୍ତତ୍ୱ ବିଶାରଦମାନେ କହୁଛନ୍ତି।



# ଦୁଇ ବାଇକ୍ ମୁହାଁମୁହିଁ : ୨ ମୃତ

**କରଞ୍ଜିଆ: ଏକ୍ସପ୍ରେସ ନ୍ୟୁଜ୍**

ମର୍ମନ୍ତୁଦ ସଡକ ଦୁର୍ଘଟଣା। ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ୪୯ ନମ୍ବର ଜାତୀୟ ରାଜପଥରେ।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ଯଶୀପୁର ବଜାର ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ଯଶୀପୁର ଏସ୍‌ବିଆଇ ବ୍ୟାଙ୍କ ଶାଖା ସମ୍ମୁଖରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁଇ ବାଇକ୍ ଜୋରରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଆରୋହୀ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ବାଇକ୍ ଆରୋହୀଙ୍କ ମେଡିକାଲ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଘଟିଛି। ୨ ଗୁରୁତର ବାଇକ୍ ଆରୋହୀଙ୍କୁ ଯଶୀପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତି ଦୁଇ ଜଣଙ୍କ ମଧ୍ୟରୁ ଜଣେ ବିହାର ରାଜ୍ୟର ହୋଇଥିବା ବେଳେ ଅନ୍ୟ ଜଣେ ମୃତ ବ୍ୟକ୍ତି ଓ ୨ ଗୁରୁତର ଯଶୀପୁର ଥାନା ଇଟିଘର ଗାଁର ବୋଲି ଜଣାପଡିଛି। ଘଟଣାସ୍ଥଳରେ ଯଶୀପୁର ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।


# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ଡିସେମ୍ବର ୨୦୨୫ । ଗୁରୁବାର




## ମୋବାଇଲ ଖୋଲି ଦେଲା ଶିକାରୀଙ୍କ ଗୁମର

**କଣ୍ଟାବଣିଆ: ଏକ୍ସପ୍ରେସ ନ୍ୟୁଜ୍**

ମୋବାଇଲ ଖୋଲିଦେଲା ଶିକାରୀଙ୍କ ରାକେଟର ଗୁମର। ଶିକାରୀ ଗିରଫ ହେବା ପରେ ଜଙ୍ଗଲୀ ଜନ୍ତୁ ମାଂସ କାରବାର ପଦାରେ ପଡିଛି। ହ୍ୱାଟ୍ସଆପ୍ ଗ୍ରୁପ କରି ଚ଼ଳାଇଥିଲେ କାରବାର। ଜଙ୍ଗଲଜାତ ସାମଗ୍ରୀ ଓ ଜୀବଜନ୍ତୁଙ୍କ ମାଂସ କେଉଁଠି କାହାକୁ କେମିତି ଦିଆହେବ ସେ ନେଇ ମୋବାଇଲ ଯୋଗେ ଚ଼ାଲିଥିଲା କାରବାର। କୁଳଡ଼ିହା ଅଭୟାରଣ୍ୟରେ ଶିକାରୀଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ଜଙ୍ଗଲରେ ଜନ୍ତୁ ଶିକାର କରି ବିକୁଥିଲେ। କିଏ ମାଂସ ନେବ ? କିଏ ନେଇ କେଉଁଠାରେ ଦେବ ? ସବୁକିଛି ଚ଼ାଲିଥିଲା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ। କୁଳଡିହା ଅଭୟାରଣ୍ୟରେ ଜଙ୍ଗଲୀ ମାଂସ ବ୍ୟବସାୟ, ଜନ୍ତୁ ଶିକାର ଘଟଣାରେ ପୁଣି ୬ ଶିକାରୀଙ୍କୁ ଗିରଫ କରାଯାଇଛି । ମୋଟ୍ ୯ ଶିକାରୀଙ୍କୁ ଗିରଫ କଲାଣି ବନବିଭାଗ ।

ବଜ୍ରକାପ୍ତା କାତି, ହାତୀ ଦାନ୍ତ ଓ ଜଙ୍ଗଲ ଜନ୍ତୁଙ୍କୁ ମାରି ମାଂସ ବ୍ୟବସାୟ ଘଟଣାରେ ଥିଲା ଶିକାରୀଙ୍କ ସମ୍ପୃକ୍ତି। ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନରୁ ଦେଶୀ ବନ୍ଧୁକ ସହ ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ କୁଟରା ଓ ଗୋଟିଏ ଝିଙ୍କ ମୃତଦେହ ପୂର୍ବରୁ ଉଦ୍ଧାର କରାଯାଇଥିଲା। ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନ ଶ୍ୟାମସୁନ୍ଦରପୁର ଅଞ୍ଚଳର କଟି ସିଂ, ମଙ୍ଗଲ ସିଂ ଏବଂ କଣ୍ଟାବଣିଆ ଅଞ୍ଚଳର ନାଥ ସିଂ ଓ ମୁଗୁନିପୁର ଗ୍ରାମର ଜୟନ୍ତ ମଲ୍ଲିକ, ବିପନ ମଲ୍ଲିକଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଆଜି ଉକ୍ତ ଘଟଣାରେ ପୁନଃ ୪ ଶିକାରୀଙ୍କୁ ଗିରଫ କରିଛି ବନବିଭାଗ। ତେବେ ବାରମ୍ବାର ଅଭୟାରଣ୍ୟ ମଧ୍ୟକୁ ଶିକାରୀ ପ୍ରବେଶକରିବା କଉଠି ନା କଉଠି ବନବିଭାଗର ପାରିବାପଣିଆକୁ ଉପରେ ପ୍ରଶ୍ନ ଉଠାଇଛି।

## ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ମାଲକାନଗିରି ଗସ୍ତ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ବିଜେଡି ଦଳର ସାତ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଏମଭି-୨୬ ଓ ରାଖେଲଗୁଡା ଗ୍ରାମରେ ପହଁଚ଼ି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ରମେଶ ଚ଼ନ୍ଦ୍ର ମାଝୀ, ରବି ନାରାୟଣ ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠ ବିଜେଡି ନେତା ଈଶ୍ୱର ଚ଼ନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ଟିମରେ ଅଛନ୍ତି।

ବିଜେଡିର ଏହି ଟିମ ପ୍ରଥମେ ରାଖାଲଗୁଡା ଗାଁକୁ ଯାଇ ଆଦିବାସୀ ଲୋକଙ୍କ ସହ ଆଲୋଚ଼ନା କରିଥିଲେ। କେଉଁ ପରିସ୍ଥିତିରେ ଆଦିବାସୀ ମହିଳାଙ୍କ ହତ୍ୟା ହୋଇଥିଲା ତାହାର ଚିକିନିଖି ତଥ୍ୟ ଗାଁ ଲୋକଙ୍କ ଠାରୁ ସଂଗ୍ରହ କରିଥିଲେ। ଏହା ପରେ ଏମଭି ୨୬ ଗାଁକୁ ଯାଇ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ବଙ୍ଗୀୟ ଲୋକଙ୍କ ସହ ଆଲୋଚ଼ନା କରିଥିଲେ। ଲୋକେ କାହିଁକି ଏମଭି ୨୬ ଗାଁରେ କ୍ଷୟକ୍ଷତି କରିଥିଲେ, ତାହାର ମଧ୍ୟ ଚିକିନିଖି ତଥ୍ୟ ସଂଗ୍ରହ କରିଛି। ଉଭୟ ଆଦିବାସୀ ଓ ବଙ୍ଗାଳି ଲୋକେ ଆଗାମୀ ଦିନରେ କିପରି ଶାନ୍ତି ବଜାଇ ରଖିବେ



ସେ ନେଇ ବିଜେଡି ଚେଷ୍ଟା କରିବ ବୋଲି ବିଜେଡି ନେତା ପ୍ରଦୀପ ମାଝି କହିଛନ୍ତି। ଘଟଣା ପାଇଁ ସରକାର ଦାୟୀ ବୋଲି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କହିଛନ୍ତି।

ରାଖଲଗୁଡା ଗ୍ରାମର ମୃତ ମହିଳାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସରକାର ଓ ବିଜେଡି ଟିମ ନିକଟରେ ଦାବି ରଖିଛନ୍ତି ଜିଲ୍ଲା କୋୟା ସମାଜ ଓ ଗ୍ରାମବାସୀ। ଏହା ସହ ଏମଭି ୨୬ ହିଂସାକାଣ୍ଡରେ ଯେଉଁମାନଙ୍କୁ ଗିରଫ କରାଯାଇଛି, ସେମାନଙ୍କୁ ଜାମିନ ପ୍ରଦାନ ସହ ଛାଡିବା ପାଇଁ ଦାବି କରିଛନ୍ତି। ଅପର ପକ୍ଷରେ ଭଙ୍ଗା ଘର ଆଗରେ ପ୍ରଶାସନ ଯୋଗାଇ ଥିବା ଜରି ପାଲ ତଳେ ଏମଭି ୨୬ ଗ୍ରାମବାସୀ ଦିନ କାଟୁଥିବା ଦେଖିବାକୁ ମିଳିଛି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ତୃଣମୂଳ ସ୍ତରରୁ ସ୍ଥିତି ଅନୁସନ୍ଧାନ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏହି ଟିମ କହିଛି।

## ସଇଁନ୍ଦା-ମହୁରା ସଫେଇ ନାଳୀ ଉପରେ ଗାର୍ଡ଼୍ୱାଲ ଓ ପାହାଚ ଦାବି

**ଫୁଲନଖରା: ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଗଣ୍ଡରପୁର ସ୍ଥିତ ଡ୍ରେନେଜ ବିଭାଗ ଅଧୀନରେ ସଇଁନ୍ଦା - ମହୁରା ସଫେଇ ନାଳି ଅନ୍ତର୍ଭୁକ୍ତ । ଏହି ସଫେଇ ନାଳୀର ଅରଡିଆପଦା ଡାହାଣୀ ଗାଡିଆ ନିକଟରେ ପୁଷ୍କରିଣୀ ସୃଷ୍ଟି ହୋଇଥିବାରୁ ଲୋକମାନେ ଏହି ନାଳୀରେ ଗାଧୁଆ ଓ ସକାଳ ସନ୍ଧ୍ୟାର ନିଜର ନିତ୍ୟକର୍ମ ଶୌଚାଦି କରିଥାନ୍ତି ଏବଂ ଏହି ସଫେଇକୁ ଲାଗି ଡିଅ ସାହିର ଏକ ଶ୍ମଶାନ ଥିବାରୁ ଲୋକମାନେ ଶବଦାହ କରି ଏହି ସଫେଇ ନାଳୀରେ ଗାଧୁଆ - ପାଧୁଆ ମଧ୍ୟ କରିଥାନ୍ତି । ଏହାକୁ ଆଖି ଆଗରେ ରଖି ଡ୍ରେନେଜ୍ ବିଭାଗ ସଫେଇ ନାଳୀରେ ପାହାଞ୍ଚ ଓ ଗାର୍ଡ଼ୱାଲ ୮-୧୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା । ଲୋକମାନେ ମଧ୍ୟ ଏହାକୁ ବ୍ୟବହାର କରିଆସୁଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପ୍ରଶସ୍ତିକରଣ ଓ ଏହି ସଫେଇ ନାଳି ଉପରେ ପଡିଥିବା ହୋମ ପାଇପ ଉଠାଇ ଛାତ ପୋଲ ନିର୍ମାଣ କରାଯିବାରୁ ଗାର୍ଡ଼ ୱାଲ୍ ଓ ପାହାଞ୍ଚ ଭାଙ୍ଗି ଯାଇଥିଲା ଯ ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ସଫେଇ ବିଭାଗ ଯନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜନ ସାଧାରଣଙ୍କ ଉପକୃତ ନିମନ୍ତେ ଯଥା ଶୀଘ୍ର ଗାର୍ଡ଼ ୱାଲ୍ ଓ ପାହାଞ୍ଚ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳରୁ ଦାବି ହୋଇଛି ଯ ସେହିପରି ଏହି ସଫେଇ ନାଳିର ମହାଧରପଡା ହାଇସ୍କୁଲ ସାମ୍ନାରେ ଅନୁରୂପ ଗାର୍ଡ଼ ୱାଲ ଓ ପାହାଞ୍ଚ ନିର୍ମାଣ ପାଇଁ ଅତ୍ୟନ୍ତ ଆବଶ୍ୟକ ରହିଛି । ତୁରନ୍ତ ଏଥିପ୍ରତି ଜଳ ନିଷ୍କାସନ ବିଭାଗ ଯନ୍ତ୍ରୀ ତଦନ୍ତ କରି ଜଣ ସାଧାରଣଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।

## ଦାଦାଙ୍କୁ ପିଟିପିଟି ହତ୍ୟା କଲା ପୁତୁରା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଜମିବାଡ଼ି ବିବାଦରୁ ଦାଦାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟାକଲା ପୁତୁରା। ପ୍ରତିବାଦ କରିବାରୁ ମୃତକଙ୍କ ପତ୍ନୀ ଆକ୍ରମଣର ଶିକାର ହୋଇଛନ୍ତି। ଅଭିଯୁକ୍ତ ପୁତୁରାକୁ ଗିରଫ କରି ପୋଲିସର ତଦନ୍ତ ଜାରି ରହିଛି। ସୂଚ଼ନାଯୋଗ୍ୟ ଯେ, ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ହୁଣ୍ଡି ସାହିରେ ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ ଘଟିଛି। ନିଜ ଦାଦାଙ୍କୁ ଠେଙ୍ଗାରେ ପିଟିପିଟି ପୁତୁରା ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଗୋବିନ୍ଦପୁର ହୁଣ୍ଡି ସାହିର ମାନସ ନାଏକ ବୋଲି ଜଣାପଡିଛି। ଆକ୍ରମଣ ବେଳେ ପ୍ରତିବାଦ କରିବାକୁ ଯାଇ ମୃତ ମାନସ ନାଏକଙ୍କ ପତ୍ନୀ ମଧ୍ୟ ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ଜମିବାଡିକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଅଭିଯୁକ୍ତ ପୁତୁରା ବାନାମ୍ବର ନାଏକଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ କରିଛି ପୋଲିସ ।

## ମଣ୍ଡିବୁଲି ଚ଼ାଷୀଙ୍କ ସମସ୍ୟା ଶୁଣିଲେ ବିଧାୟକ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ବୁଧବାର ସୁଦ୍ଧା ବଲାଙ୍ଗୀର ଜିଲ୍ଲାର ମଣ୍ଡିମାନଙ୍କରେ ଧାନକିଣା ଆରମ୍ଭ ହୋଇନାହିଁ। ଏହାକୁ ନେଇ ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଉଦବେଗ ପ୍ରକାଶ କରିବା ସହ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚ଼ରଣ ମାଝିଙ୍କୁ ଚ଼ିଠିଲେଖି ଜଣାଇଛନ୍ତି। ବୁଧବାର ଦିନ ୧୧ଟା ବେଳେ ବଲାଙ୍ଗୀର ସଦରବ୍ଲକ ଅନ୍ତର୍ଗତ କୁଡାସିଂହା ପେକ୍ସ ସହିତ ଅନ୍ୟ କିଛି ପେକ୍ସକୁ ପରିଦର୍ଶନ କରି ଚ଼ାଷୀଙ୍କ ସମସ୍ୟା ବିଷୟରେ ଆଲୋଚ଼ନା କରିବା ସହିତ ଧାନକିଣାରେ ପ୍ରଶାସନିକ ଅବହେଳାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ବିଧାୟକ ଏନେଇ ଗଣମାଧ୍ୟମକୁ କହିଛନ୍ତି ଯେ, ବଲାଙ୍ଗୀର ଜିଲ୍ଲାର ଧାନକିଣା ବୈଠକ (ଡିଏଲପିସି)ରେ ଡିସେମ୍ବର ୫ ତାରିଖ ସୁଦ୍ଧା ମଣ୍ଡିଖୋଲି ଧାନ କିଣିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଆଜି ସୁଦ୍ଧା କୌଣସି ପେକ୍ସରେ ଧାନ କିଣାଯାଇନାହିଁ। ଚ଼ାଷୀମାନେ ଧାରଉଧାର କରି ଚ଼ାଷ କରିଛନ୍ତି। ଶ୍ରମିକମାନଙ୍କର ତଥା ଧାନଅମଳରେ ବ୍ୟବହାର କରିଥିବା ମେସିନର ପାଉଣା ପରିଶୋଧ ପାଇଁ ଚ଼ାଷୀମାନେ ବ୍ୟଗ୍ରଥିବା ବେଳେ ପ୍ରଶାସନର ବିଳମ୍ବିତ ମଣ୍ଡି



ବ୍ୟବସ୍ଥାରେ ଅତିଷ୍ଠ ହୋଇଯାଇଛନ୍ତି ବୋଲି ଚ଼ାଷୀମାନେ ବିଧାୟକ ଶ୍ରୀ ସିଂଦେଓଙ୍କ ପାଖରେ ଅଭିଯୋଗ କରିଥିଲେ। ଜିଲ୍ଲାର ଛୋଟ ଓ ନାମମାତ୍ର ଚ଼ାଷୀ ହଇରାଣ ହେବା ସହିତ କମଦରରେ ଦଲାଲ ହାତରେ ଧାନ ବିକ୍ରି କରିଦେଉଛନ୍ତି ବୋଲି ବିଧାୟକ କହିଛନ୍ତି। ବୁଧବାର ବିଧାୟକ କୁଡାସିଂହାରେ ପହଞ୍ଚିଲା ବେଳେ କିଛି ଚ଼ାଷୀ ତାଙ୍କର ଧାନକୁ ଆଣି ପେକ୍ସରେ ରଖିଥିଲେ। ସେମାନେ ଟୋକନ ପାଇଥିଲେ ହେଁ ମିଲର୍ସ ଆସୁନଥିବାରୁ ପେକ୍ସରେ ସେହିଧାନକୁ ଓଜନ କରି କିଣୁନାହିଁ। ମିଲର୍ସ ଆସିଲାପରେ ଧାନ ଏଣ୍ଟ୍ରିହେବ ବୋଲି କୁହାଯାଇଛି। ମଣ୍ଡିକୁ ଆସିଥିବା ଧାନକୁ ତୁରନ୍ତ ଏଣ୍ଟ୍ରିକରିବାକୁ ବିଧାୟକ ପେକ୍ସର ସଂପାଦକ ଆଶିଷ ସାହୁଙ୍କୁ ନିର୍ଦ୍ଦେଶ କରିଥିଲେ। ସେପଟେ ଚ଼ାଷିଙ୍କୁ ପେକ୍ସରେ ଅଖାବସ୍ତା ମିଳିନଥିବା ବିଷୟ ମଧ୍ୟ ଜଣାପଡିଥିଲା। ଫଳରେ ବିଧାୟକ ଜିଲ୍ଲା ପ୍ରଶାସନର ଏଭଳି କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତକରି ମଣ୍ଡିସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚ଼ରଣ ମାଝୀଙ୍କୁ ଚ଼ିଠିଲେଖି ଦାବି କରିଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି। ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚ଼ିଠିରେ ବଲାଙ୍ଗୀର ଜିଲ୍ଲାରେ ମଣ୍ଡି ଖୋଲାଯାଇନଥିବା, ଚ଼ାଷୀଙ୍କୁ ଠିକରେ ଟୋକନ ଦିଆଯାଇନଥିବା ତଥା ଚ଼ାଷୀଙ୍କ ପାଖକୁ ବସ୍ତା ପହଞ୍ଚିନଥିବା ପ୍ରମୁଖ ସମସ୍ୟା ବିଷୟରେ ଉଲ୍ଲେଖ କରି ଏହାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ କରିବାକୁ ଅନୁରୋଧ କରିଛନ୍ତି। ବିଧାୟକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସଦାଇପାଲି ସମିତିସଭ୍ୟ ଗୋଲାପ ବାଗ, ଯୁବନେତା ପ୍ରଦ୍ୟୁମ୍ନ ହୋତା, ବିଜେଡି ଆଇଟିସେଲର ସଂଯୋଜକ ବିଭୁତିଭୂଷଣ ମିଶ୍ର, ଲେଙ୍କା ସାହୁଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ଅସନ୍ତୋଷ ଆନ୍ଦୋଳନ ରୂପ ନେବ

**ଗଞ୍ଜାମ: ଏକ୍ସପ୍ରେସ ନ୍ୟୁଜ୍**

ଗତ ୨୪ବର୍ଷ ଧରି ନବୀନ ସରକାର ଅଙ୍ଗନବାଡି କର୍ମୀମାନଙ୍କ ଦରମା ବୃଦ୍ଧି ପେନସନ ଓ ଚ଼ାକିରିର ସ୍ଥାୟୀତ୍ୱ କରିବା ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ପରେ ବିଜେପି ମୋହନ ସରକାର ବିଧାୟକମାନଙ୍କର ତିନିଗୁଣ ଦରମା ବୃଦ୍ଧି କରିଛନ୍ତି। ତଥାପି ଏହା ସେମାନଙ୍କ ପାଇଁ ନିଅଣ୍ଟ ବୋଲି କହୁଥିବା ବେଳେ ଜଣେ ଅଙ୍ଗନବାଡି କର୍ମୀ ମାସିକ ୧୦ହଜାର ଟଙ୍କା ବତନ ପାଇ ସେମାନଙ୍କର ତେଲଲୁଣର ସଂସାର କିପରି ଚ଼ଳାଉଥିବେ ବିଜେପି ସରକାର ଚ଼ିନ୍ତା କରୁଛନ୍ତିତ ? ଗତ ସରକାର ସମୟରେ ନିଜର ଦାବି ନେଇ ଅଙ୍ଗନବାଡି କର୍ମୀମାନେ ଆନ୍ଦୋଳନ ଓ ଧର୍ମଘଟ କରୁଥିବା ବେଳେ ସାଧାରଣ ନିର୍ବାଚ଼ନ ପୂର୍ବରୁ ବିଜେପି ନେତୃବୃନ୍ଦ ବିଶେଷ କରି ବର୍ତ୍ତମାନର ଶିଶୁ ବିକାଶ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଆନ୍ଦୋଳନରତ ? ଅଙ୍ଗନବାଡିକର୍ମୀମାନଙ୍କ ପାଖକୁ ଯାଇ ବିଜେପି ସରକାର ଓଡିଶାରେ ଆସିଲେ ସମସ୍ତ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ।

ବିଜେପି ସରକାର ଆସିବାର ଦେଢବର୍ଷ ବିତିଯାଇଥିଲେ ମଧ୍ୟ ବିଜେପି ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଯାଇଛି। ଏହାକୁ ନେଇ ଗଞ୍ଜାମ ଜିଲ୍ଲାର ଅଙ୍ଗନବାଡି କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେମାନଙ୍କରଦାବି ତୁରନ୍ତ ପୂରଣ କରାନଗଲେ ଆଗାମୀ ଦିନରେ ଅଙ୍ଗନବାଡି କର୍ମୀ ମାନେପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୂଚ଼ନା ମିଳିଛି।

### ବାଣିଜ୍ୟ

## ଏସବିଆଇ ପକ୍ଷରୁ ୟୋନୋ ୨.୦ ଉନ୍ମୋଚିତ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ପକ୍ଷରୁ ୟୋନୋ ୨.୦କୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ଉଭୟ ମୋବାଇଲ୍ ଓ ନେଟ୍ ବ୍ୟାଙ୍କିଙ୍ଗର ମିଶ୍ରଣରେ ଉନ୍ନତ ଡିଜିଟାଲ ଭର୍ସନ ରହିଛି। ୟୋନୋର ଆଠ ବର୍ଷର ଯାତ୍ରାକୁ ପାଳନ କରୁଥିବା ଏହି ଅତ୍ୟାଧୁନିକ ପ୍ଲାଟଫର୍ମରେ ବ୍ୟାଙ୍କର ୫୦ କୋଟିରୁ ଅଧିକ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କର ଓମନିଚ୍ୟାନେଲ୍ ଦକ୍ଷତା ବେଶ ସୁଦୃଢ଼ ହୋଇପାରିଛି। ନୂଆ ୟୋନୋ ଆପ୍ ଓ ନେଟ୍ ବ୍ୟାଙ୍କିଙ୍ଗ ଏବେ ସମାନ ଢ଼ାଞ୍ଚା ଅଧୀନରେ ପରିଚାଳିତ ହେଉଛି ଯାହାର ୟୁଜର ଇଣ୍ଟରଫେସ୍ ସମାନ ରହିଛି। ଇଣ୍ଟରନେଟ ବ୍ୟାଙ୍କିଙ୍ଗରେ ଆରମ୍ଭ କରାଯାଇଥିବା କାରବାରକୁ ନିରବଚ୍ଛିନ୍ନ ଭାବେ ନୂଆ ୟୋନୋ ଆପ୍‌ରେ ବିନା କୌଣସି ପ୍ରତିବନ୍ଧକରେ ସମ୍ପାଦନ କରାଯାଇପାରିବ। ଏହି ଉନ୍ନତି ସହ ବ୍ୟାଙ୍କ ଏହାର ଡିଜିଟାଲ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆପ୍ ବାହାରେ ଉନ୍ନତ କରିପାରିଛି ଯାହା ଗ୍ରାହକ ଅନୁଭୂତି ଓ ବ୍ୟବହାରକାରୀ ସୁରକ୍ଷାରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବ।



ନୂଆ ୟୋନୋ ଏବେ ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ ହୋଇଥିବା ବେଳେ ୧୫ଟି ଭାଷାକୁ ସମ୍ପ୍ରସାରିତ ହେବାକୁ ପ୍ରସ୍ତୁତ ରହିଛି। ଏଥିରେ ସମସ୍ତଙ୍କ ପାଇଁ ବ୍ୟାଙ୍କିଙ୍ଗ ସହଜ ହେବ। କେୱାଇସି ଓ ରିକେୱାଇସି ବ୍ୟବସ୍ଥାର ସରଳୀକରଣ ପାଇଁ ଏସବିଆଇ ଅଧ୍ୟକ୍ଷ ସିଏସ୍ ସେଟ୍ଟୀଙ୍କ ରହିଥିବା ଲକ୍ଷ୍ୟ ଅନୁସାରେ ନୂଆ ୟୋନୋ ସରଳ କେୱାଇସି ଓ ରିକେୱାଇସି ସୁବିଧା ପ୍ରଦାନ କରିବ ଯାହା ଉତ୍ପାଦ ଓ ସେବା ପାଇଁ ଏକାଧିକ ପ୍ରମାଣିକରଣ ଆବଶ୍ୟକତା ଦୂର କରିବ। ଆଗକୁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବିନା ଗ୍ରାହକମାନେ ମୋବାଇଲ୍ ବ୍ୟାଙ୍କିଂ ଆପ୍ ବ୍ୟବହାର କରିପାରିବେ।

ସାଇବର ନିରାପତାକୁ ପ୍ରାଧାନ୍ୟତା ପ୍ରଦାନ କରି ନୂଆ ଆପ୍‌ରେ ଏକ ଇଲେକ୍ଟ୍ରୋନିକ୍ସ ଲକ୍ ବ୍ୟବସ୍ଥା 'ସିକ୍ୟୁର ଲକ୍' ବ୍ୟବହାର କରାଯାଇଛି। ଏହି ଆପ୍‌ର ପ୍ରତିଟି ପ୍ରକ୍ରିୟାରେ ବିକାଶ, ସୁରକ୍ଷା ଓ ପରିଚାଳନା ଢ଼ାଞ୍ଚା ବ୍ୟବହାର କରାଯାଇଛି ଏବଂ ପ୍ରମାଣୀକରଣକୁ କେନ୍ଦ୍ରୀକୃତ କରାଯାଇଛି।

ଏହି ଅବସରରେ ଏସବିଆଇ ଅଧ୍ୟକ୍ଷ ସିଏସ୍ ସେଟ୍ଟୀ କହିଛନ୍ତି ଯେ, 'ବିଲୀନ, ସୁରକ୍ଷିତ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ ବ୍ୟାଙ୍କିଙ୍ଗ ଅନୁଭୂତି ପ୍ରଦାନ କରିବା ପାଇଁ ଆମ ପ୍ରତିବଦ୍ଧତାର ଅଂଶ ହେଉଛି ନୂଆ ୟୋନୋର ଶୁଭାରମ୍ଭ। ଆମ ପ୍ରମୁଖ ଆପ୍‌ର ଏହି ନୂତନ ରୂପକୁ ଗ୍ରାହକମାନଙ୍କୁ ଅଧିକ ନିୟନ୍ତ୍ରଣ, ସୁବିଧା ଓ ନିଜ ଫାଇନାନ୍ସକୁ ପରିଚାଳନା କରିବାରେ ସ୍ୱଷ୍ଟତା ସହ ସଶକ୍ତ କରାଯାଇଛି। ବର୍ତ୍ତମାନ ଆମର ୯.୬୦ କୋଟି ୟୋନୋ ଗ୍ରାହକ ଓ ୪.୫ କୋଟି ଇଣ୍ଟରନେଟ୍ ଗ୍ରାହକ ଥିବା ବେଳେ ଆମେ ୟୋନୋ ବ୍ୟବହାରକାରୀ ସଂଖ୍ୟା ଦ୍ୱିଗୁଣିତ କରି ୨୦ କୋଟି କରିବାକୁ ଲକ୍ଷ୍ୟ ରଖିଛୁ। ପ୍ରଯୁକ୍ତିକୁ ବ୍ୟବହାର କରି ଆମେ ଶାଖାର ଏକ ଦଶମାଂଶ ମୂଲ୍ୟରେ ଗ୍ରାହକ ସଂଗ୍ରହ କରିବାକୁ ଚାହୁଁଛୁ ଏବଂ ବ୍ୟାପକ ଭାବେ ବ୍ୟକ୍ତିଗତ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ।'

## ସ୍ୱର୍ଗଦ୍ୱାରରେ ବଢୁଛି ଶବ ସଂଖ୍ୟା: କାଠ ନେଇ ଚ଼ିନ୍ତା

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ସ୍ୱର୍ଗଦ୍ୱାରରେ ଶବ ସତ୍କାର ପାଇଁ ଗହଳି। ସ୍ୱର୍ଗଦ୍ୱାରରେ ଶବ ସଂଖ୍ୟା ହୁହୁ ହୋଇ ବଢିବାରେ ଲାଗିଛି। ପ୍ରତିଦିନ ଶତାଧିକ ଅନ୍ତିମ ସଂସ୍କାର। ଗତ ସୋମବାର ସବୁ ରେକର୍ଡ ଭାଙ୍ଗିଛି ସ୍ୱର୍ଗଦ୍ୱାରରେ ଶବ ସତ୍କାର। ୨୪ ଘଣ୍ଟା ଭିତରେ ସ୍ୱର୍ଗଦ୍ୱାରକୁ ଆସିଛି ୧୩୬ ଶବ। ଏହା ସ୍ୱର୍ଗଦ୍ୱାର ଇତିହାସରେ ସର୍ବକାଳୀନ ରେକର୍ଡ। ଗତ ଅଗଷ୍ଟ ମାସରେ ଗୋଟିଏ ଦିନରେ ସର୍ବାଧିକ ୧୨୨ଟି ଶବ ଆସିଥିବା ରେକର୍ଡ ରହିଥିଲା। କ୍ରମାଗତ ଭାବରେ ସ୍ୱର୍ଗଦ୍ୱାରକୁ ଶବ ସଂଖ୍ୟା ବଢିବଢି ଚ଼ାଲିଛି। ଶବ ଦାହ ପାଇଁ ମୁଖ୍ୟ ଭୂମିକା ନିଭାଉଥିବା କାଠ ଯୋଗାଣ କିନ୍ତୁ କମିବାରେ ଲାଗିଛି ଓ ଦର ବଢିବାରେ ଲାଗିଛି। କମ୍ ଦିନ ଭିତରେ



ସ୍ୱର୍ଗଦ୍ୱାରକୁ ଆବଶ୍ୟକତା ଅନୁସାରେ ଆଉ କାଠ ଯୋଗାଇ ହେବନି ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ନେଇ କାଠ ଯୋଗାଉ ଥିବା ସଂସ୍ଥା ଓଏଫ୍‌ଡିସି ସ୍ପଷ୍ଟ କରିଛି। ଏତିକିବେଳୁ ବିକଳ୍ପ ଚ଼ିନ୍ତା ନକଲେ ଶବଦାହ ବାଧାପ୍ରାପ୍ତ ହେବା ଥୟ ହୋଇଛି। ଏଣେ ଶବ ସଂଖ୍ୟା ବଢୁଥିବାରୁ ଖରାବେଳେ ଶବ ନେଇ ଆସିଲେ, ରାତିରେ ଦାହ କରିବାକୁ ସୁଯୋଗ ମିଳୁଛି। ଯାହାକୁ ନେଇ ପରିଜନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି।

ସେପଟେ ଦୀର୍ଘ ଦିନରୁ କାଠର ଦର ହରିଶ୍ଚନ୍ଦ୍ର ଯୋଜନାରେ କ୍ୱିଣ୍ଟାଲ୍ ପିଛା ୯୦୦ ଟଙ୍କା ଧାର୍ଯ୍ୟ ହୋଇଛି। କିନ୍ତୁ କାଠ ଯୋଗାଉଥିବା ସଂସ୍ଥା ଓଡିଶା ବନ ଉନ୍ନୟନ ନିଗମ ୧୩୦୦ ଟଙ୍କା ନେବାପାଇଁ ଦୀର୍ଘ ଦିନରୁ ଚ଼ିଠି ଲେଖି ଆସୁଛି। କାଠ ଅଭାବକୁ ନେଇ ମଧ୍ୟ ତାଗିଦ କରିଛି। ଶୀଘ୍ର କାଠର ବିକଳ୍ପ ବ୍ୟବସ୍ଥା ନ କଲେ ଅଚ଼ଳାବସ୍ଥା ସୃଷ୍ଟି ହେବା ଥୟ ହୋଇଛି। ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ସୁବିଧା ଯୋଗୁଁ ଦୂରଦୁରାନ୍ତରୁ ପରିଜନମାନେ ଶବ ଧରି ସ୍ୱର୍ଗଦ୍ୱାର ଆସୁଛନ୍ତି। ଖରାବେଳେ ଶବ ଧରି ପହଞ୍ଚିଥିବା ପରିଜନ ସନ୍ଧ୍ୟାରେ ଦାହ କରି ବିଳମ୍ବିତ ରାତିରେ ଫେରୁଛନ୍ତି। ଯଦି କେହି ସନ୍ଧ୍ୟାରେ ଆସୁଛି ତେବେ ପରଦିନ ସକାଳେ ଯାଉଛି। ଏଣୁ କାଠ ସହ ପିଣ୍ଡି ସଂଖ୍ୟା ବୃଦ୍ଧି ବା ସ୍ୱର୍ଗଦ୍ୱାରର ସମ୍ପ୍ରସାରଣ ଆବଶ୍ୟକତା ଥିବା ପରିଜନମାନେ ଯୁକ୍ତି ବାଢିଛନ୍ତି।

## ଡିଭାଇଡର ନିର୍ମାଣ ପରେ ବି ବାରମ୍ବାର ଦୁର୍ଘଟଣା ଘଟୁଛି

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ ନିଷ୍ପତ୍ତି ଯୋଗୁଁ ରାସ୍ତା ମଝିରେ ଡିଭାଇଡର ନିର୍ମାଣ କରିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି ଏବଂ ସହରବାସୀ ଦଣ୍ଡ ପାଇବା ପରି କଷ୍ଟ ପାଉଛନ୍ତି। ବାଇପାସ୍ ରାସ୍ତା ନିର୍ମାଣର ମନ୍ଥର ଗତି ସ୍ଥାନୀୟ ପ୍ରତିନିଧିଙ୍କ ଉପରେ ଦୋଷ ଦିଆଯାଏ। ଯଦିଓ ବଲାଙ୍ଗୀର ରାଜ୍ୟର ସବୁଠାରୁ ପୁରୁଣା ସହର ମଧ୍ୟରୁ ଗୋଟିଏ, ଏହା ନୂତନ ଭାବରେ ବିକଶିତ ସହର ଅପେକ୍ଷା ବହୁତ ପଛରେ ଅଛି। ଆଜି ମଧ୍ୟ, ଜାତୀୟ ରାଜପଥ ସହର ମଧ୍ୟ ଦେଇ ଯାଇଛି। ଏହି ସଂକୀର୍ଣ୍ଣ ରାସ୍ତା ଦେଇ, ବିଦ୍ୟୁତ୍ ଖୁଣ୍ଟ ଏବଂ ଅନେକ ଦୋକାନ ଏବଂ ବଜାର ଭିଡ଼ ହୋଇଥାଏ। ପ୍ରତିଦିନ ହଜାର ହଜାର ବସ୍ ଏବଂ ଟ୍ରକ୍ ଏହି ମୁଖ୍ୟରାସ୍ତା ଦେଇ ଯାତାୟାତ କରନ୍ତି। ନିରୀହ ଲୋକମାନେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି, ସେତେବେଳେ ଜିଲ୍ଲା ପ୍ରଶାସନ ଘୋର ନିଦ୍ରାରେ ରହିଛି। ଡିଭାଇଡର ନିର୍ମାଣ ହେବା ପରେ, ଛୋଟ ବଡ଼ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି, ଯାହା ଫଳରେ ଧନ ଜୀବନର ବହୁ କ୍ଷତି ହୋଇଛି।

ପୁରାତନ ସରକାରୀ ବସ୍ ଷ୍ଟାଣ୍ଡ, ଯାହାକୁ ଏକଦା ସହରର ମେରୁଦଣ୍ଡ ବୋଲି ବିବେଚ଼ନା କରାଯାଉଥିଲା, ଏବେ ଏକ ନିର୍ଜନ ଲୋକ ଶୂନ୍ୟ, ଭୂତିଆ ଆକୃତିରେ ପରିଣତ ହୋଇଛି। ଏହାକୁ ସଂଯୋଗ କରିଥିବା ଫଳ ବଜାର ଅଗ୍ନିକାଣ୍ଡରେ ନଷ୍ଟ ହେବା ପରେ, ଏହି ଅଞ୍ଚଳଟି ଅସ୍ତବ୍ୟସ୍ତ ଦେଖାଯାଉଛି। ସଂକୀର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱରେ, ଫଳ ବିକ୍ରେତାମାନେ ଏବେ ରାସ୍ତା ଉପରେ ପସରା ମେଲାଇ ସେମାନଙ୍କର ଗାଡ଼ିଗୁଡ଼ିକୁ ଘୁଞ୍ଚାଇ ଦେଇଛନ୍ତି, ଯାହା ଏହି ବ୍ୟସ୍ତବହୁଳ ରାସ୍ତାକୁ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ପରିଣତ କରିଛି। ସ୍ଥାନୀୟ ବାସିନ୍ଦା, ଦୋକାନୀ ଏବଂ ବ୍ୟବସାୟୀମାନେ ବିଧାୟକ, ଜନପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନକୁ ଡିଭାଇଡର ହଟାଇ ରାସ୍ତାକୁ 'ବଡ଼ଦାଣ୍ଡ'ରେ ପରିଣତ କରିବା ପାଇଁ ଅନୁରୋଧ କରିଛନ୍ତି।

## ପରଲୋକରେ ଓଲିଉଡ ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁ



ଓଡିଶାର ଜଣାଶୁଣା ସିନେ ପ୍ରଯୋଜକ, ବିତରକ ତଥା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ମୋହନ ସାହୁ ଆଉ ନାହାନ୍ତି। ସେ ବୁଧବାର ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଚ଼ିକିତ୍ସାଧୀନ ଥିଲେ।

ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ପ୍ରଯୋଜିତ ପ୍ରଥମ ଓଡିଆ ଛବି ଥିଲା 'ଏଇ ତ ଦୁନିଆଁ'। ଶ୍ରୀବଳଦେବଜୀଉ ପ୍ରଡକସନ୍ ବ୍ୟାନରରେ ୧୯୮୭ରେ ମୁକ୍ତିଲାଭ କରିଥିବା ଏହି ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ ମହମ୍ମଦ ମହସୀନ୍। ଏଥିରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଅଜିତ ଦାସ, ମିହିର ଦାସ, ମହମ୍ମଦ ମହସୀନ୍, ଅନୀତା ଦାସ, ଅପରାଜିତା, ଜୟୀ, ଦେବୁ ବୋଷ ଓ ନରି ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଡାକ୍ତର ସୁବୋଧ ପଟ୍ଟନାୟକ ଏହାର ସଂଳାପ ରଚ଼ନା କରିଥିବା ବେଳେ ଚ଼ିରସବୁଜ ଅକ୍ଷୟ ମହାନ୍ତି ଥିଲେ ଏହାର ସଂଗୀତ ନିର୍ଦ୍ଦେଶକ। ଏହା ସୁପରହିଟ୍ ହେବା ପରେ ରବୀନ୍ଦ୍ର ମୋହନ ସାହୁ କ୍ରମାଗତ ଭାବେ ଓଡିଆ ସିନେମା ନିର୍ମାଣରେ ମନୋନିବେଶ କରିଥିଲେ।

ଏହାପରେ ରବୀନ୍ଦ୍ର ମୋହନ ସାହୁ 'ବସ୍ତ୍ରହରଣ, ବୋହୂ ହେବ ଏମିତି, ପାଚେରି ଉଠିଲା ମଝି ଦୁଆରୁ, ନାଗପଞ୍ଚମୀ, ମଣି ନାଗେଶ୍ୱରୀ, ଶାଶୁ ହାତକଡି ଭାଉଜ ବେଡି, କୁଳନନ୍ଦନ, ରସିକନାଗର ଓ 'ଆଲୋ ମୋର କଣ୍ଢେଇ' ଆଦି ଓଡିଆ ଛବି ଦର୍ଶକଙ୍କୁ ଭେଟି ଦେଇଥିଲେ। ଏହାଛଡା ସେ କେନ୍ଦ୍ରାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ମଧ୍ୟ ଥିଲେ।

### ସିନେମାଫିନେମା ଟିଭିଫିବି

୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୮ ଡିସେମ୍ବର ୨୦୨୫ । ଗୁରୁବାର

ଓଡ଼ିଶା

# ବାଲିମାଫିଆଙ୍କ ଲାଗି ଛିଣ୍ଡା ନଦୀ ଶ୍ରୀହୀନ



**୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ୍ ଦେବୀକନ୍ଦଳ ଦୀପାଞ୍ଚଳ ଛିଣ୍ଡାନଦୀ ମରୁଭୂମି ପାଲଟିଛି । ଉକ୍ତ ନଦୀଟି ବାଲିମାଫିଆଙ୍କ ଲାଗି ଶ୍ରୀହୀନ ହୋଇପଡିଛି । ବିଭିନ୍ନ ଜାଗାରେ ଭାଗ ଭାଗ ହୋଇଥିବ । ଛିଣ୍ଡା ନଦୀ ଶୀତମାସରେ ଶୁଖିଗଲାଣି, ଖରାଦିନେ ଯେ ଅବସ୍ଥା କ'ଣ ହେବ ତାହା ଏବେ ସ୍ପଷ୍ଟ ଜଣାପଡୁଛି । ବର୍ଷକ ବାରମାସ ଅଥଳ ପାଣିରହୁଥିବା ଛିଣ୍ଡା ନଦୀ ଏବେ ଚରାଭୂମି ପାଲଟିଛି । ପିଲାମାନେ ନଦୀ ଗର୍ଭରେ କ୍ରିକେଟ ଖେଳୁଛନ୍ତି । ନିଆଳୀ ବ୍ଲକ୍ କସର୍ଦା, ରାଣୀଓଳା, ପଞ୍ଚାୟତ ସୀମାରେ ଛିଣ୍ଡା ନଦୀରେ ଏହି ଅବସ୍ଥା ଦେଖିବାକୁ ମିଳିଛି । ଦେବୀନଦୀରୁ ଉତ୍ପତ୍ତି ହୋଇଥିବା ଛିଣ୍ଡା ନଦୀ ସୁଦୁସାଇଲରୁ ବାହାରି ବ୍ରାହ୍ମଣବାଟି, ଉତ୍ତରଣ, ଏରଞ୍ଚ, ଡ଼ିମିରି, କସର୍ଦା, ରାଣୀଓଳା ପଞ୍ଚାୟତ ଦେଇ କନ୍ଦଳ ନଦୀ କୁଣ୍ଡି ମୁହଁ ପାଖରେ ମିଶିଛି । ଦିନେ ସାଂସ୍କୃତିକ ଓ ଐତିହାସିକ ଗୁରୁତ୍ୱ ବହନ କରୁଥିବା ଛିଣ୍ଡାନଦୀ ଦେବୀ କନ୍ଦଳ ଦୀପାଞ୍ଚଳର ଚାଷୀମାନଙ୍କର ଜୀବନରେଖା ରହିଥିଲା । ଏହିସବୁ ପଞ୍ଚାୟତର ଗ୍ରାମଦେଇ ଯାଇଥିବା ନଦୀ ଗୁପ୍ତ ଗଙ୍ଗା ଭାବେ ପରିଚିତ ଥିଲା। ପର୍ବପର୍ବାଣୀ, ତୀର୍ଥଯାତ୍ରା ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ନଦୀକୂଳରେ ହିଁ ସମ୍ପାଦିତ ହୋଇଥାଏ । ଏବେ ନଦୀର ବିଭିନ୍ନ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ବୃଦ୍ଧି ପାଇବାରେ ଲାଗିଛି । ବ୍ରାହ୍ମଣବାଟି, ଉତ୍ତାରଣ, କସର୍ଦା, ରାଣୀଓଳା ପଞ୍ଚାୟତରେ ବାଲିଚୋରୀ ବେଧଡକ ବଢ଼ି ଚାଲିଥିବାରୁ ନଦୀ ଗଭୀର ହେବାରେ ଲାଗିଛି । ବାଲି ସରିଯିବାରୁ ନଦୀରେ ପଙ୍କ ଦେଖାଗଲାଣି । ଯାହାଫଳରେ ନଦୀର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଲା, ଏପରିକି ଜଳସ୍ତର କମିକମି ଗଲାଣି । ନଦୀକୁ ବିଭିନ୍ନ ଜାଗାରେ ଆବର୍ଜନା ମଇଳାପାଣି ଛାଡିଦିଆଯାଉଛି । ଯାହା ଯୋଗୁ ଛିଣ୍ଡା ନଦୀ ଜଳ ପ୍ରଦୂଷିତ ହେଉଛି । ବାଲି ନଥିବାରୁ ବିଭିନ୍ନ ଜାଗାରେ ଗଛଲତା ଉଠି ବଣ ହୋଇଗଲାଣି । ସ୍ଥାନୀୟ ବାସିନ୍ଦା ତଥା କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ୍ କହିବା ଅନୁସାରେ ନବେ ଦଶକରେ ମାର୍ଚ୍ଚ ମାସରେ ନଦୀରେ ପାଣିରହିବା ସହ ନଦୀକୂଳ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରେ ଥିବା ନଳକୂପ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରହୁଥିଲା । ଏବେ କିନ୍ତୁ ଡିସେମ୍ବର ମାସରେ ଛିଣ୍ଡାନଦୀରେ ପିଲାମାନେ କ୍ରିକେଟ ଖେଳୁଥିବା ବେଳେ ଗୋରୁଗାଈଗୁଡିକ ନଦୀ ଗର୍ଭଶଯ୍ୟାରେ ଚରୁଥିବା ଦେଖିବାକୁ ମିଳିଛି । ନିଆଳୀ ବିଧାୟକ ଛବି ମଲ୍ଲିକ୍ ଡ୍ରେନେଜ ଓ ଜଳ ସମ୍ପଦ ବିଭାଗର ଅଧିକାରୀମାନଙ୍କୁ ଅଗଷ୍ଟ ୨/୨୪ତାରିଖରେ ନେଇ ଛିଣ୍ଡା ନଦୀରେ ବିଭିନ୍ନ ପ୍ରକଳ୍ପ କରିବା ସହ ଜଳ କିଭଳି ରହିବ ସେ ନେଇ ନଦୀର ବିଭିନ୍ନ ଜାଗା ବୁଲିବା ସହ ଖୁବଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ । ହେଲେ ଏପର୍ଯ୍ୟନ୍ତ ଛିଣ୍ଡା ନଦୀରେ ଜଳ ସଂରକ୍ଷଣ ନିମନ୍ତେ କୌଣସି କାର୍ଯ୍ୟକ୍ରମ କରାଯାଇନାହିଁ । ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନେଇ ଏଭଳି ପରିଦର୍ଶନ କେବଳ ଲୋକଦେଖାଣିଆ ବୋଲି ଆଲୋଚନା ହେଉଛି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର–ଚତୁର୍ଦ୍ଦଶୀ |
|---|---|
| ୧୮.୧୨.୨୦୨୫ | ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |

| | |
|---|---|
| ମେଷ | : ମାନସିକ ଯନ୍ତ୍ରଣା ପାଇବେ । |
| ବୃଷ | : ବକେୟା ପଡ଼ିଥିବା ଧନଲାଭ ହେବ । |
| ମିଥୁନ | : ବନ୍ଧୁରେ ଆଗ୍ରହ ବଢ଼ିବ । |
| କର୍କଟ | : ସନ୍ତାନ ଦୁଃଖ ପାଇବେ । |
| ସିଂହ | : ସ୍ତ୍ରୀଙ୍କ ସହ କଳହ ହେବ । |
| କନ୍ୟା | : ତୀର୍ଥାଟନ ଯୋଗ ରହିଛି । |
| ତୁଳା | : ଚକ୍ଷୁପୀଡ଼ା କଷ୍ଟ ଦେବ । |
| ବିଛା | : ଚାଷଜମି ଲାଭ ଦେବ । |
| ଧନୁ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମକର | : କର୍ମେ ସଫଳତା ମିଳିବ । |
| କୁମ୍ଭ | : ସହଯୋଗ ବୃଦ୍ଧି ପାଇବ । |
| ମୀନ | : ବ୍ୟବସାୟରେ ସାମାନ୍ୟ ଲାଭ । |

## ସରକାର ଶୁଣିଲେନି, ଚାଷୀମାନେ କଲେ ନାଳ ସଫେଇ



**କଣାସ, ୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକର ସାହାସପୁର ନିକଟରୁ ମକରାନଦୀରୁ ବାହାରିଥିବା ଆଡିନଦୀ ନାଳ ୩କିମି ଅତିକ୍ରମ କରି ବଡଓରା ନିକଟରେ ପୁନଶ୍ଚ ମକରାନଦୀରେ ସଂଯୋଗ ହୋଇଛି । ଏହି ନାଳ ଉପରେ ସାହାସପୁର, ସାନଓରା, ବଡଓରା, ଓଗାଳପୁର ଗ୍ରାମର ଚାଷୀମାନେ ଧାନଚାଷ କରିବାପାଇଁ ଏହି ଆଡି ନଦୀ ନାଳ ଉପରେ ନିର୍ଭର କରୁଥିବା ବେଳେ ପାଇକମରା, ଜାଗୁଳେଇପଦର, କଉଡିଖିଣି, କଳାପଦର, ଗୋପିନାଥପୁର ଗ୍ରାମର ବର୍ଷା ଓ ବନ୍ୟାଜଳ ଏହି ନାଳଦେଇ ନିଷ୍କାସନ ହେଉଥିବା ବେଳେ ନାଳରେ ପ୍ରଚୁର ପରିମାଣର କଲିକତି ଦଳ ରହିଥିବାରୁ ଚାଷୀମାନେ ନାଳରୁ ପାଣିମଡାଇ ରବି ଚାଷ କରୁଥିବା ବେଳେ ଦଳ ଥିବା ହେତୁ ଜଳ ନ ଆସିବାରୁ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦଳସଫା ଦାବିକରି ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସାହାସପୁର, ସାନଓରା, ଜାଗୁଳାଇପଦର ଚାଷୀମାନେ ଆଲୋଚନା କରି ଆଜି ନାଳ ସଫା କରିବାରେ ସଫା ଲାଗିଥିଲେ । ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିବାରୁ ଚାଷୀମାନେ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଅଭି ଯୋଗ କରି ନିରାଶ ହେବାରୁ ପ୍ରତିବର୍ଷ ରବି ଋତୁ ଚାଷ ପାଇଁ ମିଳିତ ହୋଇ ଦଳ ସଫା କରି ମକରା ନଦୀରୁ ନାଳ ସାହାର୍ଯ୍ୟରେ ଜଳ ଆଣି ରବି ଫସଲ କରିଥାନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଡିନଦୀ ପୋତି ହୋଇପଡିଥିବାରୁ ଖନନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ଧାନରେ ଇନ୍‌ପୁଟ୍ ସହାୟତା ହ୍ରାସକୁ ନେଇ ଅସନ୍ତୋଷ ବଢୁଛି

**ବରଗଡ଼, ୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ଆଉ ୨ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ପୂରିବ ୩ସପ୍ତାହ । ଅଥଚ ଏପର୍ଯ୍ୟନ୍ତ ଧାନ ବିକ୍ରିବଟା ସ୍ୱାଭାବିକ ହୋଇପାରି ନାହିଁ । ଜିଲ୍ଲାର ମଣ୍ଡିକୁ ବିକ୍ରି ପାଇଁ ଯେଉଁ ହାରରେ ଧାନ ଆସୁଛି, ସେହି ଅନୁପାତରେ ଧାନ କିଣାଯାଉ ନଥିବା ଅଭିଯୋଗ ହେଉଛି । ଫଳରେ ମଣ୍ଡି ଗୁଡ଼ିକରେ ବିକ୍ରି ଅପେକ୍ଷାରେ ପଡ଼ି ରହୁଥିବା ଧାନ ଦିନକୁ ଦିନ ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ, ଜିଲାର ଅନେକ ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମଧ୍ୟ ପହଞ୍ଚି ପାରି ନାହିଁ । ଅନ୍ୟପଟେ ଏଥର କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପ୍ରତି ୬୯ଟଙ୍କା ବୃଦ୍ଧି କରିଥିବାରୁ ଚାଷୀ ମହଲରେ ଖୁସି ପ୍ରକାଶ ପାଇଥିଲା । ମାତ୍ର ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ବାବଦକୁ ଦେଉଥିବା ଇନପୁଟ୍ ଆସିଷ୍ଟାଣ୍ଟରୁ ୬୯ ଟଙ୍କା ହ୍ରାସ କରି ଦେଇଛନ୍ତି । ପୂର୍ବରୁ ଚାଷୀମାନେ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ପାଉଥିଲେ । ମାତ୍ର ଏବେ ଚାଷୀଙ୍କୁ ଇନପୁଟ୍ ଆସିଷ୍ଟାଣ୍ଟ ବାବଦକୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ବାବଦକୁ ୭୩୧ ଟଙ୍କା ପ୍ରଦାନ କରାଯାଉଛି । ଏହାକୁ ନେଇ ସରକାରଙ୍କ ବିରୋଧରେ ଚାଷୀମାନେ ବିଷୋଦଗାର କରିଥିବା ବେଳେ ଅସନ୍ତୋଷ ତେଜି ଉଠିଛି ।

ଅନ୍ୟବର୍ଷ ତୁଳନାରେ ଏଥର ଧାନ କିଣାବିକାରେ ଚାଷୀମାନଙ୍କୁ ଅଧିକ ହଇରାଣ ହରକତ ହେବାକୁ ପଡିଛି । ଜିଲାରେ ପ୍ରଥମଥର ପାଇଁ ଅନ୍ୟବର୍ଷ ତୁଳନାରେ ପ୍ରାୟ ମାସେ ପରେ ଅର୍ଥାତ୍ ଗତମାସ ୨୮ତାରିଖ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ସହିତ ମଣ୍ଡି ଗୁଡ଼ିକ ଖୋଲିଥିଲା । କିନ୍ତୁ ଏପର୍ଯ୍ୟନ୍ତ ଟୋକନ ସମସ୍ୟା ଯୋଗୁ ଜିଲାରେ ବିଭିନ୍ନ ମଣ୍ଡିରେ ଧାନ କିଣାବିକା ହୋଇ ପାରି ନାହିଁ । ଏଭଳି ସ୍ଥିତିକୁ ନେଇ ୩ଦିନ ତଳେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ତଳେ ଧାନବସ୍ତା ରଖି ମୁଣ୍ଡିଆ ମାରିବା ସହିତ ସମସ୍ୟା ସମାଧାନ ପାଇଁ ଆକୁଳ ନିବେଦନ କରିଥିଲେ ।

ଏହାସତ୍ତ୍ୱେ ଜିଲାରେ ଧାନ କିଣାବିକା ସମସ୍ୟାରେ ସୁଧାର ଆସି ନାହିଁ । ଏବଂ ଆଗାମୀ ଫସଲ ପାଇଁ ଚାଷୀମାନେ ପ୍ରସ୍ତୁତ ମଧ୍ୟ ହୋଇ ପାରୁ ନାହାନ୍ତି । ଅନ୍ୟପଟେ ଧାନବିକ୍ରି ଦାବିରେ ସୋମବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀମାନେ ଧାରଣା ଦେଉଥିବାବେଳେ ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡ଼ାରେ ଚାଷୀମାନେ ତାଲା ମାରି ଧାନ ଉଠାଣରେ ମନ୍ଥରତାର ପ୍ରତିବାଦ କରିବା ପରିଲକ୍ଷିତ ହୋଇଥିଲା । କିନ୍ତୁ ଏବେ ଧାନଦରକୁ ନେଇ ଚାଷୀ ଅସନ୍ତୋଷ ଦ୍ୱିଗୁଣିତ ହେବାରେ ଲାଗିଛି । ।ଜ୍ୟରେ ଶାସନକୁ ଆସିବା ପୂର୍ବରୁ ଭାଜପା ନିର୍ବାଚନୀ ପ୍ରଚାର ସମୟରେ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ମୁତାବକ ଶାସନକୁ ଆସୁ ଆସୁ ରାଜ୍ୟର ଭାଜପା ସରକାର ତାହା ପ୍ରଦାନ ମଧ୍ୟ କରିଥିଲେଛ ଏହାକୁ ନେଇ ଚାଷୀମାନେ ବେଶ୍ ଖୁସି ଥିବା ପରିଲକ୍ଷିତ ହୋଇଥିଲା । କିନ୍ତୁ ଏବେ କେନ୍ଦ୍ର ସରକାର ଯେତେବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ



(ଏମଏସପି)କୁ କ୍ୱିଣ୍ଟାଲ ପ୍ରତି ୨୩୦୦ରୁ ୨୩୬୯ ଟଙ୍କାକୁ ବୃଦ୍ଧି କରିଛନ୍ତି, ସେତେବେଳେ ରାଜ୍ୟ ସରକାର ଧାନର ଇନପୁଟ୍ ଆସିଷ୍ଟାଣ୍ଟ ହ୍ରାସ କରିବା ଚର୍ଚ୍ଚାର ବିଷୟ ହୋଇଛି । ପୂର୍ବରୁ ଏମ୍ଏସ୍ପି ୨୩୦୦ ଟଙ୍କା ଏବଂ ଇନପୁଟ୍ ଆସିଷ୍ଟାଣ୍ଟ ୮୦୦ ଟଙ୍କା ଭାବେ ଚାଷୀମାନେ ଧାନ କ୍ୱିଣ୍ଟାଲ ପ୍ରତି ମୋଟ୍ ୩୧୦୦ ଟଙ୍କା ପାଉଥିଲେଛ ତେବେ ଏଥର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୯ ଟଙ୍କା ବୃଦ୍ଧି କରିଥିବାରୁ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ବୋଲି ଆଶା କରିଥିଲେ । ମାତ୍ର ରାଜ୍ୟ ସରକାର ଇନପୁଟ୍ ଆସିଷ୍ଟାଣ୍ଟକୁ ୬୯ଟଙ୍କା ହ୍ରାସ କରି ଦେଇଥିବାରୁ ଚାଷୀଙ୍କ ଇନପୁଟ୍ ଆସିଷ୍ଟାଣ୍ଟ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କାରୁ ୭୩୧ ଟଙ୍କାକୁ ଖସି ଯାଇଛି ଏବଂ ଚାଷୀମାନଙ୍କୁ ନିରାଶ କରିଛି । ବରଗଡ଼ ଗୋବିନ୍ଦପାଲିର ଜଣେ ଚାଷୀ ସୁବଳ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଧାନର ଏମ୍ଏସ୍ପି ୬୯ଟଙ୍କା ବୃଦ୍ଧି କରିଥିବାରୁ ସେ ଏଥର ଧାନ କ୍ୱିଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ବୋଲି ଆଶା ରଖିଥିଲେ । ମାତ୍ର ତାହା ହେଲାନି ଏବଂ ଧାନ କ୍ୱିଣ୍ଟାଲ ପ୍ରତି (ଇନପୁଟ୍ ଆସିଷ୍ଟାଣ୍ଟ୍ ସହିତ) ପୂର୍ବବତ୍ ୩୧୦୦ ଟଙ୍କା ସେ ପାଇଥିବା କହିଛନ୍ତି । ତେବେ ଆଗରୁ ତାଙ୍କୁ ଧାନ କ୍ୱିଣ୍ଟାଲ ବାବଦକୁ ୮୦୦ ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ମିଳୁଥିଲା, ମାତ୍ର ଏଥର ଧାନ କ୍ୱିଣ୍ଟାଲ ପ୍ରତି ୭୩୧ ଟଙ୍କା ଏବଂ ଏମ୍ଏସପି ବାବଦକୁ ୨୩୬୯ ଟଙ୍କା ସେ ପାଇଥିବା ସୁବଳ କହିଛନ୍ତି । ସେହିପରି ଚାଷୀନେତା ଏକାଦଶିଆ ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ଭାଜପା ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଦେବ ବୋଲି କହିଥିଲା । ଚାଷୀମାନେ ବିଶ୍ୱାସ କରି ଏକପାଖିଆ ମତଦାନ କରି ଭାଜପାକୁ ଶାସନକୁ ଆଣିଲେ । ଏବେ ଚାଷୀଙ୍କୁ ଧୋକା ମିଳିଛି ବୋଲି ସାହୁ କହଛନ୍ତି ।

## ଅରିଲୋ–ଦକ୍ଷିଣ ଲିଙ୍କ୍ ଡ୍ରେନ୍ ସଫେଇ କରାଯିବାକୁ ଦାବି

**ଫୁଲନଖରା, ୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଗଣ୍ଡରପୁର ଅଧୀନ ସଇଁଦା ମହୁରା, ଜରପଡା – ତେଲଜୋରି ଓ ଅରିଲୋ ଲିଙ୍କ୍ ଡ୍ରେନ୍ ମଧ୍ୟ ଏହି ବିଭାଗ ଅଧୀନରେ ଅନ୍ତର୍ଭୁକ୍ତ । ଟେଣ୍ଡର କରାଯାଇ ଦୁଇଟି ବଡ଼ ଡ୍ରେନ୍ ସଫେଇ କରାଯାଉଥିବା ବେଳେ ଏହାର ଶାଖା ଅରିଲୋ – ଦକ୍ଷିଣ ଉଷୁମା ଲିଙ୍କ୍ ଡ୍ରେନ୍ ବାଦ୍ ପଡିଛି । ଏହା ଦୀର୍ଘ ୧୫ ବର୍ଷ ତଳେ ସଫେଇ ବିଭାଗ ଅଧୀନରେ ଏହି ଛୋଟ ନାଳୀଟିକୁ ସଫା କରାଯାଇଥିଲା । ଖରିଫ୍ ଋତୁରେ ଲଗାଣ ବର୍ଷା ଯୋଗୁଁ ଅରଡିଆପଦା – ଅରିଲୋ ମୁଣ୍ଡଳି ଗହୀରର ଜଳ ନିଷ୍କାସନ ହୋଇପାରୁନାହିଁ । ଏହି ଲିଙ୍କ୍ ଡ୍ରେନଟି ଅରିଲୋ– ଦକ୍ଷିଣ ଉଷୁମା ଦେଇ ପାଣ୍ଡାଗାଡ଼ିଆ ନିକଟରେ ପଡ଼ିଅଛି । ଏହା ଅନ୍ୟୁନ ୧ କିଲୋ ମିଟର ବ୍ୟାପ୍ତ ହେବ । ତୁରନ୍ତ ଏହି ନାଳିଟିକୁ ସଫେଇ କରିବା ନିମନ୍ତେ ଅଞ୍ଚଳବାସି ଦାବି କରିଛନ୍ତି । ଲଗାଣ ବର୍ଷା ହେବା ଦ୍ୱାରା ଶହ ଶହ ଏକର ଧାନ ଜମି ପାଣିରେ ବୁଡ଼ି ରହୁଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଫୁଲନଖରା, ୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ବଜାରରେ ଦିବାଲୋକରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣକାରୀ ଚିକେନ୍ କଟା ଚାପଡରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣାପଡିଛି । ସ୍ଥାନୀୟ ଲୋକ ଆହତ ଅବସ୍ଥାରେ ଯୁବକକୁ ଉଦ୍ଧାର କରି ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି । ସଦର୍ ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଆହତ ହୋଇଥିବା ଯୁବକଙ୍କୁ ହସ୍ପିଟାଲ ପଠାଇବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି । ପୂର୍ବ ଶତ୍ରୁତାକୁ ନେଇ ଏଭଳି ଅଘଟଣ ହୋଇଥିବା ଅନୁମାନ କରାଯାଉଛି । ଆହତ ହୋଇଥିବା ଯୁବକ ଗୁରୁତର ଥିବାବେଳେ ଆକ୍ରମଣକାରୀ ଫେରାର୍ ହୋଇଯାଇଛି । ଆକ୍ରମଣକାରୀ ଶଙ୍ଖତ୍ରାସ ଅଞ୍ଚଳର ବାସୁଆ ମଲ୍ଲିକ ହୋଇଥିବା ବେଳେ ଆହତ ଯୁବକ ଜଣଙ୍କ କଟକ ଶଙ୍କରପୁର ଅଞ୍ଚଳର ଲକି ରାଉତ ବୋଲି ଜଣାପଡିଛି ।

# ୬ରୁ ପକ୍ଷୀ ଗଣନା ଆରମ୍ଭ

**ଭୁବନେଶ୍ୱର, ୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଏଥିଲାଗି ରାଜ୍ୟରେ ଏବେ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ଜାନୁଆରୀ ୬ ତାରିଖରୁ ପକ୍ଷୀ ଗଣନା ଆରମ୍ଭ ହେବ । ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତିଛ ଚିଲିକା, ନଳବନ, ମଙ୍ଗଳାଯୋଡ଼ି, ହୀରାକୁଦ ଏବଂ ନନ୍ଦନକାନନ ପରି ପ୍ରମୁଖ ସ୍ଥାନମାନଙ୍କରେ ବିଦେଶୀ ପକ୍ଷୀଙ୍କ ଆଗମନକୁ ନେଇ ଏହି ଗଣନା କାର୍ଯ୍ୟ କରାଯିବ ।



ଚଳିତ ବର୍ଷ ପକ୍ଷୀ ଗଣନା କାର୍ୟ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ସହ ପର୍ଯ୍ୟଟନ ବିଭାଗ ମଧ୍ୟ ସହଯୋଗ କରିବ । ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଜଳବାୟୁ ପରିବର୍ତ୍ତନ ପକ୍ଷୀମାନଙ୍କ ପାଇଁ ବେଶ୍ ଅନୁକୂଳ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି । ପକ୍ଷୀମାନଙ୍କ ସଂରକ୍ଷଣ ଏବଂ ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ବିଭିନ୍ନ ସ୍ଥାନରେ ଆଧୁନିକ ୱାଚ୍ ଟାୱାର ଏବଂ ଏନକ୍ଲୋଜର ନିର୍ମାଣ କରାଯିବ । ଏହାଦ୍ୱାରା ପର୍ଯ୍ୟଟକମାନେ ସୁବିଧାରେ ପକ୍ଷୀ ଦେଖିପାରିବେ ।

## ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ୱାର୍ଡବାସୀ

**ଦଶପଲ୍ଲା : ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ଏନଏସି ଅନ୍ତର୍ଗତ ୬ ନମ୍ବର ୱାର୍ଡ ଦୁର୍ଗା ବଜାର କଲୋନୀର ଅଧିବାସୀମାନେ ତାଙ୍କ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ୫ଦଫା ଦାବି ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି । ଦାବିଗୁଡିକ ମଧ୍ୟରେ ରାସ୍ତା ମରାମତି, ଡ୍ରେନ ନଥିବା ଗଳିରେ ଡ୍ରେନ ତିଆରି କରିବା, ଦୁର୍ଗେଶ୍ୱର ମନ୍ଦିରର ବିକାଶ ପାଇଁ ତାକୁ ଯୋଜନାରେ ସାମିଲ କରିବା, ରାସ୍ତାକଡରେ ବସ ଯାତ୍ରୀ ମହିଳାମାନଙ୍କ ପାଇଁ ପରିସ୍ରାଗାର ନିର୍ମାଣ କରିବା ଆଦି ଅନ୍ତର୍ଭୁକ୍ତ । ତେବେ ଡ୍ରେନ ଆଉ ପାହାଚ ପାଇଁ ୩ବର୍ଷ ହେଲା ଟେଣ୍ଡର ହେଇଥିଲେ ବି କାମ ଆରମ୍ଭ କରାଯାଉ ନ ଥିବାରୁ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ପ୍ରତିନିଧି ମଣ୍ଡଳୀରେ ଥିବା ଡା. ବୈଦ୍ୟନାଥ ସାହୁ, ଦେବବ୍ରତ ବେହେରା, ଅଜୟ ପୃଷ୍ଟି, ଜୟଦେବ ସାହୁ, ସୁଧାଂଶୁ ଦାସ, କାଉନସେଲର ମନୋଜ ସାହୁ ପ୍ରଭୃତିଙ୍କୁ ଶୀଘ୍ର ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

# ନଳକୂପ ଖନନରେ ଲକ୍ଷାଧିକ ଟଙ୍କା ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବି

**ନିଆଳୀ, ୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ୍ ୨୩ଟି ଗ୍ରାମ ପଞ୍ଚାୟତରେ ୨୦୨୫–୨୬ ବର୍ଷରେ ଗଭୀର ନଳକୂପ ଖନନରେ ବ୍ୟାପକ ତ୍ରୁଟି କରି ଗ୍ରାମବାସୀଙ୍କୁ ଭୁଆଁ ବୁଲାଇ ଠିକାଦାରମାନେ ବିଲ୍ କରି ନେଇ ଯାଇଥିବା ଜଣାପଡିଛି । ଠିକାଦାର ଓ ନିଆଳୀ ବ୍ଲକ୍ ଜଳପରିମଳ ବିଭାଗ ଜେଇଙ୍କ ସାଲାସୁତୁରାରେ ୨୦୨୫–୨୬ ବର୍ଷରେ ୨୬ରୁ ଉର୍ଦ୍ଧ୍ୱ ନଳକୂପ ଖନନ କରାଯାଇଛି । ଠିକାଦାରମାନେ ସରକାରଙ୍କ ନିୟମ ଅନୁଯାୟୀ ଯେତିକି ମିଟର ଖୋଳିବା କଥାତାହା ନକରି ମାତ୍ର ଅନଭିଜ୍ଞ ଲୋକଙ୍କ ଦ୍ୱାରା ଏହା ଖୋଳି ବର୍ଷା ଦିନେ କାମ କରିଥିବାରୁ କମ୍ ଫୁଟରେ ପାଣି ବାହାରିବା ସ୍ୱଚ୍ଛପାଣି ବାହାରୁନଥିବା ସତ୍ତ୍ୱେ ଠିକାଦାରମାନେ ବିଭାଗୀୟ ଜେଇଙ୍କୁ ଧରି ରାଜନୈତିକ ଚାପପକାଇ ବିଲ୍ କରିନେଥିବା ଜଣାଡ଼ିଛି । ଏମିତି କି ନଳକୂପର ଚତୁଃପାର୍ଶ୍ୱରେ ପ୍ଲାଟଫର୍ମ ତିଆରି କରିଥିଲେ ମଧ୍ୟ ବାଲିପରିବର୍ତ୍ତେ ମାଟି ଫ୍ରିଲିଙ୍ଗ୍ କରିଥିଲେ । ଯାହାଫଳରେ ଦିନ କେଇଟାରେ ସେଗୁଡିକ ଫାଟିଗଲାଣି । ନିଆଳୀ ବ୍ଲକ୍‌ରେ ୨୬ଟି ନଳକୂପ ଖନନ ପାଇଁ ୧୩ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ବିଭାଗ ପକ୍ଷରୁ ପାଇପ ନଳକୂପ ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଅଛି । ନଳକୂପ ଖନନରେ ମେସିନ୍ ସହାୟତାରେ ନ ଖୋଳି ଅଳ୍ପ କିଛି ଲୋକଙ୍କ ସହାୟତାରେ ହାତରେ ଖୋଳି ଅଧିକା ପରିମାଣରେ ଖୋଳାଯାଇଥିବା କାଗଜପତ୍ରରେ ଦର୍ଶାଇ ଠିକାଦାର ମାନେ ବିଲ୍ କରି ନେଇଥିବା ଅଭିଯୋଗ ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ, ପ୍ରକୃତ ସତ୍ୟାସତ୍ୟ ପ୍ରକାଶ ପାଇବ । ଏନେଇ ନିଆଳୀ ବ୍ଲକ୍ ଜଳପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ କେତେ ପରିମାଣ ଖୋଳା ହୋଇଛି କହିପାରିବି ନାହିଁ । ୨୬ଟି ନୂତନ ନଳକୂପ ଖୋଳାଯାଇଥିବା କଥା କହିଛନ୍ତି ।



# ଧାନକଟାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ

**କଣାସ, ୧୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତର ବଗିପଡା ମୌଜାର ଏକ ଧାନଜମିରୁ ଧାନକାଟିବାକୁ ନେଇ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ଆହତ ହୋଇଥିବା ବେଳେ ଉଭୟ ପକ୍ଷ କଣାସ ଥାନାରେ ଏତଲା ଦେଇ ଥିବା କଣାସ ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ଠାରୁ ପ୍ରକାଶ । ଏତଲା ପାଇ କଣାସ ଥାନା ଆଇ.ଆଇ.ସି କଣାସ ଥାନ କେସ୍ ନଂ–୨୯୨/ ୨୫ ଏବଂ ୨୯୩/୨୫ରେ ଦୁଇଟି ମକଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଉଭୟ ପକ୍ଷରୁ କେହି ଗିରଫ ହୋଇ ନଥିବା ପୋଲିସ୍ ଠାରୁ ପ୍ରକାଶ । ଅଭିଯୋଗରୁ ଜଣାପଡିଛି ଗଡମାଟିଆପଡା ଗ୍ରାମର ସତ୍ୟବାନ ଶ୍ରୀଚନ୍ଦନ ଯିଏକି ଖୋର୍ଦ୍ଧାରେ ରହୁଅନ୍ତି ତାଙ୍କର ବଗିପଡା ମୌଜାରେ ଜମିରହିଛି । ଘଟଣା ଦିନ ସତ୍ୟବାନ ଓ ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ତାଙ୍କ ଧାନଜମିରୁ ଅନ୍ୟ ଲୋକ ଧାନକାଟୁଥିବା ଖବର ପାଇ ଜମିନିକଟରେ ପହଞ୍ଚିଥିଲେ। ଏହି ସମୟରେ ଘରଛିଆ ଗ୍ରାମର କରୁଣାକର ଜେନା ଓ ତାଙ୍କ ପରିବାରଲୋକ ସତ୍ୟବାନଙ୍କ ଜମିରୁ ଧାନକାଟୁଥିବା ଦେଖିବାକୁ ପାଇଥିଲେ । ଏହା ସେ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସାରୁ ଗଣ୍ଡଗୋଳ ଘଟିଥିଲା। କରୁଣାକର ଓ ତାଙ୍କ ପରିବାର ଲୋକଙ୍କ ଠେଙ୍ଗା ଓ ମାରଣାସ୍ତ୍ର ଆକ୍ରମଣରେ ସତ୍ୟବାନ ଓ ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ଗୁରୁତର ଭାବେ ଆହାତ୍ ହୋଇ ପ୍ରଥମେ ଖୋର୍ଦ୍ଧା ଡାକ୍ତରଖାନାରେ ପରେ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । କରୁଣାକର ସମେତ ୬ଜଣଙ୍କ ନାମରେ ସତ୍ୟବାନ କଣାସ ଥାନାରେ ଅଭିଯୋଗ କରିଥିବା ବେଳେ କରୁଣାକର ଜେନା ମଧ୍ୟ ସତ୍ୟବାନଙ୍କ ବିରୁଧରେ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ପକ୍ଷରୁ ତଦନ୍ତ ଚାଲୁରହିଥିବା ଆଇ.ଆଇ.ସି ଶ୍ରୀନାୟକଙ୍କ ଠାରୁ ପ୍ରକାଶ ।

## ବିଜୁ ପଟ୍ଟନାୟକ ମାର୍ଗରେ ମହାଘୋଟାଲା!

# ନିମ୍ନମାନର ପିଚୁ ଓ ବଜୁରୀରେ ରାସ୍ତା ନିର୍ମାଣ : ସରକାରୀ ନିୟମର ଖୋଲା ଉଲ୍ଲଂଘନ

**କଳିଙ୍ଗନଗର, ୧୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ଓ ଅତ୍ୟନ୍ତ ବ୍ୟସ୍ତବହୁଳ ବିଜୁ ପଟ୍ଟନାୟକ ମାର୍ଗରେ ରାସ୍ତା ଉନ୍ନତିକରଣ ନାମରେ ଗୁରୁତର ଅନିୟମ, ନିମ୍ନମାନର କାମ ସହିତ ସରକାରୀ ଧନ ଅପବ୍ୟୟ ଅଭିଯୋଗ ଜୋର ଧରିଛି । ପଙ୍କପାଳ ଠାରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ୦/୦୦ କିମି ରୁ ୧୨ କିମି ଦୂରତାର ରାସ୍ତା ରିପାରିଂ କାମ ପାଇଁ ଆର୍ଥିକ ବର୍ଷ ୨୦୨୫–୨୬ରେ ୪୨ ଲକ୍ଷ ୧୬ ହଜାର ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ବାସ୍ତବ କାମ ପୂର୍ତ୍ତ ବିଭାଗର ନିର୍ଦ୍ଧାରିତ ମାନଦଣ୍ଡକୁ ଉଲ୍ଲଂଘନ କରି ରାସ୍ତା କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମିଲିଟାରୀ ଛକରୁ ପଙ୍କପାଳ ବଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତା କାମରେ ଧୂଳି ଉଡ଼ାଇ ସଫା କରିବା, କ୍ରସର ଡଷ୍ଟ, ୪୦ ଏମଏମ୍ ମେଟାଲ ଓ ଡବ୍ଲ୍ୟୁବିଏମ୍ ସମପରିମାଣରେ ପକାଇ ଭଲଭାବେ ରୋଲିଂ କରିବା, ରୋଲିଂ ପରେ ଝାଡୁ ମାରି ପ୍ରାଇମର କୋଟିଂ କରିବା ପରି ଆବଶ୍ୟକୀୟ ପ୍ରକ୍ରିୟାଗୁଡ଼ିକୁ ପୂରାପୂରି ଅନଦେଖା କରାଯାଉଛି । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଖରାପ ଅବସ୍ଥାରେ ଥିବା ରାସ୍ତାରେ ପିଚୁ କାମ ପୂର୍ବରୁ 'ସାକ୍ରିଫାଇସିଂ' ଅର୍ଥାତ୍ ପୁରୁଣା, ଭାଙ୍ଗା ଓ ଅନୁପଯୋଗୀ ସ୍ତରକୁ କାଟି ସଫା କରିବା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଏଠାରେ ସେହି ପ୍ରକ୍ରିୟା ବିନା ସିଧାସଳଖ ପିଚୁ ପକାଯାଉଥିବାରୁ କିଛି ଦିନ ମଧ୍ୟରେ ରାସ୍ତା ଭାଙ୍ଗିଯାଉଛି ବୋଲି ଅଭିଯୋଗ ହେଉଛି । ସବୁଠାରୁ ଗମ୍ଭୀର ଅଭିଯୋଗ ହେଲା–ନିୟମ ଅନୁସାରେ ପିଚୁ ରିପାରିଂର ମିନିମମ ମୋଟାଇ ୩୫ ଏମଏମ୍ ହେବାକୁ ଥିବାବେଳେ,





କେବଳ ୧୦ ଏମଏମ୍ କିମ୍ବା ତା'ଠାରୁ କମ୍ ପିଚୁ ପକାଯାଉଛି । ଏହା ସହ ନିମ୍ନମାନର ପିଚୁ ଓ ବଜୁରୀ ବ୍ୟବହାର କରି ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଉଠିଛି । ଏହି ବ୍ୟସ୍ତବହୁଳ ଶିଳ୍ପ ରାସ୍ତାରେ ଗତ ୧୦ ବର୍ଷ ଧରି ପ୍ରତିବର୍ଷ କେବଳ ନାମମାତ୍ର ରିପାରିଂ କାମ ହେଉଥିବା ବେଳେ, ପିଛିଲା ୩ ବର୍ଷରେ ପ୍ରାୟ ୧୨ କୋଟି ଟଙ୍କାରୁ ଅଧିକ ସରକାରୀ ଧନ ଖର୍ଚ୍ଚ ହୋଇଛି । ତଥାପି ଲୋକଙ୍କ ଯାତାୟାତ ସୁବିଧାରେ କୌଣସି ସୁଧାର ଆସିନାହିଁ ଓ ଏହି ରାସ୍ତା ଆଜି ଦୁର୍ଘଟଣା ପାଇଁ 'ମୃତ୍ୟୁ ଫାଦ' ଭାବେ ପରିଚିତ ହେଉଛି । ଅଭିଯୋଗ ଅନୁଯାୟୀ, ରାସ୍ତା ରିପାରିଂ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ଥଳରେ ଉପସ୍ଥିତ ନଥିବାରୁ ଠିକାଦାର ଏହାର ସୁଯୋଗ ନେଇ ସରକାରୀ ଆଇନ–ନିୟମକୁ ଅମାନ୍ୟ କରି ଅତ୍ୟନ୍ତ ନିମ୍ନମାନର କାମ କରୁଛନ୍ତି । ଏହାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବଢୁଛି । ଏହି ସମଗ୍ର ଘଟଣାକୁ ନେଇ ଠିକାଦାର ଓ ପୂର୍ତ୍ତ ବିଭାଗୀୟ କିଛି ଅଧିକାରୀଙ୍କ ଅସାଧୁ ମେଣ୍ଟ ରହିଥିବା ଅଭିଯୋଗ ଜୋର ଧରିଛି । ଗୁଣବତ୍ତା ମାପ ଓ ଯାଞ୍ଚ ବିନା କିପରି କାମ ପାସ୍ କରାଯାଉଛି–ସେଥିପାଇଁ ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି । ଏବେ ସ୍ଥାନୀୟ ବାସିନ୍ଦା, ଶିଳ୍ପ ସଂସ୍ଥା, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନେ ପୂର୍ତ୍ତ ବିଭାଗକୁ ଭିଜିଲାନ୍ସ ରାଡାରରେ ଆଣି ତୁରନ୍ତ ସ୍ୱାଧୀନ ତଦନ୍ତ, କୋର୍ ସ୍ୟାମ୍ପଲ ଟେଷ୍ଟ, ଏବଂ ଦୋଷୀ ଠିକାଦାର–ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି । ସାଧାରଣଙ୍କ ପ୍ରଶ୍ନ– ରାସ୍ତା କାମ ନାମରେ ଦଲାଲି କେବେ ବନ୍ଦ ହେବ ଦେଖିବାକୁ ବାକି ରହିଲା ?

ଲୋଡ୍ ଅନୁଯାୟୀ ବିଦ୍ୟୁତ୍ ସଂଯୋଗ ବେଳେ ଥରେ ଟଙ୍କା ପଇଠ କରିବା ପରେ ପୁଣି ଆଉଥରେ କାହିଁକି ଏ ପ୍ରଶ୍ନ ସମସ୍ତଙ୍କ ମୁହଁରେ । ଅଧିକ ଲୋଡ୍ ପାଇଁ ସିକ୍ୟୁରିଟି ଡିପୋଜିଟ୍ କରି କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ପାଖକୁ ମଧ୍ୟ ନୋଟିସ୍ ପଠାଇଛି କମ୍ପାନୀ । ତେଣୁ କୋଲୋୱାଟ୍ ଲୋଡ୍ ପିଛା ଜଣେ ଉପଭୋକ୍ତା କେତେ ୟୁନିଟ୍ ବ୍ୟବହାର କରିପାରିବ ତାହା ସ୍ପଷ୍ଟ ହେବା ଉଚିତ୍ । କମ୍ପାନୀ ମନଇଚ୍ଛା ଏ ସ୍ଲାବ୍ ସ୍ଥିର କରିବା ଏକ ଜୁଲୁମ ଛଡ଼ା ଆଉ କିଛି ନୁହେଁ । ଏ କ୍ଷେତ୍ରରେ ପ୍ରଥମେ ବିଦ୍ୟୁତ୍ ନିୟମାକ ଆୟୋଗ ପାଟି ଖୋଲିବା ଦରକାର । ଆୟୋଗ ଚୁପ୍ କାହିଁକି? କେତେ ବର୍ଷ ବ୍ୟବଧାନରେ ଏହା ସଂଶୋଧିତ ହେବା କଥା ତାହାର ମଧ୍ୟ କିଛି ନିୟମ ଥିବ, ତେଣୁ କମ୍ପାନୀ ଏହାର ଖିଲାପ କଲେ ଆୟୋଗ ତାଗିଦ କରିବା ଦରକାର ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୮ ଡିସେମ୍ବର, ୨୦୨୫ | ଗୁରୁବାର



## ଓଡ଼ିଶା ଏକ୍ସପ୍ରେସ୍


## ଘରୋଇ କମ୍ପାନୀର ଜୁଲୁମ ଉପଭୋକ୍ତା ଅସହାୟ!

**ବି**ଦ୍ୟୁତ୍ ଏବଂ ପାଣି– ଏ ଦୁଇଟି ବିନା ବଞ୍ଚିବା ଅସମ୍ଭବ । ଏ ଦୁଇ ସେବା ପ୍ରଦାନକାରୀ ସଂସ୍ଥାକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଇଛି, ଲୋକେ ଉତ୍ତମ ସେବା ପାଇବେ, ଏଇ ଲକ୍ଷ୍ୟରେ। କିନ୍ତୁ ଦେଖାଯାଉଛି ଏ ଦୁଇ ଘରୋଇ କମ୍ପାନୀ ଉପଭୋକ୍ତାଙ୍କ ଉପରେ ଜୁଲୁମ ଆରମ୍ଭ କରିଛନ୍ତି, ଠିକ୍ ବ୍ରିଟିଶରାଜ ଅମଳର କର ଆଦାୟ ଭଳି । ସରକାରଙ୍କର ଏମାନଙ୍କ ଉପରେ କୌଣସି ଅଙ୍କୁଶ ଥିଲାଭଳି ମନେହୁଏନି ।

ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଦ୍ୟୁତ୍ ନିୟମାକ ଆୟୋଗ ଗଠନ କରାଯାଇଛି । ଏ ଆୟୋଗ ଉପଭୋକ୍ତାଙ୍କ ସ୍ୱାର୍ଥ ଅପେକ୍ଷା କମ୍ପାନୀ ସ୍ୱାର୍ଥକୁ ଅଧିକ ସୁରକ୍ଷା ଦେଉଥିବା ଭଳି ମନେହୁଏ । ଲୋକେ ପ୍ରତିବାଦ କଲେ ହିଁ ଆୟୋଗର ନିଦ ଭାଙ୍ଗେ ।

ଆମ ରାଜ୍ୟରେ ଅତୀତରେ ଦୁଇ ଦୁଇଟି ଘରୋଇ ବିଦ୍ୟୁତ୍ ସେବା ପ୍ରଦାନକାରୀ କମ୍ପାନୀ ରାଜ୍ୟକୁ ଲୁଟି ଚାଲଯିବା ପରେ ଏବେ ଏ ଦାୟିତ୍ୱ ଟାଟାପାୱାର ହାତରେ ରହିଛି । ଲୋକେ ଆଶା କରୁଥିଲେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ଖୁବ୍ ସନ୍ତୁଷ୍ଟ କରିପାରିବ ତା'ର ସେବାରେ । କିନ୍ତୁ ଟାଟା କମ୍ପାନୀ ସେବା ଅପେକ୍ଷା ନେବାକୁ ଅଧିକ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁଛି । ବିଭିନ୍ନ ଆଳରେ ଉପଭୋକ୍ତାଙ୍କଠାରୁ ନିଷ୍ଠାର ସହିତ ଦେୟ ଆଦାୟ କରିବାରେ ସାମାନ୍ୟ ହେଳା କରୁନାହିଁ । ଟାଟା ପାୱାର କେଉଁ କେଉଁ ବାଟରେ ଉପଭୋକ୍ତାଙ୍କୁ ଲୁଟୁଛି ଏକଥା ଯେ ବିଦ୍ୟୁତ୍ ନିୟାମକ ଆୟୋଗକୁ ଅଜଣା ଏକଥା କହିବା ଭୁଲ୍ ହେବ । କିଛିଦିନ ତଳେ ଖବର ପ୍ରକାଶ ପାଇଥିଲା ଟାଟା ପାୱାର ଉପଭୋକ୍ତାଙ୍କଠାରୁ ବିଭିନ୍ନ ବାଟରେ ଅଧିକ ବିଲ୍ ଆଦାୟ କରିଛି, ହେଲେ ସେ ଟଙ୍କା ଉପଭୋକ୍ତାଙ୍କ ପାଖକୁ ଏଯାଏ ଫେରିନି, ବଦଳରେ ଏବେ ପୁଣି ସିକ୍ୟୁରିଟି ବାବଦକୁ ଅଧିକ ଟଙ୍କା ପଇଠ କରିବାକୁ ଗ୍ରାହକମାନଙ୍କ ପାଖକୁ ନୋଟିସ୍ ପଠାଇଛି କମ୍ପାନୀ । ଏ ନୋଟିସ୍‌କୁ ନେଇ ଆତଙ୍କିତ ଏବେ ଉପଭୋକ୍ତା, ନଦେଲେ ଲାଇନ୍ କଟିଯିବ କିମ୍ବା ଫାଇନ୍ ଗଣିବାକୁ ପଡ଼ିବ ଏଇ ଚିନ୍ତାରେ ଅଛନ୍ତି ଉପଭୋକ୍ତା ।

ଲୋଡ୍ ଅନୁଯାୟୀ ବିଦ୍ୟୁତ୍ ସଂଯୋଗ ବେଳେ ଥରେ ଟଙ୍କା ପଇଠ କରିବା ପରେ ପୁଣି ଆଉଥରେ କାହିଁକି ଏ ପ୍ରଶ୍ନ ସମସ୍ତଙ୍କ ମୁହଁରେ । ଅଧିକ ଲୋଡ୍ ପାଇଁ ସିକ୍ୟୁରିଟି ଡିପୋଜିଟ୍ କରି କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ପାଖକୁ ମଧ୍ୟ ନୋଟିସ୍ ପଠାଇଛି କମ୍ପାନୀ । ତେଣୁ କୋଲୋୱାଟ୍ ଲୋଡ୍ ପିଛା ଜଣେ ଉପଭୋକ୍ତା କେତେ ୟୁନିଟ୍ ବ୍ୟବହାର କରିପାରିବ ତାହା ସ୍ପଷ୍ଟ ହେବା ଉଚିତ୍ । କମ୍ପାନୀ ମନଇଚ୍ଛା ଏ ସ୍ଲାବ୍ ସ୍ଥିର କରିବା ଏକ ଜୁଲୁମ ଛଡ଼ା ଆଉ କିଛି ନୁହେଁ । ଏ କ୍ଷେତ୍ରରେ ପ୍ରଥମେ ବିଦ୍ୟୁତ୍ ନିୟମାକ ଆୟୋଗ ପାଟି ଖୋଲିବା ଦରକାର । ଆୟୋଗ ଚୁପ୍ କାହିଁକି? କେତେ ବର୍ଷ ବ୍ୟବଧାନରେ ଏହା ସଂଶୋଧିତ ହେବା କଥା ତାହାର ମଧ୍ୟ କିଛି ନିୟମ ଥିବ, ତେଣୁ କମ୍ପାନୀ ଏହାର ଖିଲାପ କଲେ ଆୟୋଗ ତାଗିଦ କରିବା ଦରକାର ।

ପାଣି ଯୋଗାଣକାରୀ ଘରୋଇ କମ୍ପାନୀ ମଧ୍ୟ ତା'ର ଜୁଲୁମ ଆରମ୍ଭ କରିଛି । ମିଟର ଲାଗିବା ପରେ ଲୋକେ ପାଣି ଖର୍ଚ୍ଚ କମାଇଦେବା ଫଳରେ ବିଲ୍ ଖୁବ୍ କମ୍ ଆସୁଛି । କମ୍ପାନୀର ଆୟ କମୁଛି । ତେଣୁ ଏବେ ପାଣି ସଂଯୋଗ ନେଇଥିବା ଉପଭୋକ୍ତାଙ୍କର ଯେତିକି ମିଟର ଉଠୁଛି ତା' ସହିତ ୫୦ ଟଙ୍କା ଅଧିକ ଆଦାୟ କରୁଛି 'ୱାଟ୍‌କୋ', ପାଣି ଯୋଗାଣକାରୀ ଘରୋଇ ସଂସ୍ଥା ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ହେଉଛି ଘରୋଇ ବିଦ୍ୟୁତ୍ କମ୍ପାନୀର ଉପଭୋକ୍ତାଙ୍କ ଉପରେ କି ସମ୍ପତ୍ତି ମହଜୁଦ ଅଛି ଯେ ଯାହା ପାଇଁ ସିଏ ସିକ୍ୟୁରିଟି ନେବ? ସବୁପାଇଁ ତ ଉପଭୋକ୍ତା ଟଙ୍କା ଦେଇଛନ୍ତି– ମିଟର, ସର୍ଭିସ ତାରଁ, ସଂଯୋଗ ଏବଂ ଅଥିସହିତ ସିକ୍ୟୁରିଟି ଟଙ୍କା ମଧ୍ୟ ପଇଠ କରିଛି କିଲୋୱାଟ ହାରରେ, ପୁଣି ଏ ଜିଜିଆ କର କ'ଣ ପାଇଁ? ଏ ବାବଦରେ ଆୟୋଗ ସ୍ପଷ୍ଟୀକରଣ ମାଗିବା ଦରକାର କମ୍ପାନୀଠାରୁ । ଉପଭୋକ୍ତାଙ୍କୁ ଦ୍ୱନ୍ଦ୍ୱ ଭିତରେ ନରଖି ସୁରକ୍ଷା ଦେବା ଦରକାର ।

# ନଈରେ ହଜାଇ ପୋଖରୀରେ ଖୋଜିବା...

## ସତ କହିବାକୁ କିଆଁ ଡରିବି

◆ **ଅମ୍ବିକା ପ୍ରସାଦ ଦାସ** ◆

**ଗୋଟେପଟେ ସାଧାରଣ ଲୋକଙ୍କର ଆୟ କମିଚାଲିଛି, ବଜାର ଦର ବଢୁଥିବାରୁ ପରିବାର ଖର୍ଚ୍ଚ ମଧ୍ୟ ବଢୁଛି । ଲୋକେ କେମିତି ଅଧିକ ରୋଜଗାର କରିବେ, ଲୋକଙ୍କ ହାତକୁ କିପରି ଅଧିକ ଟଙ୍କା ଆସିବ ତା' ଉପରେ ଗୁରୁତ୍ୱ ନଦେଇ ଲୋକପ୍ରତିନିଧି ଯେତେବେଳେ ମିଳିମିଶି ଲୋକଙ୍କ ଟଙ୍କାକୁ ମନଇଚ୍ଛା ବଢ଼େଇଚଢ଼େଇ ପକେଟ ଭର୍ତ୍ତି କରିବେ ସେତେବେଳେ ଲୋକେ କ'ଣ ବା କରିପାରିବେ? ଲୋକେ ବର୍ଷେ ତଳେ ୫ ବର୍ଷ ପାଇଁ ଲୋକପ୍ରତିନିଧିମାନଙ୍କୁ ବିଧାନସଭାକୁ ପଠାଇଛନ୍ତି, ତେଣୁ ସେମାନେ ଯାହା ବି କରିବେ ପୁଣି ଭୋଟ ଆସିଲା ବେଳକୁ ।**

**ଓ**ଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ଓ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହେଲା ପରେ ରାଜ୍ୟବ୍ୟାପୀ ପ୍ରକାଶ ପାଇଛି ମିଶ୍ର ପ୍ରତିକ୍ରିୟା । ପୂର୍ବତନ ବିଧାୟକମାନଙ୍କର ପେନସନ୍ ଓ ଭତ୍ତା ମଧ୍ୟ ତୁଳନାତ୍ମକଭାବେ ବୃଦ୍ଧି ପାଇଛି । ବିଧାୟକମାନଙ୍କ ହାତରେ କ୍ଷମତା ଥିବାରୁ ସେମାନେ ସମସ୍ତେ ମିଳିମିଶି ସାଧାରଣ ଲୋକଙ୍କ ଟିକସ ଟଙ୍କାରୁ ହଠାତ୍ ନିଜ ଲାଗି ବେତନ ଓ ଭତ୍ତାକୁ ଏପରି ବୃଦ୍ଧି କଲେ ଯାହା ଲୋକଙ୍କୁ କ୍ଷୁବ୍ଧ କରିବା ସ୍ୱାଭାବିକ। ଓଡ଼ିଶାରେ ବିଧାୟକମାନେ ଦରମା ଓ ଭତ୍ତା ବାବଦରେ ମାସକୁ ୩ଲକ୍ଷ ୪୫ହଜାର ଟଙ୍କା ପାଇବେ, ଯାହାକି ସମଗ୍ର ଦେଶରେ ସର୍ବାଧିକ । ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚଳିତ ଦରମା, ଭତ୍ତାରେ ସାମାନ୍ୟ ବୃଦ୍ଧି ପାଇଥିଲେ ବିଶେଷ ପ୍ରତିକ୍ରିୟା ପ୍ରକାଶ ପାଇନଥାନ୍ତା, କିନ୍ତୁ ଅତର୍କିତ ଭାବେ ୩ଗୁଣା ବୃଦ୍ଧି କରିବା ଓ ତାକୁ ସର୍ବସମ୍ମତିକ୍ରମେ ଗୃହୀତ କରାଇନେବାରେ କେବଳ ଯେ ଶାସକ ବିଜେପି ଦାୟୀ ତାହା କୁହାଯାଇପାରିବ ନାହିଁ । କାରଣ ଏପରି ବୃଦ୍ଧି ପ୍ରସ୍ତାବକୁ ବିରୋଧୀ ଦଳ ମଧ୍ୟ ବିରୋଧ କରିନଥିଲେ।

ତେବେ ଲୋକଙ୍କ ପ୍ରତିକ୍ରିୟାକୁ ଦେଖି ଓ ସିପିଏମ୍‌ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦରମା ବୃଦ୍ଧି ନିଷ୍ପତ୍ତିକୁ ବିରୋଧ କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଓ ଭତ୍ତା ନେବେନି ବୋଲି ଚିଠି ଲେଖି ଜଣାଇଛନ୍ତି ।

ରାଜନୀତିରେ ଲୋକଙ୍କ ଧାରଣା (Public Perception) ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେଣୁ ନେତା ସବୁବେଳେ ''ଲୋକେ କ'ଣ କହୁଛନ୍ତି, କ'ଣ ଭାବୁଛନ୍ତି, କ'ଣ କହିବେ'' ତା' ଉପରେ ନଜର ରଖିଥାନ୍ତି । କିନ୍ତୁ ଏକ୍ଷେତ୍ରରେ ଯେହେତୁ ସମସ୍ତଙ୍କ ପକେଟ ଭରିବ ସେଥିଲାଗି ଲୋକେ କ'ଣ କହିବେ ତା' ଉପରେ ନଜର ନଦେଇ ମିଳିମିଶି ବଢ଼େଇଦେଲେ, ଅବଧି ପୂର୍ବରୁ ସହମତିରେ ବି ବିଧାନସଭା ଅଧିବେଶନ ସାରିଦେଲେ । କିନ୍ତୁ ୩ଗୁଣା ଦରମା, ଭତ୍ତା ବଢ଼ିଥିବା କଥା ଲୋକେ ଜାଣିବା ପରେ ଦେଖାଦେଲା ନାହିଁ ନଥିବା ପ୍ରତିକ୍ରିୟା।

ଗୋଟେପଟେ ସାଧାରଣ ଲୋକଙ୍କର ଆୟ କମିଚାଲିଛି, ବଜାର ଦର ବଢୁଥିବାରୁ ପରିବାର ଖର୍ଚ୍ଚ ମଧ୍ୟ ବଢୁଛି । ଲୋକେ କେମିତି ଅଧିକ ରୋଜଗାର କରିବେ, ଲୋକଙ୍କ ହାତକୁ କିପରି ଅଧିକ ଟଙ୍କା ଆସିବ ତା' ଉପରେ ଗୁରୁତ୍ୱ ନଦେଇ ଲୋକପ୍ରତିନିଧି ଯେତେବେଳେ ମିଳିମିଶି ଲୋକଙ୍କ ଟଙ୍କାକୁ ମନଇଚ୍ଛା ବଢ଼େଇଚଢ଼େଇ ପକେଟ ଭର୍ତ୍ତି କରିବେ ସେତେବେଳେ ଲୋକେ କ'ଣ ବା କରିପାରିବେ? ଲୋକେ ବର୍ଷେ ତଳେ ୫ ବର୍ଷ ପାଇଁ ଲୋକପ୍ରତିନିଧିମାନଙ୍କୁ ବିଧାନସଭାକୁ ପଠାଇଛନ୍ତି, ତେଣୁ ସେମାନେ ଯାହା ବି କରିବେ ପୁଣି ଭୋଟ ଆସିଲା ବେଳକୁ ।

ନେତାଏ ଏକଥା ବି ଭଲଭାବେ ଜାଣନ୍ତି– ଲୋକଙ୍କ ସ୍ମୃତିଶକ୍ତି କ୍ଷୀଣ । ସାଢ଼େ ୩ବର୍ଷ ପରେ ଭୋଟ୍ ହେଲାବେଳକୁ ଲୋକଙ୍କର ଏକଥା ଆଉ ମନେନଥିବ । ଭୋଟ୍ ବେଳେ ନେତାଏ କୁହନ୍ତି– ଜନତା ହେଉଛନ୍ତି ମାଲିକ, ସେମାନେ ହେଉଛନ୍ତି ତାଙ୍କର ସେବକ । କିନ୍ତୁ ମାଲିକ ଅର୍ଥାତ୍ ସାଧାରଣ ନାଗରିକର ମୁଣ୍ଡପିଛା ଆୟଠାରୁ ବର୍ଷକୁ ସେବକ ୨୦ଗୁଣାରୁ ଅଧିକ ଦରମା ଭତ୍ତା ପାଇବେ !!! ଏହା କି ପ୍ରକାର ବିଚାର?

ସକାଳୁ ସଂଜ ଯାଏଁ ବିନା ଛୁଟିରେ ହାଡ଼ଭଙ୍ଗା ପରିଶ୍ରମ କରୁଥିବା ମଣିଷକୁ ଘରୋଇ ଭାବେ ମାସକୁ ସର୍ବାଧିକ ମିଳେ ୧୮ ହଜାର ଟଙ୍କା । ସରକାରୀ ମଜୁରି ହେଲା ମାସକୁ ୧୩,୮୬୦ ଟଙ୍କା । କିନ୍ତୁ ସେଇ ମଣିଷର ଟିକସ ଟଙ୍କାରୁ ନିର୍ବାଚିତ ଲୋକ ପ୍ରତିନିଧି ମାସିକ ଦରମା ଓ ଭତ୍ତା ବାବଦରେ ଯେତେବେଳେ ପାଖାପାଖି ସାଢ଼େ ୩ ଲକ୍ଷ ଟଙ୍କା ନେବେ ସେତେବେଳେ ତାକୁ ସେ ସହ୍ୟ କରିବା ସହଜ ହେବ କି?

ବେତନ ଓ ଭତ୍ତା ବୃଦ୍ଧି ସପକ୍ଷରେ ଯୁକ୍ତି ଦର୍ଶାଇବାକୁ ଯାଇ ଲୋକପ୍ରତିନିଧି କହୁଛନ୍ତି– ଲୋକଙ୍କୁ ଚାହା ଜଳଖିଆ ଦେବାରେ ସେମାନଙ୍କ ଖର୍ଚ୍ଚ ବଢୁଛି, ଦୈନନ୍ଦିନ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ବଢୁଛି । ତେଣୁ ବଢ଼ିବା କିଛି ଭୁଲ୍ ନୁହେଁ । କିନ୍ତୁ ଥରେ ବି ସେମାନେ ଭାବୁନାହାନ୍ତି– ଯେଉଁ ଲୋକଙ୍କ ଭୋଟ୍ ପାଇ ସେମାନେ ଲୋକପ୍ରତିନିଧି ହୋଇଛନ୍ତି ସେମାନଙ୍କ ଆୟ ବଢୁନଥିବାରୁ ସେମାନେ କେତେ କଷ୍ଟରେ ଚଳୁଥିବେ!! ଦେଶବ୍ୟାପି ଧାନ ଉତ୍ପାଦନ ବଢ଼ିଚାଲିଥିବାରୁ ଏବଂ ରପ୍ତାନି ସେଇ ଅନୁପାତରେ ହେଉନଥିବାରୁ ବିପୁଳ ପରିମାଣର ଚାଉଳ ମହଜୁଦ ରହୁଛି, ସରକାର ଏହାକୁ ଏକ ନିର୍ଦ୍ଦିଷ୍ଟ ବର୍ଗଙ୍କ ମଧ୍ୟରେ ମାଗଣାରେ ବାଣ୍ଟି ବାହାବା ନେଉଛନ୍ତି । କିନ୍ତୁ ଡାଲି, ତେଲ, ପନିପରିବାର ଆକାଶଛୁଆଁ ଦରବୃଦ୍ଧି ଲୋକଙ୍କୁ ଏତେ ବାଧୁଛି ଯେ ସ୍ୱଳ୍ପ ରୋଜଗାରରେ ପେଟକୁ ଦାନା ଓ ଦେହକୁ କନା ଯୋଗାଡ଼ କରିବା ମୁସ୍କିଲ୍ । ଲୋକ ପ୍ରତିନିଧିଙ୍କ ଦରମା ହେଉ କି ପେନସନ୍ ହେଉ ଯେତେବେଳେ ଏହାକୁ ବହୁଗୁଣିତ କରି ବଢ଼ାଇ ଚଢ଼ାଇ ନେଇଗଲେ ସେତେବେଳେ ତ ଥରେ ଭାବିଲେନି– ଦରବୃଦ୍ଧିରେ ଦରମରା ଲୋକଙ୍କୁ ଏଥିରୁ କେମିତି ନିସ୍ତାର ମିଳିବ? ଲୋକଙ୍କର ଆୟ କେମିତି ବଢ଼ିବ । ବିନା ଲାଞ୍ଚରେ ସରକାରୀ ଦପ୍ତରମାନଙ୍କରୁ ଲୋକଙ୍କୁ କିପରି ନ୍ୟାୟ ମିଳିବ, ଏମ୍‌ଏଲ୍‌ଏ ପାଣ୍ଠି ହେଉ କି ଏମ୍‌ପି ପାଣ୍ଠି ହେଉ ତାହା ଖର୍ଚ୍ଚ କରାଗଲା ବେଳେ କିପରି ଟଙ୍କାଟିଏ ବି ବାଟମାରଣା ନହୋଇ ସବୁତକ ଲୋକଙ୍କ କାମରେ ଲାଗିବ... । ଏଇସବୁ ଦିଗ ଉପରେ ଯଦି ଲୋକ ପ୍ରତିନିଧିମାନେ ନଜର ଦେଉଥାନ୍ତେ ତେବେ ହୁଏତ ଲୋକେ ସେମାନଙ୍କ ବଢ଼ାଚଢ଼ା କାରବାରକୁ ସେତେଟା ଗୁରୁତ୍ୱ ଦେଉନଥାନ୍ତେ । କିନ୍ତୁ ଲୋକେ ଯେତେବେଳେ ବିନା ଲାଞ୍ଚରେ ନ୍ୟାୟ ନ ପାଇ ହନ୍ତସନ୍ତ ହେଉଛନ୍ତି, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାରେ ଦିନ ଦିପହରେ ବାଟମାରଣା ହେଉଥିବାର ଦେଖୁଛନ୍ତି ସେତେବେଳେ ଲୋକ ପ୍ରତିନିଧିମାନେ ସେସବୁକୁ ରୋକିବା ପାଇଁ କୌଣସି ପଦକ୍ଷେପ ନେଉଛନ୍ତି କି? ବରଂ ଦେଖି ନ ଦେଖିଲା ଭଳି ରହିଯାଉଛନ୍ତି । ଲୋକେ ଯେତେବେଳେ ଦରବୃଦ୍ଧି, ଦୁର୍ନୀତି, ବାଟମାରଣାକୁ ନେଇ ତ୍ରସ୍ତ ସେତେବେଳେ ଦରମା ଓ ଭତ୍ତା ବୃଦ୍ଧି ନେଇ ଲୋକପ୍ରତିନିଧିଙ୍କ ବ୍ୟସ୍ତତାକୁ ଲୋକେ ସହଜରେ ଗ୍ରହଣ କରିବେ କେମିତି?

ଲୋକଙ୍କର ଏହି ପ୍ରତିକ୍ରିୟାକୁ ଦେଖି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଓ ଭତ୍ତା ନେବେନି ବୋଲି ଯାହା କହିଛନ୍ତି ତାକୁ କଟାକ୍ଷ କରିଛନ୍ତି ବିଜେପି ନେତା ଜୟନାରାୟଣ ମିଶ୍ର । ତାଙ୍କ କହିବା ଅନୁସାରେ ନବୀନ ବାବୁଙ୍କ ସମୟରେ ବିପୁଳ ପରିମାଣର ଖଣି ଦୁର୍ନୀତି ହୋଇଛି । ସେସବୁର ତଦନ୍ତ ହେବା ଦରକାର । ନବୀନବାବୁ ବହୁତ ବଡ଼ ଧନୀ ଲୋକ, ବର୍ଦ୍ଧିତ ଦରମା ଓ ଭତ୍ତା ନ ନେବାକୁ କହିବା ତାହା ତାଙ୍କର ନାଟକବାଜୀ। ଅନୁରୂପ ମନ୍ତବ୍ୟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ । ବିଜେଡିର ଏକାଧିକ ବିଧାୟକ ସାଧାରଣରେ କିନ୍ତୁ ବେତନ ବୃଦ୍ଧିକୁ ସମର୍ଥନ କରୁଛନ୍ତି । ନେତାଙ୍କ ବୟାନବାଜି ଦେଖି ଲୋକେ କହୁଛନ୍ତି– କାମ ହାସଲ କଲାବେଳକୁ ସମସ୍ତେ ଗୋଟିଏ, କିନ୍ତୁ ଲୋକଙ୍କ ପାଖକୁ ଅଲଗା ଅଲଗା ଯାଇ ଅଲଗା କଥା କୁହନ୍ତି ସବୁବେଳେ।

ନବୀନ ବାବୁଙ୍କ ନନେବା ଚିଠି ସାଧାରଣରେ ଗ୍ରହଣୀୟ ହୋଇଥାନ୍ତା ଯଦି ସେ ଦଳର ସୁପ୍ରିମୋ ଭାବେ ବିଧାନସଭାରେ ଏପରି ପ୍ରସ୍ତାବକୁ ବିରୋଧ କରିଥାନ୍ତେ ବା ଦଳୀୟ ବିଧାୟକମାନଙ୍କୁ ହଠାତ୍ ଏତେ ପରିମାଣର ନ ବଢ଼ାଇ ଅଳ୍ପ କିଛି ବଢ଼ାଇବା ସଂକ୍ରାନ୍ତ ସଂଶୋଧନ ପ୍ରସ୍ତାବ ଆଣିବାକୁ ପରାମର୍ଶ ଦେଇଥାନ୍ତେ। କିନ୍ତୁ କୌଣସି ଗୋଟିଏ ବି ପଦକ୍ଷେପ ନନେଇ ପ୍ରକାରାନ୍ତରେ ବୃଦ୍ଧି ପ୍ରସ୍ତାବକୁ ସମର୍ଥନ ଦେଇସାରିଲା ପରେ ନିଷ୍ପତ୍ତିର ବିରୋଧାଚରଣ କରି ନନେବା ପାଇଁ ବିଳମ୍ବରେ ଯେଉଁ ଚିଠି ଲେଖିଲେ 'ତାହା ନଈରେ ହଜାଇ ପୋଖରୀରେ ଖୋଜିବା' ସଦୃଶ ବୋଲି ଯେଉଁମାନେ କହୁଛନ୍ତି ତାକୁ ଅବଶ୍ୟ ଖାରଜ କରାଯାଇପାରିବନି ।

# ସ୍କ୍ରିନ ଟାଇମ୍ ବଢ଼ାଉଛି ହୃଦରୋଗ ଆଶଙ୍କା

■ **ପ୍ରଫେସର ଡା. ଚନ୍ଦ୍ରକାନ୍ତ ମିଶ୍ର** ■

**ପି**ଲାମାନଙ୍କ ଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ ଯୁଗ । ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ, ଅନଲାଇନ କ୍ଲାସ, ଗେମିଂ ଓ ଷ୍ଟ୍ରିମିଂରେ । ହୋମୱାର୍କ କରି ଟିକେ ଥକି ପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ ନ କେଞ୍ଚିଲେ ପିଲାଙ୍କୁ ନିଦ ବି ଆସୁନାହିଁ । ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲରେ ମନୋନିବେଶ କରିଛନ୍ତି । କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦୟରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ, ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ, ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ଏକ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା। ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହା ବ୍ୟତୀତ ଆଉ ପରିଧି ସିଷ୍ଟୋଲିକ୍ ବ୍ଲଡ଼ ପ୍ରେସର, ଏଚଡ଼ିଏଲ କୋଲେଷ୍ଟ୍ରଲ, ଟ୍ରାଇଗ୍ଲିସରାଇଡସ ଓ ରକ୍ତ ଶର୍କରା ଆଦି ପରିମାପ ଜରିଆରେ ହୃଦରୋଗଜନିତ ବିପଦ ଓ କାର୍ଡ଼ିଓମେଟାବୋଲିକ ରିସ୍କ କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ମୋବାଇଲର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦରୋଗ ଆଶଙ୍କା ବଢ଼ାଉଛି।

ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋର ମାନଙ୍କ ମଧ୍ୟରେ ୦.୧୩ କାର୍ଡ଼ିଓମେଟାବୋଲିକ ସମସ୍ୟା ସୃଷ୍ଟି କରୁଛି । ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳ ମଧ୍ୟ ହୃଦରୋଗ ଆଶଙ୍କା ବୃଦ୍ଧି କରୁଛି । ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ । କୋଭିଡ଼ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନଲାଇନ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କ ସ୍କ୍ରିନ ଟାଇମ ବୃଦ୍ଧି ପାଇଥିଲା । ବର୍ଦ୍ଧିତ ମୋବାଇଲ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ ପ୍ରତିରୋଧ ଭଳି କାର୍ଡ଼ିଓମେଟାବୋଲିକ ସମସ୍ୟା ମଧ୍ୟ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି ।

# ଜମି ମାଲିକାନା କୃଷକ ହାତକୁ ଯାଉ

■ **ଗଙ୍ଗାଧର ସାମଲ** ■

**ଓ**ଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ । ଜଳସେଚନ ସୁବିଧା ମଧ୍ୟ ଗତ ୩–୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ । ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ । ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ । ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ । ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁଜଳଯୋଗାଣ, ଉନ୍ନତ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ । ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉନ୍ନତ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ । ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ । ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି । ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ । ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ । ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ । ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ ।

କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉଠାଇବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ । କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ । ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ । ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇହେବନାହିଁ । କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ । ଗତ ୨–୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ । ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି । ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ । ଜଳସେଚନର ସୁବ୍ୟବସ୍ଥା ଉନ୍ନତ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ । ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ ।

ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବସିଡ଼ି ସହ ବୀମାରାଶି ମଧ୍ୟ ପାଇବାକୁ ହକଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆ ଭିଡ଼ି ଚିଠା ବିଲ ପ୍ରସ୍ତୁତ କରିଛନ୍ତି । ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି । ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି ।

ଏଠାରେ ସୂଚାଉଛୁ କି ଯେ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ଯାହାକିଛି ରାଜସ୍ୱ ବିଭାଗ ଇନପୁଟ ସବସିଡ଼ି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାନ୍ତି। ରାଜ୍ୟ ସରକାରଙ୍କ ୨୦୧୫–୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗ ଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁ ଯିବ ବୋଲି ମତ ରଖୁଛନ୍ତି। ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ 'ବଳରାମ' ଯୋଜନା ଆଣିଥିଲେ। ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି। ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି । ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି । ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଲୋକପ୍ରିୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି ।

ନୂଆ ସରକାର ଚାଷ ଓ ଚାଷୀଙ୍କୁ ଅଗ୍ରାଧିକାର ଦେଇ 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି । ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି। ଏଠାରେ ଆମେ କହି ରଖୁ କି ଯେ, ଭାଗଚାଷୀ ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜରେ ନେଇଥାନ୍ତି। ସେ ଦୁଇଜଣଙ୍କ ରାଜିନାମା ଅନୁଯାୟୀ ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲର ଦୁଇ ପଞ୍ଚମାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ସହେ । ଅଭାବୀ ବିକ୍ରିର ଶିକାର ହୁଏ । ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ ହୋଇପାରିନଥାଏ । ଏହାବାଦ ନିଜ ନାମରେ ଜମି ପଟ୍ଟା ନଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି ।

ଭାଗଚାଷୀ ଆଇନ ଚିଠା ବିଲ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ–୧୯୬୦ରେ ସରକାର ସଂଶୋଧନ ଆଣିବେ। ଜମି ମାଲିକମାନଙ୍କ ସହ ଭାଗଚାଷୀମାନେ ଏକ ଚୁକ୍ତି କରିବେ। ଉଭୟଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟରେ ଏ କାଗଜପତ୍ର କାମ ହେବ। ସରପଞ୍ଚଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବେ। ଏହାର ବୈଧତାକୁ ଆବଶ୍ୟକ ସ୍ଥଳେ ଯାଞ୍ଚ କରିବାକୁ ଏହାର ନକଲ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସରେ ରଖାଯିବ। ନୂଆ ବ୍ୟବସ୍ଥାରେ ଜମି ମାଲିକଙ୍କ ହାତରୁ ଜମି ଭାଗଚାଷୀ ନିକଟକୁ ଚାଲିଯିବନି କିମ୍ବା ଭାଗଚାଷୀ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବନି। ଖୁବ ଶୀଘ୍ର ସରକାରୀ ଭାବେ ଏକ ଚିଠା ବିଲ ପ୍ରସ୍ତୁତ ହେବାକୁ ଯାଉଛି ଯାହାଦ୍ୱାରା ସରକାର ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ ଏବଂ ଓଡ଼ିଶାରେ ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଭୁକ୍ତ ଭାଗଚାଷୀମାନେ ଚାଷ ବାସରେ ଯଥେଷ୍ଟ ଅଗ୍ରଗତି କରି ଓଡ଼ିଶାର କୃଷି କର୍ମଣ କ୍ଷେତ୍ରରେ ନିଜ ଭାଗିଦାରୀତାକୁ ବଢ଼ାଇ ପାରିବେ ।


ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ.୮୩୨୮୯୪୮୬୪୩


# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର

**ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି.......**

## ମଧୁଗୀତି ଏଇ ଶୀତରେ

**● ବେବୀଲତା ଶତପଥୀ**



ନିଘୋଡ଼ ନିଦରେ
ଶୀତର ବହଳ ଚାଦର ତଳେ
ଭାରି ଇଚ୍ଛା ହୁଏ
ପଦଟିଏ ଲେଖିବାକୁ ତୁମ ପାଇଁ
ସ୍ମୃତିର ସାଇତା ପୃଷ୍ଠାରେ
ମୋ ମନ ସାଧା କାଗଜରେ ।

ଆଖିର ଲୁହରେ
କବିତା ମୋ ଝରେ
କୃଶାଙ୍ଗ ନଈର ତୀରେ
ସମ୍ବେଦନଶିଳତାରେ ଭର୍ତ୍ତି ହୋଇ ଯାଏ
ଅଳସିଆଖିରୁ ଅସୁମାରୀ ସ୍ୱପ୍ନ
ଟୋପା ଟୋପା ହୋଇ ଝରେ ।

ବାଟ ଭୁଲା ହୁଏ ଯେବେ ପ୍ରୀତି
ରାତି ବିତେ ଅଭିସାରେ
ସ୍ମୃତିର ରଙ୍ଗ ନିବିଡ଼ କରେ
ନୀଳ ଆକାଶର ସାମିୟାନା ତଳେ
କଳ୍ପନାର ସେ କଳ୍ପ ଲୋକରେ
ସ୍ୱପ୍ନର ମହଲ ତୋଳେ ।

ତୁମ ଭୁଲାମନ ଅମାନିଆ ପଣ
ସମୟ ସାଇତି ଧରେ
ସେ ଅମୃତମୟ ଶୁଭ ଲଗନ
ରୁଦ୍ଧ ପ୍ରାଣର କୋହ
ପ୍ରୀତି ନଈର ଧାରେ ।

ମଧୁକ୍ଷରା ଏଇ ଜୀବନର ରଙ୍ଗ
ରଙ୍ଗୀନ ରଙ୍ଗ ଭରେ
ଯେବେ ସେ ଉଦୟ ରାଗ ହୋଇ ଉଠେ
ଏଇ ଶୀତରେ,
ମଧୁଗୀତି ହୋଇ ଝରେ
ମଧୁଗୀତି ହୋଇ ଝରେ ।

*ପଦ୍ମାଲୋକ, କେ-୪,*
*କଳିଙ୍ଗ ବିହାର, ଭୁବନେଶ୍ୱର*
*ମୋ.୬୩୭୨୯୯୯୫୯୦*

## ପ୍ରତୀକ୍ଷାରେ ଅଭ୍ୟର୍ହିତ ବନ୍ଦୀ

**● ଅନସୂୟା ପଣ୍ଡା**

ତୁମେ ଔପୁଟ ନୀଳ ରାତି
ସ୍ୱପ୍ନ ସବୁ ନାନା ରଙ୍ଗ ପ୍ରଜାପତି
ଉଡୁଥାନ୍ତି ଗାଇ ଗାଇ
ଆବେଗର ଛନ୍ଦ ଗୀତି
ମୁଁ ରାତିଏ ଅନ୍ଧାରରେ ଏଠି
ବୁଢ଼ିଆଣୀ ଜାଲରେ ବନ୍ଦୀ
ଅବୁଝା ଏ ସଂସାରରୀତି ।

ତୁମେ ଶୂନ୍ୟତାରେ ଉଦ୍ଭାସିତ ପଂକ୍ତି
ଇନ୍ଦ୍ରଧନୁର ମୁଗ୍ଧ ଗୀତି
ବିତିଯାଏ ସମୟ ଆଖି ପତା ମୁଦି
ସ୍ମୃତିମାନେ ବରଷନ୍ତି ତମାମ ରାତି
ମୁଁ ଏଠି ଭୋଗୁଥିବା ଝଡରାତି
ମିଛ ସ୍ୱାଭିମାନେ ବନ୍ଧା ମୋ ବୁଜୁଳି
ସବୁ ଅଭାବର ଅଭିବ୍ୟକ୍ତି ଭର୍ତ୍ତି ।

ତୁମର ସେଠି କୂଟନୀତି ଯଦୁପତି
ବୈଦୁର୍ଯ୍ୟ ମଣିରେ ଭାବି ଚୁକ୍ତି
ବାଣ୍ଟୁଥାଅ ଅନୁକମ୍ପା ଅନୁଦାନ
କରୁଥାଅ ଚକ୍ରରେ ଅନିତ୍ୟ ଗଞ୍ଜନ ।

ମୁଁ ଏଠି ବଂଶୀ ସହ ଅଭ୍ୟର୍ହିତ ବନ୍ଦୀ
ପ୍ରତୀକ୍ଷାରେ ତିନ୍ତୁଥିବା ଦୁର୍ବର୍ଣ୍ଣ ଜହ୍ନରାତି
ଚିତ୍ରିତ ତୁମ ସାଥେ ଯୁଗେ ଯୁଗେ ତଥାପି ।

ବୁର୍ଲା, ସମ୍ବଲପୁର
ମୋ. ୯୪୩୯୨୧୧୯୭୧

## ଏବେ ୧୦୦ ଗ୍ରାମ୍ ଚିନାବାଦାମରେ ବାଟ ସରୁନି ଶୀତ ଛାଡୁନି

**କଥା ଏତିକି**

**● ସୁନୀଲ ବୋଷ**

**କି**ଛି ବର୍ଷ ତଳେ ଶହେ ଗ୍ରାମ୍ ଚିନାବାଦାମରେ ବାଟ ବେଶ୍ ସରିଯାଉଥିଲା ଆଉ ଘରେ ପହଞ୍ଚି ହେଉଥିଲା, ଏତିକି ଶୀତରେ । ଏବେ ଘରେ ପହଞ୍ଚିବା ଆଗରୁ ସରିଯାଉଛି ଶହେ ଗ୍ରାମ୍‌ର ଚିନାବାଦାମ । ଶୀତ ଖୁବ୍ ବାଧୁଛି । ସ୍ୱେଟରର ବିକଳ୍ପ ହୋଇପାରୁନି ଚିନାବାଦାମ ।


ଚିନାବାଦାମ ଖାଇ ଖାଇ ବାଟ ଚାଲିବା ଭିତରେ ଯେତିକି ଶୀତ ଦେହକୁ ଛୁଉଁଥିଲା, ସେତକ ବେଶ୍ ଭଲ ଲାଗୁଥିଲା ।

ନୂଆ ନୂଆ ଚାକିରି କରିଥାଏ । ବସ୍‌ରେ ଯା'ଆସ କରୁଥାଏ ଖୋର୍ଦ୍ଧାରୁ ଭୁବନେଶ୍ୱର । ଅଫିସ୍‌ରୁ ଫେରିଲା ବେଳକୁ ସଂଜ ପାକଳ ହୋଇସାରିଥାଏ । ବସ୍‌ରୁ ଓହ୍ଲାଇ ଘରମୁହାଁ ଗଲାବେଳକୁ ହାତ ଦୁଇଟା ଆପଣାଛାଏଁ ଚାଲିଯାଏ ପ୍ୟାଣ୍ଟର ଦି'ପକେଟ୍ ଭିତରକୁ । ଦେହଟା କେମିତି ଥଣ୍ଡା ଥଣ୍ଡା ଲାଗେ ଆଉ ଏତିକି ବେଳକୁ ମନେହୁଏ ଶୀତଟା ବେଶ୍ ତା'ର ସ୍ଥିତି ଜମେଇ ସାରିଲାଣି । ଏଥର ସ୍ୱେଟରଟିଏ ନକିଣିଲେ ହେବନି! ପୁରୁଣାଟାରେ ଆଉ କାମ ଚଳୁନି ।

ଏମିତି ଶୀତ ସହ ମୁକାବିଲା କରି ଆଗକୁ ବଢୁବଢୁ ଆଖି ପଡ଼ିଯାଏ ଷ୍ଟ୍ରୀଟ୍‌ଲାଇଟ୍ ତଳର ସେଇ ଚିନାବାଦାମବାଲାଟା ଉପରେ । ଜିଭଟା କେମିତି ଟାକୁଳେଇ ହୁଏ । ଲୋକଟା ପାଖରେ ଛିଡ଼ା ହେଉ ହେଉ ଲୋକଟା ଶହେ ଚିନାବାଦାମର ପୁଡ଼ିଆଟିଏ ବଢ଼େଇଦିଏ ହାତକୁ ।

ଶହେ ଚିନାବାଦାମରେ ଶୀତକୁ ଉପଭୋଗ ଆଉ ଅନୁଭବ କରିବା ଭିତରେ କେତେବେଳେ ଯେ ଘର ଆସିଯାଏ ଜଣାପଡ଼େନି । ଯେଉଁଦିନ ଚିନାବାଦାମ ଶେଷ କରି ହାତ ଦି'ଟାକୁ ପୁଣି ପକେଟ୍‌ରେ ପୂରେଇ କିଛିବାଟ ଚାଲିବାକୁ ହୁଏ ସେଦିନ ଭାବେ- ଲୋକଟା କ'ଣ ଆଜି ଓଜନରେ ଠକିଦେଲା କି? ଆଉ ଯେଉଁଦିନ ବଳକା କିଛି ଚିନାବାଦାମ ପୁଡ଼ିଆରେ ଥାଇ ଗୋଟେ ହାତରେ ଗେଟ୍ ଖୋଲିବାକୁ ପଡ଼େ ସେଦିନ ଭାବେ- ଲୋକଟା ନିଶ୍ଚେ ଆଜି ଶହେ ବଦଳରେ ଅଧିକ ଚିନାବାଦାମ ବୋଧେ ଦେଇଦେଇଛି, କାହିଁକି ନା ଷ୍ଟ୍ରୀଟ୍‌ଲାଇନ୍ ତଳର ସେ ଚିନାବାଦାମ ବାଲାଠୁ ଆମ ଘର ଶୀତଦିନେ ଠିକ୍ ଶହେ ଚିନାବାଦାମର ବାଟ ।

ଏବେ ଚିନାବାଦାମ ସରିଯାଏ ବାଟ ସରେନି କାହିଁକି? ଏହାର କାରଣ ହେଲା- ଏବେ ସେ କ୍ୱାଲିଟିର ଆଉ ଚିନାବାଦାମ ନାହିଁ କି ଶୀତ ବି ନାହିଁ । ଅଧା ଚିନାବାଦାମ ତ ଖତରା...



## ପାଞ୍ଚଟି ଅଣୁ ଗଳ୍ପ

**● ମୃଣାଳ**



### ବୁଧିରାମ ଓ ଡଲି

ଝକାସ୍ ଗୋଟେ ମୋବାଇଲ୍ କିଣିଛି ବୁଧିରାମ । କଥା ହେଉଛି । ସିନେମା ଦିଶୁଛି । ଫଟୋ ଉଠୁଛି । ଭିଡିଓ ବି ଉଠୁଛି । ଡଲିକୁ କହିଲା ବୁଧିରାମ, ତୋର ଫଟୋ ଉଠେଇବି । ଡଲି କହିଲା, ଉଠା । ବୁଧିରାମ ଉଠେଇଲା ଫଟୋ । ଡଲିକୁ କହିଲା, ଦେଖ ତୋ ଦେହ । କେମିତି ଦିଶୁଛି । ଆରେ ତା' ଦେହ ଏତେ ସୁନ୍ଦର ଦିଶେ ବୋଲି ଡଲିର ଧାରଣା ନଥିଲା । ବୁଧିରାମ କହିଲା, ଆଉ ଦେଖିବୁ ନିଜ ଦେହ? ଡଲି କହିଲା, ହଁ । କହିଲା ଆଉ ନିଜ ଦେହକୁ ଖୋଲି ବିଛେଇ ଦେଲା ବୁଧିରାମ ସାମ୍ନାରେ । ଦେଖୁ । ସେ ତ ଦେଖିବ । ବାହା ହେବ ବୋଲି କହିଛି । କାଲି ଦେଖିଥାନ୍ତା, ନହେଲେ ଆଜି ଦେଖିବ । ବୁଧିରାମ ଉଠେଇ ଚାଲିଲା ଫଟୋ । ଭିଡିଓ ।

ପରଦିନ ସାରା ସହର ଦେଖିଲା ଡଲିର ଡଉଲ ଡାଉଲ ଦେହ ।

### ମହାଦେବ ବାବୁ

ମହାଦେବ ବାବୁଙ୍କ ମୋବାଇଲ୍‌ରେ କେହି ହାତ ଦେବା ମନା । ସେ ମୋବାଇଲ୍‌ଟିକୁ ବଡ଼ ପୁଅ- ଯିଏ ଆମେରିକାରେ ରହେ ସେ ଆଣି ଦେଇଛି । ମୋବାଇଲ୍‌ଟି ଆମେରିକାରୁ ଆସିଛି ବୋଲି କିମ୍ବା ଆମେରିକାରେ ଥିବା ବଡ଼ପୁଅ ଆଣି ଦେଇଛି ବୋଲି କହିହେବନି-ତେବେ ତାହା ମହାଦେବ ବାବୁଙ୍କ ଭାରି ପ୍ରିୟ । ସେଥିରେ ସେ କାହାକୁ ହାତ ମରେଇ ଦିଅନ୍ତିନି ।


ମୋବାଇଲ୍‌ଟି ତାଙ୍କ ଖଟ ପାଖରେ, ଠଣା ଭିତରେ ଗୋଟେ ଛୋଟ ତଉଲିଆ ଉପରେ ରଖା ହୋଇଥାଏ । ତାଙ୍କ ସାନ ବୋହୂ କହେ, ସଞ୍ଜବେଳେ ତା' ଆଗରେ ଟିକେ ଧୂପ ଜାଳି ଦେବା ଦରକାର ।

ମହାଦେବ ବାବୁ ଅପେକ୍ଷା କରିଛନ୍ତି କେବେ ଆମେରିକାରୁ ପୁଅ ତାଙ୍କ ପାଖକୁ ଫୋନ୍ କରିବ । କେବେ ସେ ମୋବାଇଲ୍‌ରେ କଥା ହେବେ ।

### ସମରୁ

ସମରୁର ମୋବାଇଲ୍‌ଟାକୁ ସେ ଝୁଲାମୁଣି ଭିତରେ ରଖେ । ବାହାରେ ରଖିଲେ ଲୋକେ ବାର କଥା କହୁଛନ୍ତି । କହୁଛନ୍ତି: ଦେଖ କି ଜମାନା ହେଲା- ଭିକାରି ପାଖରେ ବି ମୋବାଇଲ୍ ! ଯେମିତି ଭିକାରି ମୋବାଇଲ୍ ରଖିବା ମନା ।

ମୋବାଇଲ୍ ଫୋନ୍ ଯେ ଜଣେ ଭିକାରି ପାଇଁ କେତେ ଦରକାରୀ ତାହା ସମରୁକୁ ପଚାର । ଏଇଥିରେ ସେ ବୁଝିଦିଏ ଲକ୍ଷ୍ମୀମନ୍ଦିର ପାଖରେ ଆଜି ଭିଡ଼ କେତେ? ଲକ୍ଷ୍ମୀମନ୍ଦିର ଜାଗାଟା ସେ ପଲ୍‌ଟୁକୁ ଭଡ଼ାରେ ଦେଇଛି । ସେଠି କେତେ ଭିଡ଼ ହେଉଛି ଜାଣିବା ଦରକାର । ସେ ଜାଗାଟାରେ ଏବକୁ ଭିଡ଼ ବେଶୀ ହେଉଛି । ସେ ଏରିଆରେ ବଡ଼ ବଡ଼ ଘର ହେଉଛି । ଧନୀ ଲୋକମାନେ ରହୁଛନ୍ତି । ସେଠି ଆମଦାନୀ ବେଶୀ । ତେଣୁ ସମରୁ ଭାବୁଛି ଆର ବର୍ଷ ବେଳକୁ ସେଠାକୁ ଚାଲିଯିବ । ବର୍ତ୍ତମାନ ଚଣ୍ଡୀମନ୍ଦିର ସାମ୍ନାରେ ଯେଉଁ ଜାଗାରେ ସେ ବସୁଛି- ଏଇ ଜାଗାଟାକୁ ଭଡ଼ା ଦେଇଦେବ ।



ସମରୁ ମୋବାଇଲ୍‌ରେ ଗୀତ ବି ଶୁଣେ । ତୁଝ୍‌କୋ ରଖେ ରାମ ତୁଝ୍‌କୋ ଆଲ୍ଲା ରଖେ । ଆଗରୁ ସେ ଗୀତ ଗାଇ ଭିକ ମାଗୁଥିଲା । ଏବେ ଦେଖୁଛି ଏସବୁ ପୁରୁଣାକାଳିଆ ଗୀତ କେହି ଶୁଣୁନାହାନ୍ତି । ତେଣୁ ସେ ଖାଲି ଏ ମା, ଏ ବାବୁ ବୋଲି ମାଗେ । ହେଲେ ଗୀତ ପଦେ ଦି'ପଦ ଶୁଣିବାକୁ ଭଲ ଲାଗେ । ବେଳେବେଳେ ଜଣାଣ ଶୁଣେ, ବେଳେବେଳେ ଛାନ୍ଦ ଚଉପଦୀ । ତା' ମୋବାଇଲ୍‌ରେ ହିନ୍ଦୀ ହିଟ୍ ଗୀତ ବି ଅଛି । ତା'ର ସାନ ନାତିଟା ଏଇ ମୋବାଇଲ୍‌ରେ ଗୀତ ଶୁଣି ଶୁଣି ଶିଖୁଛି । ମିଛ କହିବନି ସମରୁ, ସାନ ନାତିଟା ଏବେଠୁଁ ଟ୍ରେନ୍‌ରେ ହିନ୍ଦୀ ଗୀତ ଶୁଣେଇ ଭଲ ପଇସା କମଉଛି ।

ଦେଖିଲ, କେତେ କାମରେ ଆସୁଛିରେ ଏ ମୁଠି -ଫୋନ୍ । ତେବେ ହଁ, ମୋବାଇଲ୍ ପାଇଁ ଖର୍ଚ୍ଚ ଅଛି । ଏବେ ସମରୁ ଗୋଟେ ବୁଦ୍ଧି ପାଞ୍ଚିଛି । ଏ ମା', ଏ ବାବୁ ଟଙ୍କାଏ ଦେ ନ କହି ସେ କହିବ ଏ ମା', ଏ ବାବୁ- ଗୋଟେ ସିମ୍ କାର୍ଡ ଦେବ । ଦଶ ଟଙ୍କାର ଟପ୍ ଅପ୍ ଦେ । ଏ ମା', ଏ ବାବୁ ।

### କୁନୁ ମୁନୁ ଦୁଇ ଭାଇ

କୁନୁ ମୁନୁ ଦୁଇ ଭାଇ । ଭାଇ ଭାଇ ଭିତରେ ଭାରି ସ୍ନେହ । ଭାରି ଭାବ । ଦୁଇ ଭାଇ ଦୁଇ ସହରରେ ଚାକିରି ପାଇଲେ । ଦୁହେଁ ଭାବୁଥିଲେ ଟେଲିଫୋନ୍‌ଟିଏ ଥିଲେ କେତେ ଭଲ ହୋଇଥାନ୍ତା, କେତେ କଥା ହୋଇଥାନ୍ତେ ସେମାନେ !

୧୫ ବର୍ଷ ପରେ ।

ଏବେ କୁନୁ ପାଖରେ ଦୁଇ ମୋବାଇଲ୍ । ମୁନୁ ପାଖରେ ତିନି । ସେମାନଙ୍କ ପୁଅ ପାଖରେ ମୋବାଇଲ୍ । ସ୍ତ୍ରୀ ପାଖରେ ମୋବାଇଲ୍ । ଡ୍ରାଇଭର, ଚାକର ପାଖରେ ବି ମୋବାଇଲ୍ ।

ହେଲେ ଛ' ମାସ ହେଲା ସେମାନଙ୍କ ଭିତରେ ଥରୁଟିଏ ବି କଥା ହୋଇନି । କୁନୁ ମୁନୁ ଦୁଇଭାଇ ଆଉ କଥା ହୁଅନ୍ତିନି । ସେମାନଙ୍କ ଭିତରେ ଭାବ ଆଉ ନାହିଁ ।

### ମଲ୍ଲିକା

ମଲ୍ଲିକାର ଭ୍ୟାନିଟି ବ୍ୟାଗ୍ ଭିତରେ ଗୋଟେ ସ୍ମାର୍ଟ ଫୋନ୍ ଶୋଇରହିଛି । ସ୍ମାର୍ଟ ଫୋନ୍‌ରେ ପଚାଶ ଫିଚର୍ । ସେଥିରେ ଇ-ମେଲ୍ ଆସିପାରେ । ମେଲ୍ କି ମେସେଜ ଆସିଲେ ଟିଂ ଟଂ ବୋଲି ଶବ୍ଦ ହୁଏ- ଆଉ ଯିଏ ମେସେଜ୍ ପଠେଇଲା, ତା' ନମ୍ବର ଫିଡ୍ ହୋଇଥିଲେ ଫଟୋ ଦିଶେ ।

ମଲ୍ଲିକା ଗତ ପନ୍ଦର ମିନିଟ ହେଲା ଅପେକ୍ଷା କରିଛି ସେ ଶବ୍ଦ ଶୁଣିବାକୁ । ଆସୁନି । ବାହାରେ ସୁନ୍ଦର ସନ୍ଧ୍ୟାଟା ଫାଲ୍‌ତୁରେ ବିତିଯାଉଛି ।

ଏବେ କ'ଣ କରେ ମଲ୍ଲିକା? ସନ୍ଧ୍ୟାଟା କେମିତି ବିତେଇବ?

ମଲ୍ଲିକା ଭ୍ୟାନିଟି ବ୍ୟାଗ୍ ଖୋଲି ଫୋନ୍‌ଟିକୁ ହାତକୁ ନେଲା । ତା' ମସୃଣ ଦେହ ଉପରେ ନିଜର ଚମ୍ପା କଢ଼ି ଆଙ୍ଗୁଳି ବୁଲେଇ ଆଣିଲା । ଫୁଟି ଉଠିଲା ସମୟ । ପନ୍ଦର ମିନିଟ୍ ବିତିଗଲାଣି । ଆଉ ଥରେ ଆଙ୍ଗୁଳି ବୁଲେଇ ଆଣିଲା ଫୋନ୍‌ର ଛାତିରେ । ଏବେ ଫୋନ୍ ଛାତିରେ ଫୁଟି ଉଠିଲା ତଳକୁ ତଳ ନାଁ ଆଉ ତା' ପାଖରେ ଫଟୋ । ମଲ୍ଲିକା ଗୋଟାକ ପରେ ଗୋଟେ ଫଟୋ ଦେଖି ଚାଲିଲା । ଗୋଟେ ଫଟୋ ପାଖରେ ଅଟକିଲା ଆଉ ତା' ଉପରେ ଆଙ୍ଗୁଳିରେ ହାଲ୍‌କା ଭାବେ ସ୍ପର୍ଶ କଲା ।

ସେପଟୁ ଶୁଭିଲା ହ୍ୟାଲୋ ।

ତା'ପରେ କ'ଣ ହେଲା- ସେଟା ଆଉ ଗୋଟେ ଗଳ୍ପ ।

***ସଂଚାର ମାର୍ଗ, ଢେଙ୍କାନାଳ***




## ଅଜଣା ପରାଜୟ

**■ ଶଶାଙ୍କଶେଖର ମିଶ୍ର**

**ପି**ଲାଟିର ନାଁ ରାଜୁ । ରାଜୁ ପରିବା ବେପାର କରେ । ଆମ ସାଇରେ ଭାରି ପପୁଲାର । ଭଲ ପରିବା ଆଣେ । ବ୍ୟବହାର ଭଲ । ଦରଦାମ୍ ବି ଅନ୍ୟ ବେପାରୀମାନଙ୍କ ଠାରୁ କମ୍ । ତାକୁ ସମସ୍ତେ ଜାଣନ୍ତି । ସେ ଯାହା କହେ, ତା'ଠାରୁ କମ୍ ନିଏ ନାହିଁ, ବା କେହି ତା' ସହିତ ମୂଲଚାଲ କରନ୍ତି ନାହିଁ । ଅବଶ୍ୟ ତା'ର ଏଇ ରୋକ୍‌ଠୋକ୍ ଦର କଷିବାକୁ ଅନେକେ ପସନ୍ଦ କରନ୍ତି ନାହିଁ । କହନ୍ତି- ବୁଲି ବୁଲି ବେପାର କରୁଛି ଯାହା କହିବ ତା'ନେବ । ବଜାରରେ କ'ଣ ଜିନିଷ ଅଭାବ ଅଛି, ନା ବେପାରୀ କମ୍ ଅଛନ୍ତି ? ରାଜୁର ଏଇ ଫିକ୍ସଡ୍ ରେଟ୍ ପ୍ରଣାଳୀ ଅନେକଙ୍କ ଅହଂକୁ ବାଧେ । ରାଜୁର ଯୁକ୍ତି କିନ୍ତୁ ଅଲଗା । ସେ କହେ- ଆଜ୍ଞା ! ପ୍ରଥମେ ୨୦ ଟଙ୍କା କହି ପରେ ୧୫ ଟଙ୍କାରେ ଦେବା ଅପେକ୍ଷା ପ୍ରଥମରୁ ୧୫ ଟଙ୍କା କହିଲେ କ୍ଷତି କ'ଣ ? ଗରାଖମାନେ କିନ୍ତୁ ଠିକ୍ ଜାଣିଥାଆନ୍ତି- କେଉଁ ଜିନିଷର କେତେ ଦାମ୍ । ଅସଲ କଥାଟି ହେଲା- ଗରାଖମାନେ ଜିନିଷକୁ ନିନ୍ଦା କରି କରି କିଣନ୍ତି- ଆଉ ଆମେ ବେପାରୀମାନେ- ଜିନିଷକୁ ପ୍ରଶଂସା କରି କରି ବିକୁ । ଆରମ୍ଭରୁ ରାଜୁର କଥା କହିବାର ଭଙ୍ଗୀ ଭଲ ଲାଗିଯାଇଥିଲା ।

ଏଇ କିଛିଦିନ ତଳେ ଦିନ ପ୍ରାୟ ଏଗାରଟା ବେଳେ ରାଜୁ ପରିବା ନେଇ ଆସିଲା । ଆମ ଘର ସାମ୍ନାରେ ସାଇକେଲ ରଖି ବଡ଼ ପାଟିରେ ପଚାରିଲା- ମା' ! କୋବି ରଖିବେ ? ପ୍ରକୃତରେ କୋବି ଆମର ଦରକାର ନଥିଲା । ତେଣୁ ତାକୁ ଗୋଟିଏ କୋବି ଦେବାକୁ କହିଲି । ଦାମ୍ ପଚାରିବାରୁ କହିଲା, ଗୋଟିକୁ ୧୦ଟଙ୍କା । ଆପଣ ୩ଟି ନିଅନ୍ତୁ ୨୦ ଟଙ୍କାରେ ଦେବି । ମନା କରିବା ସତ୍ତ୍ୱେ ସେ ବାଧକରି ୧୫ ଟଙ୍କାରେ ଦୁଇଟା କୋବି ଦେଲା । ତା' ଅନୁରୋଧ ଭାଙ୍ଗି ହେଲାନି । ମୁଁ ଜାଣିଛି ରାଜୁକୁ ଦରଦାମ୍ ଭଲ ଲାଗେନି । ପଇସା ଆଣିବାକୁ ଘର ଭିତରକୁ ଯାଉଛି- ରାଜୁ କହିଲା- "ବାବୁ ! ପାଣି ଗିଲାସେ ଦେବେ ? ଭାରି ଶୋଷ ହେଉଛି । ମୋ ସ୍ତ୍ରୀ ଘର ଭିତରୁ ବାହାରି କହିଲେ- ଆଚ୍ଛା ! ଟିକିଏ ବସ୍ । ଫ୍ରିଜ୍‌ରୁ ବାହାର କରି ପୂର୍ବଦିନ ଜଣେ ଆତ୍ମୀୟ ଆଣିଥିବା ମିଠା ପ୍ୟାକେଟ୍ ଖୋଲି ୪/୫ଟି ବଡ଼ ମିଠା ଓ କିଛି ମିକ୍ସଚର, ପାଣି ଗିଲାସେ ସହ ତାକୁ ଦେଲେ । ଖାଇବା ଦେଖି ରାଜୁ ଭାରି ଖୁସି ହୋଇଗଲା । କହିଲା- ମା ! ଆପଣ ପେଟ ଚିହ୍ନିଲାବାଲା । ସକାଳୁ ଆସିଲିଣି- ପେଟରେ କିଛି ପଡ଼ିନି । ଭାରି ଭୋକ କରୁଥିଲା । ଖୁବ୍ ଆଗ୍ରହରେ ରାଜୁ ସେତକ ଖାଇ ଆଉ ଗିଲାସେ ପାଣି ମାଗି ପିଇଲା । ତା'ର ସେ ତୃପ୍ତିଭରା ମୁହଁ ସେଦିନ ଭାରି ଭଲ ଲାଗିଥିଲା ।



ଖାଇବା ବେଳେ ରାଜୁ କହୁଥିଲା- ବାବୁ ! ବାପା ବୁଢ଼ା ହେଲାଣି । କାମକୁ ଯାଉନି । ବୋଉ ତ କେବେ କାମ କରିବାକୁ ବାହାରକୁ ଯାଏନି । ଘରେ ବିଧବା ପିଇସୀଟିଏ ଅଛି । ରୋଷେଇରେ, ଘର କାମରେ ବୋଉକୁ ସାହାଯ୍ୟ କରେ । ରୋଜଗାର କରିବା ଲୋକ ଗୋଟିଏ ବୋଲି ମୁଁ । ମୋତେ କୌଣସି ପ୍ରକାରେ ଚଳିଯାଉଛୁ । ତେଣୁ ଦୁଇଓଳି ପଖାଳ ବ୍ୟତୀତ ଆଉ କିଛି ଭଲମନ୍ଦ ଖାଇବା ଆମର ଭାଗ୍ୟରେ ନାହିଁ । ଗତମାସ ଠାରୁ ରାତିରେ ଗୋଟେ ଇଟାଭାଟିରେ କାମ କରୁଛି । ହଜାରେ ଇଟା ବୋହିଦେଲେ ମାଲିକ ଦେଉଛି ୭୦ ଟଙ୍କା । ଦିନେ ଦିନେ ଦେଢ଼ ହଜାର ପର୍ଯ୍ୟନ୍ତ ଇଟା ବୋହି ନେଉଛି । ରକ୍ତ ପାଣିକରି ଖଟିବା କଥା । ସେଇ ପଇସା ରଖିଥିଲି । ବାପାକୁ ଜଣ୍ଡିସ୍ ହେଲା ଯେ ପ୍ରାୟ ସବୁ ପଇସା ଉଡ଼ିଗଲା ସେଇଥିରେ । ମୋ ଚେହେରା ତ ଦେଖୁଛନ୍ତି । ମୁଁ ଏ ଭିଡ଼ କାମକୁ ନୁହେଁ । ଭାବିଛି, ଏ ଇଟାବୁହା କାମ ଛାଡ଼ିଦେବି । ଭାରି ଦୁଃଖ ଲାଗିଲା ତା'କଥା ଶୁଣି । ଭାବିଲି- କେତେ ଭଲରେ ଅଛୁ ଆମେମାନେ । ସୁଗାର ହେବା ଭୟରେ ଆମେ ମିଠା ଖାଉନାହୁଁ । କେବେ କେମିତି ବନ୍ଧୁବାନ୍ଧବ ମିଠା ପୁଡ଼ିଆ ନେଇ ଆସିଲେ ଫ୍ରିଜ୍‌ରେ ରହି ରହି ଖରାପ ହେଉଛି । ଅଥଚ ଏମାନେ ଏତେ ପରିଶ୍ରମ କରି ବି ଦୁଇଓଳା ଭଲକରି ଗଣ୍ଡେ ପଖାଳ ଖାଉନାହାନ୍ତି ।

କହିଲି- ରାଜୁ ! ଏତେ ପରିବା ବିକୁଛ- ଭଲକରି ତରକାରି କରି ଖାଉନ ! ଅସୁବିଧା କେଉଁଠି ? ରାଜୁ ହସିଲା । କହିଲା- ଆଜ୍ଞା ! କେଉଟ ମାରେ ମାଛ, ଖାଏ କଙ୍କଡ଼ା । ଆମ ଭାଗରେ କେବଳ କୋବିର ବୁଢ଼ାପତ୍ର ବା କେବେ କେବେ ବିକ୍ରି ନହୋଇ ବେତାରେ ବଳିଥିବା ବୁଢ଼ା/ପୋକଡ଼ା ବାଇଗଣ ପଡ଼େ । ଦିନେ ଦିନେ ସେତକ ବି ହୁଏନା । କାରଣ ଏମିତି ବି କେତେ ଗରାଖ ଅଛନ୍ତି- ଯେଉଁମାନେ କି ଅଧା ବା ଚଉଠ ଦାମ୍‌ରେ ସେଇ ବୁଢ଼ା/ପୋକଡ଼ା ବାଇଗଣକୁ କିଣି ନେଇଯାଆନ୍ତି । ସତ କଥାଟି ହେଉଛି- ଆମ ପାଟିରୁ ପଇସା ଦେଖିଲେ ଯେମିତି ଲାଳ ଗଡ଼େ- ଖାଇବା ଜିନିଷ ଦେଖିଲେ ସେମିତି ଗଡ଼େନା । ତେଣୁ ଯେଉଁଦିନ ବେତାରୁ ଶେଷ ବାଇଗଣ ବା କୋବିଟି ବିକ୍ରି ହୋଇଯାଏ- ସେଦିନ ଆମର ଆନନ୍ଦ ଦେଖେ କିଏ !

ରାଜୁ ପାଣି ପିଇସାରି ବାହାରିଲାରୁ ତାକୁ କୋବି ବାବଦ ପନ୍ଦର ଟଙ୍କା ଆଣି ଦେଲି । ସେ ଦଶଟଙ୍କା ରଖି ପାଞ୍ଚଟଙ୍କିଆ ନୋଟ୍‌ଟିଏ ଜବରଦସ୍ତ ଫେରାଇ ଦେଇ ସାଇକେଲକୁ ଉଠିଲା । ମୁଁ ପଛରୁ ଡାକ ପକାଇଲାରୁ ସେଇ ସାଇକେଲ ଉପରୁ କହିଲା- ଆପଣଙ୍କ ଠାରୁ କ'ଣ ଲାଭ ରଖିବି ? ପାପ ହେବ । ବ୍ୟସ୍ତ ହେବେନି ଯେତିକିରେ କିଣିଛି ସେତିକିରେ ଦେଲି । ପଡ଼ିଶାଘର ଜେନାବାବୁ ଠିଆ ହୋଇଥିଲେ । ସେ ଏତେ କଥା ଜାଣି ନଥିଲେ । କହିଲେ- ସେଇଟା ଠାରୁ କାହିଁକି ଆପଣ ପରିବା ରଖନ୍ତି କେଜାଣି ? ତୁଚ୍ଛା ଗାଲୁଆଟେ । ଯାହା କହିବ ସେୟା ନେବ । ଦେଖୁନାହାନ୍ତି, କଥା ନଶୁଣି କିପରି ଚାଲିଗଲା ।

ସେଦିନ ରାଜୁ ଗଲା ପରେ ଆମେ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କ ମନ ଖରାପ ହୋଇ ଯାଇଥିଲା । ମିଠା ଖାଇବାରେ ରାଜୁର ଖୁସି ଦେଖି ଯେତିକି ତୃପ୍ତ ହୋଇଥିଲୁ, ସେ କୋବିର ଦାମ୍ ୫ଟଙ୍କା କମ୍ ନେବାରେ ତା'ଠାରୁ ଅଧିକ ଦୁଃଖିତ ହୋଇଥିଲୁ । ଭାବିଲୁ- ଆମେ ବୋଧହୁଏ ସହରୀ ଭଦ୍ରତା ଦେଖେଇ ବାସିମିଠା ବଦଳରେ ଗୋଟିଏ ଗରିବ ପିଲାଠାରୁ ଅନ୍ୟାୟରେ କୋବିଟାଏ ନେଇ ଆସିଲୁ । ଆମକୁ ଲାଗିଲା- ଯେପରି ବଡ଼ପଣ ଦେଖାଇବାକୁ ଯାଇ ଆମେ ତା'ପାଖରେ ଛୋଟ ହୋଇଗଲୁ ।

ନୀଳାଦ୍ରିବିହାର, ଭୁବନେଶ୍ୱର

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୮ ଡିସେମ୍ବର ୨୦୨୫ । ଗୁରୁବାର

# ମୁକେଶ ଅଗ୍ରୱାଲ ପୁଣି ଜିଲ୍ଲା ଭାଜପା ଉପସଭାପତି

**ଭବାନୀପାଟଣା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର କଳାହାଣ୍ଡି ଜିଲା ଭାଜପା ସଭାପତି ଯୁଗଳ କିଶୋର ପୋଢ଼ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ ଜିଲ୍ଲାର ବରିଷ୍ଠ ଭାଜପା ନେତା ମୁକେଶ ଅଗ୍ରୱାଲଙ୍କୁ ପୁଣି ଥରେ ଜିଲ୍ଲା ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଯାହାକୁ ନେଇଁ ମୁକେଶଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହାପୂର୍ବରୁ ମୁକେଶ ଭାଜପାର ଜିଲ୍ଲା ଉପସଭାପତି, ଜିଲ୍ଲା ଯୁବ ମୋର୍ଚ୍ଚାର ଉପ ସଭାପତି, ସାଧାରଣ ସମ୍ପାଦକ ରହିଥିବାବେଳେ ଜୁନାଗଡ଼ ଏନଏସି ନିର୍ବାଚନରେ ଭାଜପାରୁ ପ୍ରତ୍ୟକ୍ଷ ଭାବେ ସିଧାସଳଖ ଲୋକଙ୍କ ଭୋଟ ପାଇ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ଉକ୍ତ ଏନଏସିରେ ୨ଥର ଭାଜପା ପକ୍ଷରୁ ଲଗାତାର କାଉନସିଲର ରହିବା ସହ ଗତ କିଛି ତଳେ ନୂଆପଡା ସାଧାରଣ ନିର୍ବାଚନରେ ଭାଜପା ପାର୍ଥି ଜୟ ଢୋଲକିଆ ବିଜୟୀ ହେବାରେ ମଧ୍ୟ ତାଙ୍କ ପ୍ରମୁଖ ଭୂମିକା ରହିଥିଲା । ଆଗାମୀ ଦିନରେ ଜିଲ୍ଲାର ସଂଗଠନକୁ ସୁଦୃଢ଼ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ଧାରାକୁ ତୃଣ ମୂଳ ସ୍ତରରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରିବି ବୋଲି ଜିଲ୍ଲା ଉପସଭାପତି ମୁକେଶ ପ୍ରକାଶ କରିଛନ୍ତି ।

# ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲ୍ଲା କୃଷକ ସଂଘ ଗଠିତ

**ବଲାଙ୍ଗିର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲାର କୃଷକ ଏବଂ କୃଷକ ନେତାମାନଙ୍କୁ ନେଇ ବଲାଙ୍ଗିରରେ ଏକ ଜରୁରୀ କାଳିନ ବୈଠକ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲ୍ଲାରେ କୃଷି ଏବଂ କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଚାଷୀମାନେ ସରକାରଙ୍କ କୃଷୀ ମାରଣ ନୀତିକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ । ବର୍ତ୍ତମାନ ସ୍ଥିତିରେ ଚାଷୀମାନେ ନାହିଁ ନ ଥିବା ହେଉଥିବା ଅସୁବିଧାର ନିରାକରଣ ପାଇଁ ଏକ କୃଷକ ସଂଘ ଜରୁରି ମନେ କରି ଚାଷୀ ଏବଂ ଚାଷୀ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ । ସର୍ବସମ୍ମତିକ୍ରମେ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରି ଜିଲ୍ଲା କୃଷକ ସଂଘ, ବଲାଙ୍ଗିର ନାମରେ ଏକ ଚାଷୀ ସଂଗଠନ ଗଠନ କରାଗଲା ଏବଂ ସର୍ବସମ୍ମତି କ୍ରମେ ସାନନ୍ଦ କୁମାର ମିଶ୍ରଙ୍କୁ ପ୍ରଥମ ଅଧ୍ୟକ୍ଷ ଭାବେ ମନୋନିତ କରାଗଲା । ସେହି ପରି ଉପ-ସଭାପତି ସୋମନାଥ ପଟେଲ, ସଂପାଦକ ସରୋଜ ରଥ, ସହ-ସଂପାଦକ ଶ୍ରୀଧର ବାରିକ, କୋଷାଧ୍ୟକ୍ଷ ସରୋଜ ପ୍ରଧାନ ରହିଥିବା ବେଳେ ଉପଦେଷ୍ଟା କମିଟିରେ ଆଇନଜିବୀ ଉମାକାନ୍ତ ସାହୁ, ପ୍ରଦୀପ ପଣ୍ଡା, ରାମଜୀ ଚୌଧୁରୀ, ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନି, ଅସୀତ ମିଶ୍ର, ଅଜୟ ବାଲି, ମନମୋହନ ପଟେଲ, ଦେବହରି ବାଗ, ସଂକିର୍ତ୍ତନ ବାଗ, କାନ୍ତେଶ୍ୱର ପଧାନ, ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ରାଜ କିଶୋର ବାବୁ ପ୍ରମୁଖ ରହିଥିବା ବେଳେ କାର୍ଯ୍ୟକାରିଣୀ କମିଟିରେ ମନୋଜ ସାଏ, ସରୋଜ ଡାଙ୍ଗ, ସ୍ୱଦିପ ପଟ୍ଟନାୟକ, ଜ୍ୟୋତିଷ ମୁଗ୍ରୀ, ହିମାଂଶୁ ନନ୍ଦ, ବଜରଂଜ ଅମାତ, ହରି ନନ୍ଦ, ମୟ ପ୍ରଧାନୀ, କିଶୋର ସିଂ ନିନା, ଅଜିତ ସାହୁ ପ୍ରମୁଖ ରହିଛନ୍ତି ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ ବିଜୟ ଦିବସ

**କେନ୍ଦ୍ରାପଡା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର 'ପୂର୍ବତନ ସୈନିକ ସଂଘ' ଦ୍ୱାରା ୫୪ତମ ବିଜୟ ଦିବସ ପାଳିତ ହୋଇଛି । ପୂର୍ବତନ ସୈନିକ ସଂଘର ଅଧ୍ୟକ୍ଷ କ୍ୟାପଟେନ ଅଭୟ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ତିନିମୁହାଣ ସ୍ଥିତ ନୂତନ ଅମର ଯବାନ ସହିଦସ୍ତମ୍ଭ ସ୍ମାରକ ପରିସରରେ ଏହି ବିଜୟ ଦିବସ ପାଳନ କରାଯାଇ ଅଛି । ଏହି କାର୍ଯ୍ୟକ୍ରମରେ ସହିଦସ୍ତମ୍ଭ ସମ୍ମୁଖରେ ଅଧ୍ୟକ୍ଷ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ର ମିଳିତ ଫୁଲର (ରିଡ୍) ସହିଦ ସ୍ତମ୍ଭରେ ଅର୍ପଣ କରିଥିଲେ । ସଦସ୍ୟମାନେ ରାଷ୍ଟ୍ରଗାନ କରିଥିଲେ । ସମସ୍ତ ସଦସ୍ୟ ସହିଦମାନଙ୍କ ଉଦ୍ଦେଶ୍ୟରେ ସାଲ୍ୟୁଟ ମଧ୍ୟ ପ୍ରଦାନ କରିଥିଲେ । ୧୯୭୧ ମସିହାର ଭାରତ ପାକିସ୍ତାନ ଏହି ୧୩ ଦିନ ଯୁଦ୍ଧରେ ଦେଶ ମାତୃକାର ସେବାରେ ସର୍ବୋଚ୍ଚ ବଳିଦାନ ପ୍ରଦାନ କରିଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପାର୍ଥନା କରି ଦିବଂଗତ ଆତ୍ମାର ସଦଗତି ପାଇଁ ପାର୍ଥନା କରାଯାଇଥିଲା । ଏଥିସହିତ ଆମ ସଂଗଠନର ସଦସ୍ୟ ଅନୂଆପଡା ସ୍ଥିତ(ଡାଲଜି) ଗ୍ରାମର କୈଳାସ ଚନ୍ଦ୍ର ପ୍ରଧାନଙ୍କ ନିଧନ ପାଇଁ ତାଙ୍କ ଉଦ୍ଦେଶ୍ୟରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟ ସୁବେଦାର ମେଜର ପ୍ରଦିପ କୁମାର ସାହୁ, କୋଷାଧ୍ୟକ୍ଷ ଏମଡବ୍ଲ୍ୟୁ ମନୋଜ କୁମାର ବାରିକ, ସୁବେଦାର ଗୌରାଙ୍ଗ ଚରଣ ସ୍ୱାଇଁ, ନାୟକ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁବେଦାର ଶରତ ଚନ୍ଦ୍ର ରାଉତ, ନାୟକ ସୁସାନ୍ତ କୁମାର ସ୍ୱାଇଁ ଏବଂ ସୁବେଦାର ଜୟନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂସ୍କାରକ ବୈରାଗୀ ମିଶ୍ରଙ୍କ ଜୟନ୍ତୀ



**ମାହାଙ୍ଗା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୁଣୁପୁର ଠାରେ ସଂସ୍କାରକ ବୈରାଗୀ ମିଶ୍ର ୧୪୧ତମ ଜୟନ୍ତୀ ସମାରୋହ ସଂସ୍କାରକ ବୈରାଗୀ ମିଶ୍ର ସ୍ମୃତି ସଂସଦ ଓ ଶରତ କର ଓ ଅନିମା କର ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ପଣ୍ଡିତ ରବୀନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଆୟକର କମିଶନର ତଥା ଶରତ କର ଓ ଅନିମା କର ଫାଉଣ୍ଡେସନ ଅଧ୍ୟକ୍ଷ ଶୋଭନ କର ଯୋଗଦେଇ ସ୍ୱର୍ଗତ ମିଶ୍ର ଥିଲେ ଜଣେ ମହାନ ସାରସ୍ୱତ ସାଧକ, ବାଗ୍ମୀ ଓ ସମାଜ ସଂସ୍କାରକ ଥିଲେ ବୋଲି କହିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମନୋରଞ୍ଜନ ବେହୁରା, ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ କୁମାର କର, ନିର୍ଭିକ ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ସମାଜସେବୀ ଜ୍ଞାନରଞ୍ଜନ ଷଡଙ୍ଗୀ, କବି ଧନେଶ୍ୱର ପ୍ରଧାନ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବୈରାଗୀ ମିଶ୍ର ସଂସଦର ପରିଚାଳକ ଶୁଭେନ୍ଦୁ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଚ୍ଚିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଓଙ୍ଗ ବୁଡି ଅଞ୍ଚଳ ସଂଗ୍ରାମ ସମିତି

**ଦଶପଲ୍ଲା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ଗ୍ରାମ ପଞ୍ଚାୟତର ପାମ୍ପରେଡା ଗ୍ରାମ ନିକଟରେ ବୁଧବାର ବୃଓଙ୍ଗ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ଏକ ବୈଠକ ସମିତିର ସଭାପତି ତ୍ରିନାଥ ମଲ୍ଲିକଙ୍କ ସଭାପତିତ୍ୱରେ ବସିଥିଲା । ଏହି ସଭାରେ ଅତିଥି ରୂପେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ଗଜେନ୍ଦ୍ର ପଟ୍ଟନାୟକ, ବରୁଣ ନାୟକ, ରାଜେନ୍ଦ୍ର ଭୁକ୍ତା, ଅଶୋକ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ, କୁଲୁରୁକୁମ୍ପା ସରପଞ୍ଚଙ୍କ ସମେତ ୨୨ଟି ମୌଜାରୁ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକତ୍ରିତ ହୋଇଥିଲେ । ସେମାନଙ୍କର ୧୦ଦଫା ଦାବି ମଧ୍ୟରେ ମୁଖ୍ୟତଃ ତାଙ୍କୁ ଯେଉଁ ସ୍ଥାନରେ ଜାଗା ଦେବେ ତାହା ସହମତି ଭିତିରେ ହେବା, ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଦେବା , ବର୍ତ୍ତମାନର ଗ୍ରାମର ନାମ ଅନୁଯାୟୀ ନାମକରଣ, ଉଚିତ କ୍ଷତି ପୂରଣ, ଏକ କାଳୀନ ନଗଦ ୫୦ଲକ୍ଷ ଟଙ୍କା, ୨ଏକର ଜଳ ସେଚିତ ଜମି, ଯୋଗ୍ୟତା ଭିତିରେ ନିଯୁକ୍ତି ଆଦି ଅନ୍ତର୍ଭୁକ୍ତ । ଦାବି ଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ । ଶେଷରେ ଉପଯୁକ୍ତ ଥଇଥାନ କରିବା ପରେ ଜାଗା ଛାଡିବୁ ବୋଲି ସାମୁହିକ ନିଷ୍ପତ୍ତି ନିଆଯାଇଥିଲା ।

# ୧୮ରେ ସୋଆରେ ଓଡ଼ିଶା ଏଆଇ ସମ୍ମିଳନୀ



**ଭୁବନେଶ୍ୱର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ଡିସେମ୍ବର ୧୮ ତାରିଖରେ ଓଡ଼ିଶା ଏଆଇ ସିମ୍ପୋସିୟମ୍ ଆୟୋଜିତ ହେବାକୁ ଥିବାବେଳେ ଏହି ସମ୍ମିଳନୀରେ ଦେଶ ତଥା ବିଦେଶର ବିଶିଷ୍ଟ ଏଆଇ ବିଶେଷଜ୍ଞମାନେ ଏକତ୍ରିତ ହେବେ । ନିକଟରେ ସ୍ୱୀକୃତିପ୍ରାପ୍ତ ହୋଇଥିବା ଓଡ଼ିଶା ଏଆଇ ନୀତିକୁ ଉନ୍ନତ କରିବା ସହ ରାଜ୍ୟରେ ଏଆଇର ବିକାଶକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଆୟୋଜନ କରାଯାଇଛି ।

ସୋଆ, ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ (ଓସା) ଏବଂ ଆଇଆଇଟି ଭୁବନେଶ୍ୱରର ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିବା ବେଳେ ଏଥିରେ ବିଶିଷ୍ଟ ନୀତି ନିର୍ଦ୍ଧାରକ, ଶିଳ୍ପ କ୍ଷେତ୍ରର ନେତୃତ୍ୱ, ଉଦ୍‌ଭାବକ, ଉଦ୍ୟୋଗୀ ଏବଂ ନିବେଶକମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ସ୍ୱାସ୍ଥ୍ୟ ସେବା ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ କିଭଳି ଏଆଇକୁ ବ୍ୟବହାର କରାଯାଇ ପାରିବ ସେ ଦିଗରେ ଆଲୋଚନା କରିବେ ବୋଲି ମଙ୍ଗଳବାର ସାମ୍ବାଦିକମାନଙ୍କୁ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

ଏହି ସମ୍ମିଳନୀରେ ଭାରତ ଏବଂ ବିଦେଶର ବିଶିଷ୍ଟ ଏଆଇ ବିଶେଷଜ୍ଞମାନେ ବକ୍ତବ୍ୟ ରଖିବା ସହ ଶିକ୍ଷା, ଶିଳ୍ପ, ନୀତି, ଗବେଷଣା, ଉଦ୍‌ଭାବନ, ଷ୍ଟାର୍ଟ-ଅପ୍ ଓ କର୍ପୋରେଟ ଜଗତର ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଆଲୋଚନାର କାର୍ଯ୍ୟକ୍ରମ ରହିଛି ।

ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୟୁଏସ୍‌ଏର ଅରିଜୋନା ଷ୍ଟେଟ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍‌ସ ବିଭାଗର ପ୍ରଫେସର ଚିତ ବରାଳ, ଆଇଆଇଟି ଭୁବନେଶ୍ୱରର ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଣ୍ଟରର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କୁମାର ନନ୍ଦ, ୟୁଏସଏର ଟଫ୍ଟସ ଇନଷ୍ଟିଚ୍ୟୁଟ୍ ଫର ଏଆଇର ମ୍ୟାଥେମେଟିକ୍ସ ଏବଂ କମ୍ପ୍ୟୁଟର ସାଇନ୍‌ସ ବିଭାଗର ପ୍ରଫେସର ତଥା ଡାଟା ସାଇନ୍‌ସର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅବନୀ ପାତ୍ର, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଏସ୍. ସାମନ୍ତରାୟ ଏବଂ ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା କ୍ଷେତ୍ରରେ ଏଆଇକୁ ବିଶାଳ ଭାବେ ବ୍ୟବହାର କରିବାର ସୁଯୋଗ ରହିଥିବା ସୋଆ କୁଳପତି କହିଥିଲେ । ଏହି ସମ୍ମିଳନୀରେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଏଆଇକୁ କିଭଳି ବିନିଯୋଗ କରାଯାଇପାରିବ ଏବଂ ସ୍ୱାସ୍ଥ୍ୟ ସେବା, କୃଷି ଓ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏଆଇର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯିବା ସହ ଓଡ଼ିଶାକୁ କିଭଳି ଏ ଦିଗରେ ଆଗକୁ ନିଆଯାଇ ପାରିବ ସେ ନେଇ ବିଚାରବିମର୍ଶ କରାଯିବ ବୋଲି ପ୍ରଫେସର ବରାଳ କହିଛନ୍ତି ।

ଏହି ସମ୍ମିଳନୀରେ ଏଜେଂଟିକ୍ ଏଆଇ ସମ୍ପର୍କିତ ଏକ ଆଲୋଚନାଚକ୍ର ରହିଛି ଯାହାକି ଏକ ଅତ୍ୟାଧୁନିକ ମାନର ଏଆଇ । ଏଥିରେ ସଫ୍ଟୱେୟାର ଏଜେଂଟମାନେ ଯୋଜନା କରିବା ସହ ଜଟିଳ କାର୍ଯ୍ୟକୁ ମନୁଷ୍ୟର ନ୍ୟୁନତମ ହସ୍ତକ୍ଷେପ ବିନା କରିପାରିବା କ୍ଷମତା ରଖନ୍ତି । ଏହି ଆଲୋଚନାଚକ୍ରର ନାମ ରହିଛି 'ବିୟଣ୍ଡ ଦ ପ୍ରମ୍ପଟ:ଡିକୋଡିଙ୍ଗ ଗୁଗୁଲ୍ସ ଏଜେଂଟିକ୍ ଏଆଇ' ।

୨୦୨୬ରେ ଆୟୋଜିତ ହେବାକୁ ଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟର ଏହା ହେଉଛି ସରକାରୀସ୍ତରର ଏକ ପୂର୍ବ ପ୍ରସ୍ତୁତି । କେନ୍ଦ୍ର ସରକାରଙ୍କ ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ଇଣ୍ଡିଆନ୍ ଏଆଇ ମିଶନ୍ ସହ ସୋଆ ମଧ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗୀ ରହିବ ।

ଦ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସା) ହେଉଛି ସର୍ବପୁରାତନ ଏବଂ ପ୍ରଭାବ ସମ୍ପନ୍ନ ବିଶ୍ୱସ୍ତରୀୟ ଅନୁଷ୍ଠାନ ଯାହାକି ବିଦେଶରେ ଥିବା ଓଡ଼ିଆମାନଙ୍କର ପ୍ରତିନିଧିତ୍ୱ କରେ । ଏହି ସମ୍ମିଳନୀରେ ଓସାର ସହଭାଗିତା ବିଶ୍ୱ ଦରବାରରେ ଓଡ଼ିଶାର ସ୍ଥାନକୁ ଆହୁରି ସୁଦୃଢ଼ କରିବ । ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଣ୍ଟର (ଏଏଚ୍‌ଆରସି) ଆଇଆଇଟି ଭୁବନେଶ୍ୱରର ଏକ ଗବେଷଣା କେନ୍ଦ୍ର ଯାହା ମେ ୨୦୨୩ରେ ପ୍ରତିଷ୍ଠିତ ହୋଇଛି ।

# ସରକାରୀ ଜାଗାରୁ ଗଛ କାଟିନେଲେ ଦୁର୍ବୃତ୍ତ



**ରାଜନଗର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମର ଆମ୍ବ ବଗିଚା ନିକଟରେ ଥିବା ବଡ ବଡ ଗଛଗୁଡିକୁ ଦୁର୍ବୃତ୍ତମାନେ କାଟିନେଇଥିବା ଅଭିଯୋଗ ହୋଇଛି । ଏହି ଗ୍ରାମର ଅଧିବାସୀ ରାଜନଗର ରେଞ୍ଜ ଅଫିସରଙ୍କୁ କରିଥିବା ଅଭିଯୋଗ ଅନୁଯାୟୀ, ଗାଁରେ ଥିବା ଆମ୍ବ ବଗିଚା ନିକଟରେ ଜଙ୍ଗଲ ଜମି ଓ ସରକାରୀ ଜମିରେ ଉଇକାଲ ପଟାସ ଓ ଆକାଶିଆ ଗଛ ଥିଲା । ସେହି ସ୍ଥାନରୁ ଉଇକାଲ ପଟାସ ଓ ଆକାଶିଆ ଗଛକୁ ଦୁର୍ବୃତ୍ତମାନେ କାଟି ନେଉଛନ୍ତି । ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟକୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଁଚି କଟା ଗଛଗୁଡିକୁ ଜବତ କରିଛନ୍ତି । ଏସମ୍ପର୍କରେ ଫରେଷ୍ଟର ଶ୍ରୀ ପାତ୍ରଙ୍କୁ ପଚାରିବାରୁ ଗଛଗୁଡିକ ଜଙ୍ଗଲ ଜମିରେ ନାହିଁ । ଏହି ଗଛ ଥିବା ଜାଗା ରାଜସ୍ୱ ବିଭାଗ ଅଧୀନରେ ଅଛି । ଆମେ ବନଖଣ୍ଡ ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଛନ୍ତି ।

# ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ

**ନବରଙ୍ଗପୁର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲାର ବଡ଼ମସିଗାଁ ଠାରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ ସାଂସଦ ଖେଳ ଉତ୍ସବର ଶୁଭାରମ୍ଭ କରିଛନ୍ତି । ସ୍ଥାନୀୟ ଗ୍ରାମ ଦେବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କ୍ରୀଡା ମଶାଲ ପ୍ରଜ୍ୱଳିତ କରାଯାଇଥିଲା । ନବରଙ୍ଗପୁର ବିଡ଼ିଓ ଡ ସୁନୀଲ ଖରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଅର୍ଜୁନ ତ୍ରିପାଠୀ, ସମାଜସେବୀ କୁଞ୍ଜ ବିହାରୀ ଦାସ, କୋର୍ କମିଟି ସଦସ୍ୟ ଜ୍ୟୋତି ରଞ୍ଜନ କଂସ, ବଡମସୀ ଗାଁ ସରପଞ୍ଚ କମଳେଶ୍ୱରି ନାୟକ, ଶର୍ମିଷ୍ଠା ଦେଓ, ସନ୍ତୋଷ ପାତ୍ର, ଅନ୍ୟାନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଖେଳ ମହୋତ୍ସବ ରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର, କବାଡି, ଖୋକ, କୌତୁକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ମାଇକଞ୍ଚରେ ବାର୍ଷିକ ସହିଦ ଦିବସ

**ରାୟଗଡା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ରାୟଗଡା ଜିଲ୍ଲାର ମାଇକଞ୍ଚ ଗ୍ରାମଠାରେ ୨୫ତମ ବାର୍ଷିକ ସହିଦ ଦିବସ ଗଭୀର ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି । ଏହି ଦିବସଟି ଆଦିବାସୀ ଅଧିକାର, ଜମି-ଜଙ୍ଗଲ-ଜୀବିକା ସୁରକ୍ଷା ପାଇଁ ହୋଇଥିବା ଐତିହାସିକ ସଂଗ୍ରାମର ଏକ ଅମର ସ୍ମୃତି ଭାବେ ପରିଚିତ । ୨୦୦୦ ମସିହା ଡିସେମ୍ବର ୧୬ ତାରିଖରେ ବାଫଲିମାଳି ପାହାଡ଼ରେ ବକ୍ସାଇଟ ଖଣିଜ ଖନନ ଓ ଆଲୁମିନା କାରଖାନା ସ୍ଥାପନ ବିରୋଧରେ ଆଦିବାସୀ ଗ୍ରାମବାସୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ସମୟରେ ପୋଲିସ ଗୋଳିଚାଳନା କରିଥିଲା । ଏହି ଗୋଳିଚାଳନାରେ ଅଭିଳାସ ଝୋଡ଼ିଆ, ରଘୁ ଝୋଡ଼ିଆ ଓ ଜମୁଧର ଝୋଡ଼ିଆଙ୍କ ମୃତ୍ୟୁ ହୋଇଥିଲା ଓ ଅନେକ ଆଦିବାସୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ, ଏହି ଆନ୍ଦୋଳନର ମୂଳ କାରଣ ଥିଲା, ଜମି ହରାଇବା, ସ୍ୱାଭିମାନ ନଷ୍ଟ ହେବା ଓ ପାରମ୍ପରିକ ଜୀବିକା ଧ୍ୱଂସ ହେବାର ଭୟ । ମାଇକଞ୍ଚ ଗୋଳିକାଣ୍ଡ କାଶୀପୁର ଅଞ୍ଚଳର ବିଶାଳ ଆଣ୍ଟି-ମାଇନିଂ ଆନ୍ଦୋଳନର ଏକ ପ୍ରତୀକ ଭାବେ ପରିଚିତ । ଏହି ଘଟଣା ପରେ ମଧ୍ୟ ଆଦିବାସୀମାନେ ଜମି-ଜଙ୍ଗଲ-ଜଳ ସୁରକ୍ଷା, ସଠିକ ବିକାଶ ଓ ଆଦିବାସୀ ଅଧିକାର ପ୍ରତି ସମ୍ମାନ ଦାବି କରି ଲଗାତାର ସଂଘର୍ଷ ଜାରି ରଖିଛନ୍ତି ।

ଘଟଣା ପରେ ସରକାରୀ ତଦନ୍ତ ଘୋଷଣା ହୋଇଥିଲେ ମଧ୍ୟ, ସାମାଜିକ କର୍ମୀ ଓ ସ୍ଥାନୀୟ ଲୋକମାନେ ପୁଲିସର ଅତ୍ୟଧିକ ବଳ ପ୍ରୟୋଗ ଓ ଆଦିବାସୀମାନଙ୍କ ଯୁକ୍ତିସଙ୍ଗତ ଦାବିକୁ ଅଣଦେଖା କରାଯାଇଥିବା ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ଏହି ଅବସରରେ ସହିଦ ପରିବାର ସଦସ୍ୟମାନେ, ମାଇକଞ୍ଚ ଗ୍ରାମ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ, ସାମାଜିକ କର୍ମୀ ସୁବାସ ଝୋଡିଆ ଓ ସଦନ ମାଝୀ ଯୋଗଦେଇ ସହିଦମାନଙ୍କ ସ୍ମୃତିସ୍ଥଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ କହିଥିଲେ ଯେ, ମାଇକଞ୍ଚ ସଂଗ୍ରାମ କେବଳ ମଙ୍ଗଳବାରର ଘଟଣା ନୁହେଁ, ଏହା ଆଜି ମଧ୍ୟ କର୍ପୋରେଟ ଶୋଷଣ, ପରିବେଶ ବିନାଶ ଓ ଆଦିବାସୀ ଅଧିକାର ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଚାଲୁଥିବା ସଂଘର୍ଷର ପ୍ରତୀକ । କାର୍ଯ୍ୟକ୍ରମ ଶେଷରେ ଦୁଇ ମିନିଟ ନିରବତା ପାଳନ କରାଯାଇ ସହିଦ ଅଭିଳାସ, ରଘୁ ଓ ଜମୁଧର ଝୋଡ଼ିଆଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା ।

# ଭକ୍ତ ଦାସିଆ ପୀଠର ମାସିକ ସମୀକ୍ଷା

**ପିପିଲି, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଭକ୍ତ ଦାସିଆ ପୀଠ, ବାଲିଗାଁର ମାସିକ ସମୀକ୍ଷା ବୈଠକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଶହୀଦ ନଗରସ୍ଥ ବିଷ୍ଣୁ ମନ୍ଦିରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ୨୯ ତାରିଖରେ ଭକ୍ତ ଶିରୋମଣି ଦାସିଆଙ୍କ ପବିତ୍ର ରାଜ୍ୟସ୍ତରୀୟ ମହାପ୍ରୟାଣ ଦିବସ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠ, ବାଲିଗାଁଠାରେ ମହା ସମାରୋହରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପାଳିତ ହେବାକୁ ପ୍ରସ୍ତାବ ପାରିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ଚିଠି ନଂ - ୩୦୯୭ ତା ୨୧.୨.୨୦୨୫ ରିଖରେ ଭକ୍ତ ଦାସିଆ ପୀଠର ପାରିପାର୍ଶିକ ଉନ୍ନୟନ ନିମନ୍ତେ ମୋଟ ୨ କୋଟି ଅନୁଦାନ ରାଶି ମୁର କରାଯାଇ ପୁରୀ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଅନ୍ୟୁନ ୧ ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ରାଜ୍ୟ ସରକାରଙ୍କ ଉକ୍ତ ପୀଠର କୌଣସି ଉନ୍ନୟନ କାର୍ଯ୍ୟର ତତ୍‌ପରତା ଦେଖାଯାଉ ନଥିବାରୁ ମାନ୍ୟବର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଅଛି । ପୀଠସ୍ଥ ଏକମାତ୍ର ଭୋଗ ଦୋକାନର ସଂପ୍ରସାରଣ କରାଯାଇ ଏଠାକୁ ଦୈନନ୍ଦିନ ଆସୁଥିବା ଦର୍ଶନାର୍ଥିଙ୍କ ଆବଶ୍ୟକତା ପୂରଣ କରାଯିବାକୁ ଅଦ୍ୟ ବୈଠକରେ ପ୍ରସ୍ତାବ ଗୃହିତ ହୋଇଅଛି । ପଞ୍ଚଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଶିରୋମଣି ଦାସିଆଙ୍କ ସଂପର୍କରେ ଚଳଚିତ୍ର ନିର୍ମାଣ କରାଗଲେ ଏହା ଭକ୍ତ ଦାସିଆଙ୍କ ପ୍ରତି ଆଜିର ସମାଜର ଯଥାର୍ଥ ଅବଦାନ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହେବ ବୋଲି ଆୟୋଜିତ ବୈଠକରେ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରି ଚଳଚିତ୍ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ପରିଡ଼ାଙ୍କ ପ୍ରସ୍ତାବଟିକୁ ବହୁ ପ୍ରସଂଶିତ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ଅନୁଷ୍ଠାନ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ, ଉପ ସଭାପତି ଇଂ ଦେବ ନାରାୟଣ ପାଲ, ବରିଷ୍ଠ ସଦସ୍ୟ ଲାବଣ୍ୟ ଶବର, ଶିକ୍ଷାବିତ୍ ଡଃ ଚିତ୍ତରନ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ତ୍ରିନାଥ ଲେଙ୍କା, ଡଃ ଦୁର୍ଗାପ୍ରସାଦ ମିଶ୍ର, ବୃନ୍ଦାବନ ମହାପାତ୍ର ବିଶିଷ୍ଟ ସଙ୍ଗିତଜ୍ଞ ଅଜୟ ଦାଶ, ଅକ୍ଷୟ କୁମାର ସାହୁ, ଗୋପାଳ ବଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସାବିତ୍ରୀ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ତମାଳ ଶାସନର ଚଉଦକୁଳାଟ ରଥ ଦାଣ୍ଡରେ ଦିବଂଗତା ମହିୟସୀ ମହିଳା ସାବିତ୍ରୀ ପାଣିଗ୍ରାହୀଙ୍କୁ ପୁଣ୍ୟ ଦ୍ୱାଦଶାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସ୍ଥାନୀୟ ସରପଞ୍ଚ ରମାକାନ୍ତ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ କୈଳାସ ମଲିକ, ସୁବାସ ଶର୍ମା, ସୁଶୀଳ ବିଶ୍ୱାଳ, ପଣ୍ଡିତ ବାସୁଦେବ ଦାସ, କୈଳାସ ମିଶ୍ର, ସୁକାନ୍ତ ପରିଡା, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ବ୍ୟକ୍ତିମାନେ ଅମରଆତ୍ମାର ସଦଗତି କାମନା ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତା ପାଣିଗ୍ରାହୀଙ୍କ ପୁତ୍ର ଅନନ୍ତ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ପୁତ୍ରବଧୂ ନଳିନୀ ପ୍ରଭା, ରାନୁଶ୍ରୀ ପାଣିଗ୍ରାହୀ, ଜ୍ୱାଇଁ ରମାକାନ୍ତ ପଣ୍ଡା, ଧନଞ୍ଜୟ ପଣ୍ଡା, ଝିଅ ଗୀତାରାଣୀ, ସନ୍ଧ୍ୟାରାଣୀ, ଭାଇ ଅଧିକାରୀ ଲକ୍ଷ୍ମୀଧର ଦାଶ, ଅଧିକାରୀ ପତିତପାବନ ଦାଶ, ଆଶିଷ ଦାଶ, ରବୀନ୍ଦ୍ର କର, ବିଶ୍ୱଜିତା, ଜ୍ୟୋତି ପ୍ରକାଶ, ବିଜୟଲକ୍ଷ୍ମୀ, ଅଂଶୁମାନ, ବିଶ୍ୱ କଲ୍ୟାଣୀ, ଦେବାଶିଷ, ଦ୍ୱୈଶାଳିନୀ, କଳା କାହ୍ନୁ, ବିଦ୍ୟା ସାଗର, ସ୍ୱର୍ଣ୍ଣମୟୀ, ନାରାୟଣ ଶତପଥୀ, ମଞ୍ଜୁ, ଡାଙ୍ଗୀ, ଦେବବ୍ରତ, ପ୍ରିୟବ୍ରତ ପାଣିଗ୍ରାହୀ, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଦ୍ରଷ୍ଟି ଧୀରାମଣି ପରିଡା, ଗୌରବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଂଜଳି ନିବେଦନ କରିଥିଲେ । ଶେଷରେ ଶ୍ରୀକାନ୍ତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପତ୍ରିକା ପ୍ରକାଶନ କ୍ଷେତ୍ରରେ ନୂଆ ଧାରା 'ଦେଖାଯାଉ'




**ଭୁବନେଶ୍ୱର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ପତ୍ରିକା ଜଗତ ରେ ଏକ ଭିନ୍ନ ଧରଣର ପତ୍ରିକା 'ଦେଖାଯାଉ'ର ଶୀତ ସହିତ ଆସିଥିବା ସଂଖ୍ୟାର ଏକ ନିଚ୍ଛକ ସମୀକ୍ଷା ଲୋହିଆ ଏକାଡେମୀ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ 'ଦେଖାଯାଉ'ର ସମ୍ପାଦକ ପ୍ରବୀର ମହାନ୍ତି । ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ ପତ୍ରିକାର ସହ-ସମ୍ପାଦକ ଗୋପାଳ ଚନ୍ଦ୍ର ମିଶ୍ର । ସମୀକ୍ଷାକୁ ଆରମ୍ଭ କରି ସାହିତ୍ୟିକ ଡକ୍ଟର ଗୋବିନ୍ଦ ଚାନ୍ଦ ଏହାର ପ୍ରତି ବିଷୟର ନିର୍ବାଚନ ଓ ବାର୍ତ୍ତା କିଭଳି ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ । ସମୀକ୍ଷାରେ ଅଂଶଗ୍ରହଣ କରି ଓଡିଶା ଏକ୍ସପ୍ରେସର ସମ୍ପାଦକ ଉମାପଦ ବୋଷ ପତ୍ରିକାର ପରିପାଟି ଓ ସମ୍ପାଦନା କ୍ଷେତ୍ରରେ ଆଉ କ'ଣ କଲେ ଅଧିକା ଜନାଦୃତ ହୋଇପାରିବ ତାହାର ପ୍ରସ୍ତାବ ଦେଇଥିଲେ । ଡାକ୍ତର ଇନ୍ଦ୍ରମଣି ଜେନା ପତ୍ରିକା ସମ୍ବନ୍ଧରେ ନିଜସ୍ୱ ମତ ରଖି କହିଲେ ଯେ ,ଏହି ପତ୍ରିକାର ପ୍ରକାଶନ ଏକ ସାହସିକ ପଦକ୍ଷେପ । ଏହା ଅନ୍ୟମାନଙ୍କ ଠାରୁ ନିଶ୍ଚିତ ରୂପେ ଅଲଗା । ବରିଷ୍ଠ ପ୍ରଶାସକ ତଥା ଲେଖକ ସରୋଜ କୁମାର ସାମଲ କହିଥିଲେ ଏହା ପାରମ୍ପରିକ ଧାରାରେ ନ ଚାଲି ପତ୍ରିକା ପ୍ରକାଶନ କ୍ଷେତ୍ରରେ ଏକ ନୂତନ ଧାରା ସୃଷ୍ଟି କରି ଏକ ଅଭିନବ ସନ୍ଦେଶ ଦେଇଛି । ସଂସ୍କୃତି ଗବେଷକ ବିଜୟ କୁମାର ମହାନ୍ତି ଏହି ପତ୍ରିକାରେ କିଭଳି ସମୟପୋଯୋଗୀ ତଥା ସବୁ ଦୃଷ୍ଟିରୁ ଉପାଦେୟ ତଥ୍ୟ ମାନ ରହିଛି ତା'ର ବିଶଦ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ମହେନ୍ଦ୍ର କୁମାର ମଲ୍ଲିକ, ରବି ନାରାୟଣ ନନ୍ଦ, ସୁକାନ୍ତ ପଣ୍ଡା ଓ ବେଣୁ ପ୍ରତିହାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲା । 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଡକ୍ଟର ମିହିର ରଂଜନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଟାଟା ପାୱାରର ଏଡିଏସ୍‌କୁ ପ୍ରତ୍ୟାହାର ଦାବି




**କଟକ: ଏକ୍ସପ୍ରେସ୍ ନ୍ୟୁଜ୍**

ଶିଳ୍ପ ଉପଭୋକ୍ତାଙ୍କ ଉପରେ ଟାଟା ପାୱାର ବିତରଣ କଂପାନୀ ଦ୍ୱାରା ଲାଗୁ କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମାରାଶି ତୁରନ୍ତ ପ୍ରତ୍ୟାହାର କରିବା ନେଇ ଓଡ଼ିଶା ଆସେମ୍ବଲି ଅଫ ସ୍ମଲ ଏବଂ ମିଡ଼ିୟମ ଏଣ୍ଟରପ୍ରାଇଜେସ (ଓସମେ) ପକ୍ଷରୁ ଦାବି କରାଯାଇଛି । ଏ ନେଇ ମଂଗଳବାର ସ୍ଥାନୀୟ ଖପୁରିଆ ସ୍ଥିତ ଓସମେ କନଫରେନ୍ସ ହଲଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଓସମେ ପକ୍ଷରୁ କୁହାଯାଇଛି ଓଡ଼ିଶାର ବିଭିନ୍ନ ଶିଳ୍ପାଞ୍ଚଳରେ ପ୍ରତିଦିନ ଏବଂ ଦୀର୍ଘ ସମୟ ଧରି ଲୋଡ୍ ସେଡ଼ିଂ ହେଉଥିବା ସମୟରେ ଟାଟା ପାୱାର ଏମଏସଏମଇ ମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସଂପ୍ରତି ଧାର୍ଯ୍ୟ କରୁଛି । ଅଘୋଷିତ ଏବଂ ଅନିୟମିତ ବିଦ୍ୟୁତ ବିଚ୍ଛିନ୍ନତା କାରଣରୁ ଶିଳ୍ପଗୁଡ଼ିକ ପ୍ରତିଦିନ ଉତ୍ପାଦନ, ଡେଲିଭରି ଓ କର୍ମଚାରୀ ପରିଚାଳନାରେ ଭାରି ବାଧା ସହିତ କୋଟି କୋଟି ଟଙ୍କାର କ୍ଷତି ସହୁଥିବା କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଓସମେ ପକ୍ଷରୁ କରାଯାଇଥିବା ପ୍ରମୁଖ ଦାବି ଗୁଡ଼ିକ ହେଲା- ଶିଳ୍ପ ଉପଭୋକ୍ତାଙ୍କ ଉପରେ ଲାଗୁ କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମାରାଶି ତୁରନ୍ତ ଫେରସ୍ତ ନେବା, ଓଡ଼ିଶାର ସମସ୍ତ ଶିଳ୍ପ ଓ ଶିଳ୍ପାଞ୍ଚଳଗୁଡ଼ିକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଲୋଡ଼ ସେଡ଼ିଂ ଅନିବାର୍ଯ୍ୟ ହେଲେ ପୂର୍ବରୁ ସୂଚନା ଦେବା, ବିଦ୍ୟୁତ ବିଚ୍ଛିନ୍ନତା ହେତୁ ଶିଳ୍ପଗୁଡ଼ିକୁ ହୋଇଥିବା ଆର୍ଥିକ କ୍ଷତି ପାଇଁ କ୍ଷତିପୂରଣ କିମ୍ବା ସମନ୍ୱୟ ବ୍ୟବସ୍ଥା ଇତ୍ୟାଦି । ଓଡ଼ିଶାର ଶିଳ୍ପ ଉନ୍ନତି, ଆର୍ଥିକ ସ୍ଥିରତା ଓ ସାଧାରଣ ହିତରେ ତୁରନ୍ତ ସୁଧାରତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଓସମେ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସମେ ସାଧାରଣ ସଚିବ ଶ୍ୱାତିକ ସ୍ୱାଇଁ, ଅଧ୍ୟକ୍ଷ ଗୌରୀ ଶଙ୍କର ଦାସ, ସଂଗଠନ ସଂପାଦକ ପ୍ରତ୍ୟୁଷ ମହାରଣା, ସଭ୍ୟ ସରଦୀପ ଶ୍ରୀବାସ୍ତବ, ଅରୁଣଭ ତ୍ରିପାଠୀ ଓ ବିପିନ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ

**କଟକ, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ଖୋଲମୁଖୋଲା ଚ୍ୟାଲେଞ୍ଜ କରୁଛି କଟକ ମହାନଗର ନଗମ (ସିଏମ୍‌ସି) ଚାକିରୀ ଶେଷ ପରେ ମଧ ବିଭିନ୍ନ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କୁ ବେଆଇନ ଭାବରେ ପୁନଃ ନିଯୁକ୍ତି ଓ ଥଇଥାନ କରୁଛି ସିଏମ୍‌ସି । ସିଏମ୍‌ସିରେ ଆଉ କେହି ଯୋଗ୍ୟ ନାହାନ୍ତି କି ? ତେବେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଏତେ ଅନୁକମ୍ପା କାହିଁକି ବୋଲି ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ପ୍ରଶ୍ନ କରାଯିବ ସହିତ ଏହାର ପ୍ରତିବାଦରେ ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ମେୟର ଓ କମିଶନରଙ୍କୁ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛିରେ ଓଡିଶାରେ ଲକ୍ଷ ଲକ୍ଷ ବେକାରି ଶିକ୍ଷିତ ଯୁବକ/ ଯୁବତୀ ଚାକିରୀ ନ ପାଇ ହତୋତ୍ସାହ ହେଉଥିବାବେଳେ ସେମାନଙ୍କୁ ନିଯୁକ୍ତି କରାନଯାଇ ଅବସରପ୍ରାପ୍ତ ବା ଚାକିରୀ ଶେଷ ପରେ ଅଧିକାରୀ ଓ କର୍ମଚାରୀଙ୍କୁ କଟକ ମହାନଗର ନଗମରେ ଏପରି ଥଇଥାନ ଯୋଜନା କେତେଦୂର ସମୀଚୀନ, ଯଥା ତାହା ବିଚାର କରିବାକୁ ସମ୍ମାନ ଓ ଅନୁଗତ୍ୟର ସହିତ ଶ୍ରୀ ସେଠୀଙ୍କ ସମେତ ପ୍ରତିନିଧି ମଣ୍ଡଳୀ ମେୟର ଓ କମିଶନରଙ୍କୁ ଏହି ପ୍ରସଙ୍ଗ ଉପରେ, ଆଲୋଚନା, ପର୍ଯ୍ୟାଲୋଚନା କରି କାର୍ଯ୍ୟାଳୟରେ ବିଭନ୍ନ ବିଭାଗରେ ବେଆଇନ ଭାବେ ଥଇଥାନ କରାଯାଇଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଛଟେଇ କରି କରିବା ନିମନ୍ତେ ବିଭୀତ ହୁକୁମ ସାଦର କରିବାକୁ ନିବେଦନ କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଆଇନଜୀବୀ ଶିବ କୁମାର ବାରିକ, ବିଷ୍ଣୁ ପ୍ରସାଦ ମଲ୍ଲିକ, ଅନିମା ନାୟକ, ଜୁନେଦ୍ ଖାନ୍, ଜୀବନଜ୍ୟୋତି ସାହୁ, ଅଟଳ କିଶୋର ଜେନା, ପୂଜା ସେଠୀ, ନାରାୟଣ ସେଠୀ ଓ ଭାରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2025-26/408, ତା.12.12.2025

ଟେଣ୍ଡର ସଂ. 40256500

ସାମଗ୍ରୀଗୁଡ଼ିକର ବିବରଣୀ : ଡେଲିଭରୀ ତାରିଖ ଠାରୁ 12 ମାସର ୱାରେଣ୍ଟି ଅବଧି ଇତ୍ୟାଦି ସହିତ ସମ୍ବଲପୁର ମଣ୍ଡଳର ବାଣିଜ୍ୟ ବିଭାଗ ନିମନ୍ତେ ସର୍ବନିମ୍ନ ଟନେଲ୍ ସାଇଜ 1500 MM (ଚଉଡ଼ା) X 1800 MM (ଉଚ୍ଚତା)ର କାର୍ଗୋ ଏକ୍ସ-ରେ ବ୍ୟାଗେଜ୍ ସ୍କାନର ମେସିନ୍‌ର ଯୋଗାଣ ଏବଂ ସଂସ୍ଥାପନ ।

ଟେଣ୍ଡର ମୂଲ୍ୟ : ₹ 4,68,34,206/-, EMD @ 2% : ₹ 9,36,680/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.01.2026ରିଖ 1500 ଘଟିକାରେ ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-911/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୮ ଡିସେମ୍ବର ୨୦୨୫ ● ଗୁରୁବାର

## ସରଂପଚ ସଂଘର ବେଳାଭୂମୀ ସଫେଇ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସରଂପଚ ସଂଘ ପକ୍ଷରୁ ପେଣ୍ଠ ବେଳାଭୂମୀକୁ ସଫେଇ କରାଯାଇଛି । ସରଂପଚ ସଂଘର ସଭାପତି ଅଶୋକକୁମାର ମହାନ୍ତିଙ୍କ ନେତୃତ୍ୱରେ ସରଂପଚ ନିରଂଜନ ରାଉତ, ସୁଶ୍ରୀ ସଙ୍ଗୀତା ମିଶ୍ର, ଶଶ୍ମିତା ମହାନ୍ତି, ଶୈଳେନ୍ଦ୍ର ମିଶ୍ର, ଇତିଶ୍ରୀ ମହାପାତ୍ର, ରାଣୀମଂଜରୀ ପ୍ରଧାନ, ବିଣାପାଣୀ ପ୍ରଧାନ, ଚିତରଂଜନ ପଣ୍ଡା, ନନ୍ଦଦୁଲାଲ ପରିଡା, ସମିର ସେଠୀ, ହେମଲତା ମାହୁଁନ୍ତ, ତାପସ ସାହୁ, ପ୍ରାକ୍ତନ ସରଂପଚ ପ୍ରତିମା ମହାନ୍ତି, ସମିତି ସଭ୍ୟା ଉତମା ସେଠୀ ପ୍ରମୁଖ ଯୋଗଦେଇଥିଲେ। ସଂଘ ବୈଠକରେ ସରପ□ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିଥି ଭାବେ ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଷଚନ୍ଦ୍ର ଗୁଡିଆ, ବିଡିଓ ତିଲୋତମା ପୃଷ୍ଟି, ପ୍ରାକ୍ତନ ସରଂପଚ ଦେବେନ୍ଦ୍ର ଜେନା, ରନ ମହାନ୍ତି ଓ ରମଣୀରଂଜନ ମହାପାତ୍ର, କୈଳାସ ପରିଡା, ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପେଣ୍ଠ ବେଳାଭୂମୀକୁ ସଫେଇ କରାଯାଇଥିଲା ।

## ଲାମକୋକ୍ ଚୋରି: ୧୩ ଟ୍ରକ ଅଟକ

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଯାଜପୁର ସ୍ଥିତ ଜିନ୍ଦଲ କୋକ୍ ଲିମିଟେଡରୁ ଲାମକୋକ୍ ହାଜିରା ପ୍ଲାଣ୍ଟକୁ ପାରାଦୀପ ବନ୍ଦର ଦେଇ ସମୁଦ୍ର ପଥରେ ପଣ୍ୟବାହୀ ଜାହାଜ ମାଧ୍ୟମରେ ନିୟମିତ ଭାବେ ପଠାଇଥାନ୍ତି। ଏଥିପାଇଁ ଇଷ୍ଟର୍ଣ୍ଣ ଷ୍ଟିଭେଡୋରସ୍‌ଙ୍କୁ ପରିବହନ କାର୍ଯ୍ୟରେ ଜିନ୍ଦଲ କୋକ୍ ଲିମିଟେଡ୍ ପ୍ଲାଣ୍ଟରୁ ପାରାଦ୍ୱୀପ ପୋର୍ଟ ପ୍ଲଟ ପର୍ଯ୍ୟନ୍ତ ନିୟୋଜିତ କରିଛନ୍ତି । ଗତ ଦୁଇ ତିନି ଦିନ ମଧ୍ୟରେ ୧୩ ଟି ଟ୍ରକକୁ ସନ୍ଦେହ ହେତୁ ଖଲାସ୍ ବନ୍ଦ ରଖାଯାଇଛି। ଆଜି ସୋମବାର ଦିନ ୧୧ଟା ସମୟରେ ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ଅଧିକାରୀ ସ୍ମିତରଞ୍ଜନ ସାମନ୍ତରାୟ, ସିକ୍ୟୁରିଟି ଇନଚାର୍ଜ କାମେଶ୍ୱର ଶର୍ମା ଓ ଟ୍ରାସପୋର୍ଟ ପ୍ରତିନିଧ ପ୍ରଭାତ ସାଇଁ ଏବଂ ଓଏସଏଲ ଷ୍ଟିଭେଡୋରସର ପ୍ରତିନିଧ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉକ୍ତ ସନ୍ଦେହଜନକ ଭାବେ ଟ୍ରକ ନଂ ଓଡି୦୪କ୍ୟୁ-୦୦୫୪, ଓଡି୦୬ଜେଡ - ୧୦୯୫, ଓଡି୦୫କ୍ୟୁ-୯୫୨୭ର ପାଲ ଖୋଲାଯିବା ପରେ ସେଥିରୁ ପ୍ରଚୁର ପରିମାଣରେ ଧୂଳି, ପାଉଁଷ ଓ ପାଣି ଭିଜା କାର୍ଗୋ ମିଳିଥିଲା। ଉକ୍ତ ଗାଡିରେ ନିୟୋଜିତ ଥିବା ଡ୍ରାଇଭର ବିଜୟ ନେହା, ବିଜୟ ଖଟୁଆ ଓ ସୁମନ ଦେହୁରୀଙ୍କୁ ପଚାରିବାରୁ ସେମାନେ ଗାଡିରୁ ଲାମକୋକ୍ ବାହାର କରି ବିକ୍ରୟ କରିଛନ୍ତି ଓ ତାହା ବଦଳରେ ସେହି ପରିମାଣରେ ଧୂଳି, ପାଉଁଷ ଓ ପାଣି ମିଶ୍ରଣ କରିଛନ୍ତି। ଡ୍ରାଇଭରଙ୍କ କହିବା ଅନୁଯାୟୀ ଏଥିରେ ତାଙ୍କର ମାଲିକମାନଙ୍କ ସଂପୃକ୍ତି ରହିଛି। ତେବେ ଏହି ଘଟଣାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଡକାୟତି ମାମଲାରେ ତିନି ଗିରଫ

**ଜୁନାଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଜୁନାଗଡ଼ ଥାନା ଅଞ୍ଚଳରେ ସୋମବାର ଦିନ ରାତିରେ ଏକ ଡକାୟତି ମାମଲାରେ ଜୁନାଗଡ଼ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଗୋଲାମୁଣ୍ଡ ବ୍ଲକର ଅନ୍ତର୍ଲା ଗ୍ରାମର କାନ୍ହୁ ବରିହା (୩୩), ପୁରାଗାଁ ଗ୍ରାମର ଦେବେନ୍ଦ୍ର ସାହୁ (୩୮) ଓ ଗୋଲାମୁଣ୍ଡା ଅଞ୍ଚଳର ବସନ୍ତ ଚାଲାନ। ସୂଚନା ମତେ କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର କଲମପୁର ଚକ ନିକଟସ୍ଥ ଏନ୍ ଏଚ ୨୬ ସୋମବାରରେ ରାତ୍ର ଗୋଟିଏ ପିକ୍‌ଅପ୍ ଖରାପ ହୋଇ ଅଟକିଥିଲା। ସେତିକି ବେଳେ ଦୁଇଜଣ ଯୁବକ ଏକ ଅପଚି ଗାଡିରେ ଆସି ପିକ୍‌ଅପ୍‌ରେ ବସିଥିବା ଯୁବକକୁ ମାଡ ମାରି ବନ୍ଧୁକ ଦେଖାଇ ଭୟଭୀତ କରି ଥିଲେ ଏବଂ ପାଖରେ ଥିବା ସମସ୍ତ ଟଙ୍କା ଡକାୟତି କରି ନେଇ ପଳାଇଥିଲେ। କୋଣସି ମତେ ଗାଡିରେ ଥିବା ଲୋକେ ଜୁନାଗଡ ପୋଲିସକୁ ଖବର ଦେଇଥିଲେ। ଜୁନାଗଡ ପୋଲିସ ତ୍ୱରିତ ପଦକ୍ଷେପ ନେଇ ଘଟଣାସ୍ଥଳରେ ପହଂଚି ଦୁଇ ଜଣ ଡକାୟତକୁ କାବୁ କରିଥିଲେ। ଦୁଇ ଜଣଙ୍କଠାରୁ ଗୋଟିଏ ଆପାଚି ବାଇକ୍, ଗୋଟିଏ ଇଂଲଣ୍ଡ ତିଆରି ରିଭଲଭର ଓ ଦୁଇଟି ଅଫୁଟା ଗୁଳି ଓ ଗୋଟିଏ ଖୋକା ପୋଲିସ ଜବତ୍ କରିଥିଲା। ଡକାୟତ ଦୁଇ ଜଣ ହେଲେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କାହ୍ନୁ ବରିହା ଓ ଜୁନାଗଡ ଅଞ୍ଚଳର ଦେବେନ୍ଦ୍ର ସାହୁ। ସେ ଦୁଇ ଜଣ ଗୋଲାମୁଣ୍ଡା ବ୍ଲକରେ ବସବାସ କରନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ ଦେବେନ୍ଦ୍ର ଗତ ବର୍ଷେ ତଳେ ଗୋଲାମୁଣ୍ଡା ଅଞ୍ଚଳର ବସନ୍ତ ଚାଲାନ ସମ୍ପର୍ଶରେ ଆସି ୪୦ ହଜାର ଟଙ୍କା ଦେଇ ରିଭଲଭର ଓ ଗୁଳି କିଣିଥିଲେ। ଜୁନାଗଡ ପୋଲିସ ଗୋଲାମୁଣ୍ଡାର ବସନ୍ତ ଚାଲାଣକୁ ରିଭଲଭର ବିକ୍ରି କରିଥିବାରୁ ପୋଲିସ ଜୁନାଗଡ ଥାନାକୁ ଆଣି ଅଧିକ ପଚରାଉଚରା କରିଥିଲେ। ଅଭିଯୁକ୍ତ ଡକାୟତଙ୍କ ନାମରେ ଜୁନାଗଡ ଥାନାରେ ବିଭିନ୍ନ ଦଫାରେ ମାମାଲା ରୁଜୁ ହୋଇଥିଲା। ଆଜି ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜୁନାଗଡ ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି।

## ଏମ୍‌ଏସ୍‌ବିୱାଇରେ କଟକକୁ ମିଳିବ ୨୫୦କୋଟିର ଅନୁଦାନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ (ସିଏମସି)ର ୩୭ତମ କାଉନସିଲ ବୈଠକ ବୁଧବାର ପୂର୍ବାହ୍ନରେ ବିଜୁଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମେୟର ସୁବାସ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସିଏମସିର ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ହୋ-ହାଲ୍ଲା ହୋଇଥିଲା । ସିଏମସି ଏରିଆରେ ସିଡ଼ିଏ କିପରି ହୋଡ଼ିଂ ବାବଦରେ ରାଜସ୍ୱ ଆଦାୟ କରୁଛି ବୋଲି ଲାଇସେନ୍ସ କମିଟି ଅଧକ୍ଷ ପ୍ରଦୀପ କୁମାର ସାହୁ ବୈଠକରେ ଅଭିଯୋଗ ଆଣିଥିଲେ । କଟକରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହୋଇଛି ବୋଲି କଂଗ୍ରେସ କର୍ପୋରେଟରମାନେ ଅଭିଯୋଗ କରିଥିଲେ । ଯୋଜନା ବାବଦରେ ଆର୍ଥିକ ସହାୟତା ମିଳିବାକୁ ୪ ମାସ ସମୟ ଲାଗୁଛି ବୋଲି କଂଗ୍ରେସ କର୍ପୋରେଟର କେ କାମେଶ୍ୱର ରାଓ ଅଭିଯୋଗ କରିଥିଲେ । ଏହି ଯୋଜନାରେ ସିଏମସି ନିଜ ତହବିଲରୁ ସହାୟତା ରାଶି ପ୍ରଦାନ କରିବାକୁ କଂଗ୍ରେସ କର୍ପୋରେଟରମାନେ ଦାବି କରିଥିଲେ । ବିଭିନ୍ନ ଯୋଜନାର ସରକାରୀ ମଞ୍ଜୁରୀ ମିଳୁ ନଥିବାରୁ ବିଜେଡ଼ି କର୍ପୋରେଟରମାନେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଯୋଗ୍ୟ ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟଭତ୍ତା ମିଳୁ ନଥିବାରୁ ବିଜେପି କର୍ପୋରେଟରମାନେ କ୍ଷୋଭପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମ୍‌ଏସ୍‌ବିୱାଇ)ରେ କଟକକୁ ୨୫୦ କୋଟିର ଅନୁଦାନ ରାଶି ମିଳିବ ବୋଲି ମେୟର ଶ୍ରୀ ସିଂ ସୂଚନା ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ୬୬କୋଟି ଟଙ୍କା ମେୟର କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ଦମୟନ୍ତୀ ମାଝୀଙ୍କ ସମେତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ପୋରେଟରମାନେ ବୈଠକରେ ଯୋଗ ଦେଇଥିଲେ ।

## ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳ ରଘୁରାମ ଆର. ଆୟର ବୁଧବାର ମଧ୍ୟାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓପିଡି ବୁଲିବା ସହିତ ପଞ୍ଜିକରଣ କାଉଣ୍ଟରକୁ ଯାଇ ସଠିକ ଭାବରେ ଏବଂ କ୍ରମାନ୍ୱୟରେ ପଞ୍ଜିକରଣ ହେଉଛି କି ନାହିଁ ଦେଖିଥିଲେ। ପରେ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ୱାର୍ଡରେ ଭର୍ତ୍ତି ହୋଇଥିବା ବିଭିନ୍ନ ରୋଗୀ ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସହ ସେମାନେ ଉପଯୁକ୍ତ ସେବା ଡାକ୍ତରଖାନାରୁ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିବା ସହିତ ତାଙ୍କ ସମ୍ପର୍କୀୟ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ଓ ଷ୍ଟାଫମାନଙ୍କ ସହ ରୋଗୀଙ୍କ ଉପଯୁକ୍ତ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରୋଗୀମାନଙ୍କୁ ଭଲ ବ୍ୟବହାର କରିବା ସହିତ ଉତ୍ତମ ରୋଗୀ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ଡାକ୍ତରଖାନା ଟଏଲେଟ୍ ଗୁଡିକର ଦୈନିକ ସଫେଇ ଉପରେ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ଆହାର କେନ୍ଦ୍ର ବୁଲି ଦେଖିବା ସହିତ ଚିକିତ୍ସାଳୟର ଅନ୍ୟ ସମସ୍ୟା ଉପରେ ଉପସ୍ଥିତ ଡାକ୍ତରଖାନା ଅଧୀକ୍ଷକ ଡା. ପ୍ରମୋଦ କୁମାର ପ୍ରହରାଜଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ଆସ ବିଦ୍ୟାଳୟ ଯିବା କାର୍ଯ୍ୟକ୍ରମ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ସତ୍ୟଭାମାପୁର କ୍ଲଷ୍ଟର ଅଧୀନ ଟଙ୍ଗପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ [illegible] ରମାଲତା ନାୟକ, ଶିକ୍ଷା କମିଟି ସଭାପତି ପ୍ରସନ୍ନ କୁମାର ସାହୁ, ସିଆରସିସି ଭିମ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦାସ ସଭା ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅଭିନବ ଅଭ୍ୟାସ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ପଠନ; ଲିଖନ କୌଶଳର ଦକ୍ଷତା ବୃଦ୍ଧି ସଂପର୍କରେ ଶିକ୍ଷୟିତ୍ରୀ ସବିତା ସାହୁ ସୂଚନା ଦେଇଥିଲେ। ସହକାରୀ ଶିକ୍ଷକ ବିଭୂତି ଭୂଷଣ ସାହୁ ଅତିଥିମାନଙ୍କ ପରିଚୟ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ତପନ କୁମାର ମହାନ୍ତି, ବିଷ୍ଣୁ ଚରଣ ବେହେରା, ଯୋଗେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉଠା ଜଳ ସେଚନରୁ ବଞ୍ଚିତ ଚାଷୀଙ୍କ ଆନ୍ଦୋଳନ ଧମକ



**ବଲାଙ୍ଗୀର:ଏକ୍ସପ୍ରେସ୍ ନ୍ୟୁଜ୍**

ପାଟଣାଗଡ଼ ବ୍ଲକ ପଟାମୁଣ୍ଡା ପଞ୍ଚାୟତ ପଟାମୁଣ୍ଡା ଗ୍ରାମର ଉଠାଜଳସେଚନ ଯୋଜନାରେ ପନ୍ଦର ଜଣ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ପାଇଁ ଦୀର୍ଘ ବର୍ଷ ପୂର୍ବରୁ ବିଭାଗୀୟ ଅଧିକାରୀ ମାନେ ଏଗ୍ରିମେଣ୍ଟ କରିଥିଲେ। କିଛି ବର୍ଷ ଠିକଠାକ ଚାଲିଲା ପରେ ତାପରେ କିଛି ବର୍ଷ ଅଚଳ ହୋଇପଡ଼ିଲା। ଚଳିତ ବର୍ଷ ନୂଆ ଭାବେ ମରାମତି କରି ଆହୁରି ଚାଷ ଜମିକୁ ଜଳସେଚନ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ପନ୍ଦର ଜଣ ଚାଷୀଙ୍କ ମଧ୍ୟରୁ କେବଳ ତିନି ଜଣ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରି ବିଭାଗୀୟ ଅଧିକାରୀ ନିଜର କାମ ସାରି ଦେଇଛନ୍ତି। ଜଳସେଚନ ପାଇଁ ଅନ୍ୟ ୧୨ଜଣ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଭେଟି ସମସ୍ୟା ଜଣେଇବା ପରେ ବିଭାଗୀୟ ଯନ୍ତ୍ରୀ କହିଲେ ସେ ତିନି ଜଣ ଚାଷୀ ବହୁତ କଠିନ ପରିଶ୍ରମ ଓ ଧାଁ ଧପଡ଼ କରି ଏହି ଯୋଜନାକୁ କାର୍ଯ୍ୟକାରୀ କରେଇଛନ୍ତି କେବଳ ତୁମମାନେ ବସି ରହିଥିଲ। ତୁମର କିଛି କାମ ହେବ ନାହିଁ ବୋଲି ଶୋକଠୋକ ମନା କରିଦେଲେ। ଉଠା ଜଳସେଚନରୁ ବଞ୍ଚିତ ଥିବା ସମସ୍ତ ଚାଷୀମାନଙ୍କୁ ନେଇ ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏକ ଦାବିପତ୍ର ସହକାରୀ ଜିଲ୍ଲାପାଳ ହେଡ଼କ୍ଲାର୍କ ବିଭାଗଙ୍କୁ ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ଏ ବିଷୟରେ ତଦନ୍ତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ଦାବିପତ୍ର ଦେବା ସମୟରେ ଶଙ୍କର ବରିହା, ଉକିଲ ଭୁଏ, ତିକେସନ ବରିହା, ରବୀନ୍ଦ୍ର ବରିହା, ଡାକ୍ତର ବରିହା, ରଣଜିତ ଭୁଏ, ଶରତ ବରିହା, ଧ୍ରୁବା ବରିହା, କୃପା ଭୁଏ, ସେବକ ବରିହା,ଭକ୍ତ ବନ୍ଧୁ ଭୁଏ, କୃଷ୍ଣା ଭୁଏ ପ୍ରମୁଖ ଚାଷୀ ମାନେ ଉପସ୍ଥିତ ଥିଲେ। ଶୀଘ୍ର ସମାଧାନ ନହେଲେ ଆଗାମୀ ତିନି ଦିନ ମଧ୍ୟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସଂଘର ଯୁଗ୍ମ ସମ୍ପାଦକ ଚେତାବନୀ ଦେଇଛନ୍ତି।

## ପିଏନ୍ କଲେଜ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭିଜନ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଛାତ୍ର ଓ ଯୁବ ସମାଜ ପାଇଁ ଏକ ଆହ୍ୱାନର ବିଷୟ ଅଟେ। ଆତ୍ମ ନିର୍ଭର ଭାରତ, ସ୍ୱଦେଶୀ ଭାରତ, ଗ୍ରାମ ସ୍ୱରାଜ୍ୟ ପ୍ରତିଷ୍ଠାରେ ଭାରତ ସ୍ୱାବଲମ୍ବୀ ହେବ, ସ୍ୱାଧିନତା ପୂର୍ବରୁ ଏହା ମହାତ୍ମା ଗାନ୍ଧୀ ସ୍ୱପ୍ନ ଦେଖିଥିଲେ। ଆମେ ସ୍ୱାଧୀନତା ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆତ୍ମ ନିର୍ଭର ଭାରତ ନିର୍ମାଣ କରିପାରି ନାହିଁ। ବର୍ତ୍ତମାନ ଏହି ଭିଜନକୁ ସଫଳ କରିବା ପାଇଁ ହେଲେ ଛାତ୍ର ସମାଜ, ଯୁବ ସମାଜଙ୍କ ମାନବ ସମ୍ବଳ ତଥା ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ଶକ୍ତିକୁ ବିକଶିତ ଓ ସୁବିନିଯୋଗ କରିପାରିଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ନିର୍ମାଣର ପଥ ସୁଗମ ହେବାସହ ସରକାରଙ୍କ ଭିଜନ ସାକାର ହେବ ବୋଲି ଆଜି ପୂର୍ବାହ୍ନରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ମିଳିତ ଆନୁକୁଲ୍ୟରେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ ପୂର୍ବକ ନିଜ ଅଭିଭାଷଣରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଉପନିର୍ଦ୍ଦେଶକ ନିଯୁକ୍ତି ତଥା ଦକ୍ଷତା ବିକାଶ ସୁବାସ କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନୀଳକଣ୍ଠ ରଥ, ପ୍ରାଣନାଥ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରତାପ କୁମାର ପଟ୍ଟନାୟକ, ଉପ ନିର୍ଦ୍ଦେଶକ ତପନ କୁମାର ରାଉଳ ନିଜନିଜ ବକ୍ତବ୍ୟ ରଖିଥିଲେ। ମେଳାରେ ୨୮ଟି ତାଲିମ ପ୍ରଦାନ କାରୀ ନିଯୁକ୍ତି ସଂସ୍ଥା ଓ ୩୦ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମୋଟ ୧୮୦୦ ଯୁବକ ଯୁବତୀ ଯୋଗ ଦେଇଥିଲେ। ସେହିପରି ୯୨୦ ଜଣ ଯୁବକ ଯୁବତୀ ନିଯୁକ୍ତି ଭିତ୍ତିକ ତାଲିମ ପାଇଁ ଚୟନ ହୋଇଥିବାବେଳେ ୪୩୫ ଜଣକୁ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। ମଞ୍ଚ ସଂଯୋଜନା, ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ ଉପନିର୍ଦ୍ଦେଶକ ସୁବାସ କୁମାର ବେହେରା ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି, ଓରମାସର ଅଧିକାରୀ ବୃନ୍ଦ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ଥିଲେ।

## ଯୁବକକୁ ହାଣିବା ମାମଲାରେ ଅଭିଯୁକ୍ତ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଶଙ୍ଖତ୍ରାସଠାରେ ଏକ ଯୁବକକୁ ଗୋଡ଼େଇ ଗୋଡ଼େଇ ହାଣିବା ଘଟଣାରେ ପୋଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବସନ୍ତ ବାରିକ । ଅଭିଯୁକ୍ତ ବସନ୍ତକୁ ସଦର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଅଭିଯୁକ୍ତ ବସନ୍ତ ସଦର ଥାନା ଶଙ୍ଖତ୍ରାସ ରାସ୍ତାରେ ଲକି ରାଉତଙ୍କୁ ଚାପଡ଼ରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ଲକି ଗୁରୁତର ଭାବେ ଆହତ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ସଦର ଥାନା ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ କ୍ରୀଡା

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବାଙ୍କୀର ଶତାୟୁ ଉଚ୍ଚବିଦ୍ୟାଳୟ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ବାଙ୍କୀର ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ନଗରପାଳିକା ମାଣିକ ସାହୁ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ପ୍ରମୋଦ କୁମାର ପଣ୍ଡା, ଉପନଗରପାଳ ସନ୍ତୋଷ କୁମାର ରଣା, ବାଙ୍କୀ କଲେଜର ପୂର୍ବତନ ଅଧକ୍ଷ ଡକ୍ଟର ଅମରେନ୍ଦ୍ର ମିଶ୍ର, କାଉନସିଲର ସନାତନ ବେହେରା, ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା ଓ ଡମପଡ଼ା ବ୍ଲକ କ୍ରୀଡା ସଂଘର ସଂପାଦକ ପ୍ରମୋଦ କୁମାର ମହାପାତ୍ର ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ରୀଡା ପତାକାକୁ ଡକ୍ଟର ଅମରେନ୍ଦ୍ର ମିଶ୍ର ଅବତରଣ କରିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ବିଦ୍ୟାଧର ଖଟୁଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସୁଜିତ୍ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଳି ଅଞ୍ଚଳରେ ଚୋରି ବଢ଼ୁଛି: ମାମଲା ହେଉନି

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୧୦ ଦିନ ମଧ୍ୟରେ ତିନି ଥର ଚୋରି ହେଲାଣି ପୋଲିସ ଘଟଣାସ୍ଥଳରେ ଛାନଭିନ କରିଛି କିନ୍ତୁ ମାମଲା ରୁଜୁ ହୋଇନଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ସେପଟେ ଗୋଟିଏ ଇନ୍‌ସପେକ୍ଟର, ଦୁଇ ଜଣ ସବ୍ ଇନ୍‌ସପେକ୍ଟର, ତିନି ଜଣ ଏ.ଏସ.ଆଇ, କନେଷ୍ଟବଲ, ହାବିଲଦାର ସମେତ ୩୪ ଜଣ ହୋମଗାର୍ଡ ନିଆଳି ଥାନାରେ କାର୍ଯ୍ୟରତ। କିନ୍ତୁ କଡା ପ୍ରେଟୋଲିଙ୍ଗ ସତ୍ତ୍ୱେ କିଭଳି ଚୋରି ହେଉଛି ଏବଂ କାହିଁକି ମାମଲା ରୁଜୁ ହେଉନାହିଁ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିରିଷ୍ଠ ଅଧିକାରୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିବା ପାଇଁ ନାରାଜ।

ମିଳିଥିବା ସୂଚନା ଅନୁସାରେ ଗତ ୪ତାରିଖ ଦିନ କପାସି ଅଞ୍ଚଳରେ ଟେଲିଫୋନ ଏକ୍ସଚେଞ୍ଜରୁ ଦୃର୍ବୃତ୍ତ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ପରେ ଘଟଣାସ୍ଥଳକୁ ନିଆଳି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି, କିନ୍ତୁ ଏଯାବତ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି। ସେହିପରି ମାଧବ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରୁ ଦୃର୍ବୃତ୍ତ କବାଟ ତାଲା ଭାଙ୍ଗି ଘରର ଆବାସ ପତ୍ର ଚୋରି କରିନେଇଥିବା ବେଳେ ପୋଲିସ ତଦନ୍ତ କରିଛି କିନ୍ତୁ ଏ ପର୍ଯ୍ୟନ୍ତ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଗତ ୧୫ ତାରିଖ ରାତିରେ ନିଆଳି ଅଞ୍ଚଳର ଏକ ଦୋକାନରୁ ଦୃର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଦୋକାନ ଭିତରୁ ଟଙ୍କା ସହିତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇ ଫେରାର ହୋଇଯାଇଛନ୍ତି। ପୋଲିସ କେବଳ ଅଭିଯୋଗ ଆଧାରରେ ତଦନ୍ତ କରି ଚୁପ ହୋଇ ବସି ରହିଛି। ଗତ ଦୁଇ ମାସ ମଧ୍ୟରେ ନିଆଳି ଥାନା ଅଞ୍ଚଳରେ ୧୫ରୁ ଉର୍ଦ୍ଧ ଚୋରି ହୋଇ ସାରିଲାଣି। କେହି ଧରାପଡିନଥିବା ଅଭିଯୋଗ ହୋଇଛି।

ସେହିପରି ୩୪ ଜଣ ହୋମଗାର୍ଡ ମଧ୍ୟରୁ ଚାରି ଜଣ ହୋମଗାର୍ଡ ଏବେ କେଉଁ ବାବୁଙ୍କ ନିକଟରେ କାର୍ଯ୍ୟ ଲାଗିଛନ୍ତି ବୋଲି ନିଆଳି ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ହୋମଗାର୍ଡଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଟକ ଜିଲ୍ଲା ଏସପି ଏଥିପ୍ରତି ଦୃଷ୍ଟି ଦେବା ସହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

## ଶ୍ରୀଶ୍ରୀ କାକଟ ମଙ୍ଗଳା କ୍ଲବର ୮୨ତମ ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**




କେନ୍ଦ୍ରାପଡା ଜିଲ୍ଲାର ସର୍ବପ୍ରାଚୀନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀ କାକଟ ମଙ୍ଗଳା କ୍ଲବର ୮୨ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । କ୍ଲବ ସଭାପତି ପୌରସଭ୍ୟ ଉମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଲବର ସାମାଜିକ କାର୍ଯ୍ୟ, ଏହାର ଅତୀତ ଓ ଭବିଷ୍ୟତ ଉପରେ ବକ୍ତବ୍ୟ ରଖିଥିଲେ। ଆଲାସ୍କା ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡଃ ଦେବେନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଆମେରିକାସ୍ଥିତ କ୍ଲବର କାର୍ଯ୍ୟଧାରା ଉପରେ ଆଲୋକପାତ କରିବା ସହିତ କାକଟ ମଙ୍ଗଳା କ୍ଲବର କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ । ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ନଗରପାଳ ସରିତା ସାହୁ, ଅବସରପ୍ରାପ୍ତ ଅତିରିକ୍ତ ଏସପି ସୁରେଶ ଚନ୍ଦ୍ର ଘୋଷ, ବିଶିଷ୍ଟ ଗଜଲ ଗାୟକ କୈଳାସ ସାହୁ ଯୋଗଦେଇ କ୍ଲବର ବିକାଶ ପାଇଁ ଯଥାସାଧ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ସମ୍ପାଦକ ଆଇନଜୀବୀ ହାଡିବନ୍ଧୁ ସିଂ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଉପ ସଭାପତି ରାଜୀବ ପାଢୀ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ଗଣେଶ ସାହୁ, ସାଂସ୍କୃତିକ ସମ୍ପାଦକ ଅକ୍ଷୟ ସେନାପତି ବକ୍ତବ୍ୟ ରଖିଥିଲେ । କ୍ଲବର ଉପଦେଷ୍ଟା ଗଣେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କୈଳାସ ସାହୁ, ସ୍ୱରୁପ ରାଉତ, ପ୍ରଫେସର ସୋଲେମନ ସାହୁ, ଆତ୍ମନ ଦାସଙ୍କୁ "କେନ୍ଦ୍ରାପଡା ମାଟିର ପୁତ୍ର" ଉପାଧିରେ ସମ୍ମାନିତ କରିଥିଲେ । ପ୍ରତିବର୍ଷପରି ଚଳିତ ବର୍ଷ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବାହ୍ନରେ କ୍ଲବ ପରିସରରେ ସଭାପତିଙ୍କ ସଭାପତିତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ଗିରୀ, ପୂର୍ବତନ ପୌରାଧକ୍ଷ ଧିରେନ ସାହୁ, କ୍ଲବର ସଦସ୍ୟ ବିପଦ ଭଞ୍ଜନ ଦାସ, ସୁରେଶ ଚନ୍ଦ୍ର ଘୋଷ, ସୁନାକର ବେହେରା, ଚୌଧୁରୀ ସୁକୁମାର ଦାସ ପ୍ରମୁଖ ଯୋଗ ଦେଇ କ୍ଲବର ଉନ୍ନତିରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । କ୍ଲବର ଶତାଧିକ ବରିଷ୍ଠ ସଦସ୍ୟ ଓ କ୍ଲବର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ପ୍ରଥମେ ଭାବଗ୍ରାହୀ କଳାପରିଷଦ କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ୨୮୨ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ଯାଜପୁର ରୋଡ ସ୍ଥିତ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର ଓ ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ନିର୍ମାଣ ଶ୍ରମିକ ସୁର ଜେନା, ଭାଗୀରଥୀ ସାହୁ, ଶରତ ଦେହୁରୀ, ସୁଦର୍ଶନ ସାହୁଙ୍କୁ ଡମି ଚେକ ମାଧ୍ୟମରେ ସହାୟତା ପ୍ରଦାନ କରିଥିଲେ। ସର୍ବମୋଟ ମୃତ୍ୟୁକାଳୀନ ସହାୟତା ବାବଦରେ ୬ ଜଣଙ୍କୁ ୧୭ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୬ ଜଣଙ୍କୁ ୩୦ ହଜାରା ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୦୧ ଜଣଙ୍କୁ ୧୯ ଲକ୍ଷ ୯୭ ହଜାର, ବିବାହ ସହାୟତା ବାବଦରେ ୬୭ ଜଣଙ୍କୁ ୩୩ ଲକ୍ଷ ୨୫ହଜାର ଏବଂ ପ୍ରସୂତୀ କାଳୀନ ସହାୟତା ବାବଦରେ ୨ ଜଣଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ବୋର୍ଡ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ମୃତ୍ୟୁକାଳୀନ ସହାୟତା ବାବଦରେ ୪ ଜଣ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ନେଇ ଗାନ୍ଧୀମାର୍ଗରେ ଧାରଣା

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**




ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ନିବେଦନ ପରେ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ହେତୁ ରାଜ୍ୟ ସରକାରଙ୍କ ଇଞ୍ଜିନିୟରିଙ୍ଗ ବିଭାଗ ଯଥା- ଜଳ ସମ୍ପଦ, ନଗର ଉନ୍ନୟନ ଓ ଗୃହ ନିର୍ମାଣ, ପୂର୍ତ୍ତ, ଗ୍ରାମ ଉନ୍ନୟନ ଓ ପଞ୍ଚାୟତ ରାଜ ସମ୍ପତ ରାଜ୍ୟ ଇଞ୍ଜିନିୟରିଙ୍ଗ ୱାର୍କ ଚାର୍ଜଡ଼୍, ନିୟମିତ ଓ ସେବା ନିବୃତ କର୍ମଚାରୀ ଫୋରମ ଚଳିତ ମାସର ଗତ ୫ତାରିଖରୁ ବିଧାନସଭା ଆଗରେ ଅସହ୍ୟ ଶୀତ କାକରରେ ଆହୋରାତ୍ର ଧାରଣ ଦେଇଛନ୍ତି। ଦୀର୍ଘ ୩୦ରୁ ୪୦ ବର୍ଷ ଦେଶ ପାଇଁ ସେବା କରି ଚାକିରିରୁ ଅବସର ପରେ କୌଣସି ପେନସନ ନପାଇ ଏହି ସରକାରୀ କର୍ମଚାରୀ ଆଜି ନିଃସହାୟ। ରାଜ୍ୟ ସରକାରଙ୍କ ଇଞ୍ଜିନିୟରିଙ୍ଗ ବିଭାଗ ଉକ୍ତ ସଂସ୍ଥା ଅଧୀନରେ କଟ ଅଫ ଡେଟ ତା. ୧୨.୪.୧୯୯୩ ରିଖ ପୂର୍ବରୁ କାର୍ଯ୍ୟରତ ସମସ୍ତ ଏନ.ଏଇ.ଆର/ ଏନ.ଏମ.ଆର କର୍ମଚାରୀ ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ନଂ.୨୨୭୬୪ ତା.୧୫.୦୫.୧୯୯୭ ଅନୁସାରେ ୧୦ ବର୍ଷ ଚାକିରୀ ପୂରଣ କରି ୨୦୦୩ ମସିହାରେ ରେଗୁଲାର ନିଯୁକ୍ତି ପାଇବାକୁ ଯୋଗ୍ୟ ଥିଲେ। ଏହି ସଂକଳ୍ପ ବର୍ଣ୍ଣନାତ୍ମକ ରେଗୁଲାର ନିଯୁକ୍ତି ପରିବର୍ତ୍ତେ ୨୦୦୯ ମସିହାରୁ ୨୦୧୩ ମସିହା ମଧ୍ୟରେ ଡ଼ି.ଏଇ.ଆରଏନ.ଏମ.ଆରଙ୍କୁ ୱାର୍କଚାର୍ଜ ସଂସ୍ଥାପନକୁ ରୂପାନ୍ତରିତ କରିଥିଲେ। ସେହିପରି ଅର୍ଥ ବିଭାଗ ମେମୋରାଣ୍ଡମ୍ ସଂଖ୍ୟା ନଂ.୫୪୮୩/ ଏଫ୍ ତା.୬.୩.୧୯୯୦ ଅନୁଯାୟୀ ୫ବର୍ଷ ୱାର୍କଚାର୍ଜ ଚାକିରୀ ପରେ ୱାର୍କଚାର୍ଜ ସଂସ୍ଥାରେ ପ୍ରଦାନ କରାଯାଇଥିବା ଚାକିରୀ ସମୟ ପେନସନ ନିମନ୍ତେ ଯୋଗ୍ୟ ବିବେଚିତ ହେବ। ସୂଚନାଯୋଗ୍ୟ ବର୍ତ୍ତମାନର ବ୍ରଟଓଭର ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ ୧୦ବର୍ଷରୁ ଉର୍ଦ୍ଧ ଚାକିରୀ ସମାପନ କରିଥିବାରୁ ନିୟମ ଅନୁସାରେ ପେନସନ ପାଇବାକୁ ଯୋଗ୍ୟ ଅଟନ୍ତି। ମାତ୍ର ଅତୀବ ଦୁଃଖର ବିଷୟ ଏହି ଭାବରେ ଯେଉଁ କର୍ମଚାରୀ ଅବସର ନେଉଛନ୍ତି ସେମାନଙ୍କୁ ପେନସନ ଦିଆଯାଉନାହିଁ। ତେଣୁ ସରକାରଙ୍କ ନିକଟରେ ଦାବୀ କରାଯାଇଛି ଅର୍ଥ ବିଭାଗ ପ୍ରକଳ୍ପ ସଂଖ୍ୟା ୨୨୭୬୪ ତା.୧୫.୫.୧୯୯୭ ଅନୁସାରେ ୧୦ବର୍ଷ ଏବଂ ୱାର୍କଡ଼ ଚାର୍ଜ ନିୟମ ସର୍ତ୍ତାବଳି ଅନୁସାରେ ୫ ବର୍ଷ ଚାକିରୀ ପୂରଣ ହୋଇସାରିଥିବାରୁ ଇଞ୍ଜିନିୟରିଙ୍ଗ ବିଭାଗର ପେନସନ ଯୋଗ୍ୟ ଅବହେଳିତ ବ୍ରଟଓଭର ୱାର୍କଡ଼ ଚାର୍ଜ/ ରେଗୁଲାର କର୍ମଚାରୀଙ୍କ ସମୁଦାୟ ଚାକିରୀ କାଳକୁ ହିସାବକୁ ନେଇ ପେନସନ ନିୟମ ୧୯୯୨ ଭୁକ୍ତ କରି ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ ପ୍ରଦାନ କରାଯାଉ ବୋଲି ସଙ୍ଘ ଜଣାଇଛି। ସୂଚନାଯୋଗ୍ୟ ଜଳ ସମ୍ପଦ ବିଭାଗ ଅଧୀନରେ ବ୍ରଟଓଭର ୱାର୍କଡ଼ ଚାର୍ଜ କର୍ମଚାରୀ ସର୍ବେଶ୍ୱର ଭୁଜବଳ, ହରେକୃଷ୍ଣ ଭୂୟାଁ, ମୁରଲୀଧର ଗିରି ପ୍ରମୁଖ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ୧୯୯୨ ପେନସନ ପାଉଛନ୍ତି। ଇତି ମଧ୍ୟରେ ଜଳ ସମ୍ପଦ ବିଭାଗର ଅନ୍ୟ ୧୦ ଜଣ ବ୍ରଟଓଭର ୱାର୍କଡ଼ ଚାର୍ଜଙ୍କୁ ପେନସନ ଦେବାପାଇଁ ପତ୍ର ସଂଖ୍ୟା ୩୩୯୧୩ ତା.୪.୧୨.୨୦୨୫ରିଖରେ ପ୍ରକାଶ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ଓଡିଶା ସରକାରଙ୍କ ଦ୍ୱାରା ମାନ୍ୟବର ସୁପ୍ରିମକୋର୍ଟରେ ଆଗତ ୧୨୪ ଗୋଟି ଲିଭ ପିଟିସନ(ସିଭିଲ) ଡ଼ାଇରୀ ନମ୍ବ.୩୩୪୦୦/୨୦୨୩ ତା.୨୪.୭.୨୦୨୫ରିଖ ଆଦେଶରେ ରଦ୍ଦ ହୋଇଛି। ସୁତରାଂ ସମସ୍ତ ବ୍ରଟଓଭର ୱାର୍କ ଚାର୍ଜଡ଼ଙ୍କୁ ପେନସନ ପ୍ରଦାନ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ। ଏଣୁ ସରକାର ଏହାକୁ ହୃଦୟତାର ସହ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ଇଂଜିନୟରିଂ ବିଭାଗ ଯଥା - ଜଳ ସମ୍ପଦ, ନଗର ଉନ୍ନୟନ ଓ ଗୃହ ନିର୍ମାଣ, ପୂର୍ତ୍ତ, ଗ୍ରାମ ଉନ୍ନୟନ ଓ ପଞ୍ଚାୟତ ରାଜ ସମ୍ପତ ରାଜ୍ୟ ଇଞ୍ଜିନିୟରିଙ୍ଗ ୱାର୍କ ଚାର୍ଜଡ଼, ନିୟମିତ ସେବା ଓ ସେବା ନିବୃତ କର୍ମଚାରୀଙ୍କୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ମାସିକ ପେନସନ ପ୍ରଦାନ କରିବାକୁ ସଙ୍ଗ ପକ୍ଷରୁ ମୁଖ୍ୟ ସଂଯୋଜକ ରଣଜିତ ମହାନ୍ତି ସରକାରଙ୍କଠାରେ ଦୃଢ଼ ଦାବି ଜଣାଇଛନ୍ତି।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଡାକ୍ତର ରାଜକିଶୋର ତ୍ରିପାଠୀ**

BAMS, MD (AYU)

ସେବାନିବୃତ୍ତ ଚିକିତ୍ସକ

ନସଡ଼ିପୁର, କେନ୍ଦ୍ରାପଡ଼ା

ଆବିର୍ଭାବ-07.03.1958 ତିରୋଧାନ-10.01.2024

ତୁମେ ଆମକୁ ବାପା ଛାଡ଼ିଯିବାର ଦୁଇ ବର୍ଷ ହୋଇଗଲା, ଆମେ ତୁମକୁ ହରେଇବାର କ୍ଷତି ଓ ଯନ୍ତ୍ରଣା ସହିତ ବଞ୍ଚିବା ଧିରେ ଧିରେ ଶିଖୁଛୁ। ତୁମର ତ୍ୟାଗ, କଷ୍ଟ, ପ୍ରେରଣା ଓ ପ୍ରେମ ଚିରଦିନ ପାଇଁ ଆମ ହୃଦୟରେ ରଖିକି ଆଗକୁ ଅଗ୍ରସର ହେବାକୁ ଚେଷ୍ଟା କରୁଛୁ। ଆଶା କରୁଛି ବାପା ଆପଣ ଯେଉଁଠି ରହିଥିବେ ଶାନ୍ତିରେ ଥିବେ। ସ୍ୱର୍ଗଦୂତ ଏବଂ ସାଧୁ ମାନଙ୍କ ମଧ୍ୟରେ ତୁମେ ରହି ଆମମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ଆମକୁ ଧର୍ଯ୍ୟ ଓ ସାହସର ସହିତ ଆମର ମାର୍ଗଦର୍ଶକ ହୋଇ ଆମ ପାଖରେ ରହିଥାଅ।

ତୁମର ଶୋକସନ୍ତପ୍ତ ପରିବାରବର୍ଗ-


ପତ୍ନୀ- ସ୍ୱର୍ଣ୍ଣପ୍ରଭା ରଥ, ପୁତ୍ର-ଚନ୍ଦ୍ରଶେଖର, ମହେଶ୍ୱର, ପୁତ୍ରବଧୂ-ସୁମେଧା, ଶୁଭସ୍ମିତା, ନାତିନାତୁଣୀ- କିର୍ତ୍ତୀରାଜ, ନିଷ୍ଠା, ଅନ୍ୱିଦିତା ଏବଂ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 18th December, 2025 Thursday RNI Regd. No. ODIODI/2006/23033 Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ହ୍ୟାଣ୍ଡସମ୍ ସୁଇପର

ସେଦିନ କ୍ଲାସ ଭିତରକୁ ଗୋଟେ ସବଳ ସୁନ୍ଦର ଯୁବକ ପଶିଆସିବାରୁ ସବୁ ଝିଅତାକୁ ଦେଖି ଫିଦା ହୋଇଗଲେ।

କିଛି ଝିଅ କହିଲେ- ଏ ମା', ଇସ୍ ! କି ହ୍ୟାଣ୍ଡସମ୍ ଦେଖିବାକୁ ?

ହେଲେ କିଛି ସମୟ ପରେ ତା'କଥା ଶୁଣି ସମସ୍ତଙ୍କ ଅକଲ ଗୁଡୁମ।

ଯୁବକ କହିଲା- ଭଉଣୀମାନେ, ତମେମାନେ ଟିକେ ଆଡ଼େଇ ଗଲେ ମୁଁ ପୂରା କ୍ଲାସ୍ ରୁମ୍‌ଟା ଝାଡୁ କରିଦିଅନ୍ତି।

### ଗୁଗୁଲ ଡାର୍ଲିଂ

ପିଲାଦିନର ସାଙ୍ଗ ସହିତ ଦେଖାହେବାରୁ ଜଣେ ଆର ଜଣକୁ ପଚାରିଲା- ହଇରେ ତୁ ତୋ ସ୍ତ୍ରୀକୁ କ'ଣ ବୋଲି ଡାକୁଛୁ ?

ସାଙ୍ଗ କହିଲା- ମୁଁ ତାକୁ ଗୁଗୁଲ ଡାର୍ଲିଂ ବୋଲି ଡାକେ।

ପ୍ରଥମ ସାଙ୍ଗ ପଚାରିଲା- ଏମିତି କାହିଁକି ?

ଆର ସାଙ୍ଗ କହିଲା- ମୋ ସ୍ତ୍ରୀକୁ ଗୋଟେ ପ୍ରଶ୍ନ ପଚାରିଲେ ସେ ଶହେଟା ଉତ୍ତର ଦେବ।

## କଂଗ୍ରେସର ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ

**ଭୁବନେଶ୍ୱର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି। ମିଥ୍ୟା ମାମଲାରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ କେସରେ ଫସାଇ ଦୀର୍ଘବର୍ଷ ଧରି ହଇରାଣ ହରକତ କରିଥିଲା। ସୁପ୍ରିମକୋର୍ଟ ନ୍ୟାସନାଲ ହେରାଲ୍ଡ ମାମଲାରେ ଶ୍ରୀମତୀ ଗାନ୍ଧୀ ଓ ଶ୍ରୀ ଗାନ୍ଧୀଙ୍କୁ ସଂପୂର୍ଣ୍ଣ ଦୋଷମୁକ୍ତ କରିଛି। ଫଳରେ ଆଜି କଂଗ୍ରେସର ଏକ ମସ୍ତବଡ଼ ନୈତିକ ବିଜୟ ପାଇଛି। ଏହା ସହିତ ବିଜେପିର ପ୍ରତିହିଂସା ପରାୟଣ ରାଜନୀତି ଦେଶ ଆଗରେ ଉଜାଗର ହୋଇଛି। ପୁଣି ସରକାର ମହାତ୍ମା



ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରୁଛି। ଯାହା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କୋଟି କୋଟି ଭାରତୀୟଙ୍କ ମନରେ ଆଘାତ ଦେଇଛି। ତେଣୁ ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧି କାର୍ଯ୍ୟକଳାପ ବିରୋଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ଘେରାଉ କରିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସିର୍ଦ୍ଧାଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ସୋଫିଆ ଫିର୍ଦ୍ଦୋଶ, ଅମିୟ ପଟ୍ଟନାୟକ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ମିନାକ୍ଷି ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ମାନସ ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, ମାନସ କର, ସତ୍ୟବ୍ରତ ନାୟକ, ଅଶୋକ ଦାସ, ଜୟଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ ବିଶୋଇ, ନିରନ ଲେଙ୍କା, ବିଭୁ ପ୍ରସାଦ ମିଶ୍ର, ଆଲୋକ ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଜୟଶ୍ରୀ ପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଜୟକୃଷ୍ଣ ମଲ୍ଲିଆ, ଦେବବ୍ରତ ଦାସ, ସୂର୍ଯ୍ୟକାନ୍ତ ଜେନା, ନିଶିକାନ୍ତ ମିଶ୍ର, ଅଶୋକ ସ୍ୱାଇଁ, ରଜନୀ ମହାନ୍ତି, ହିଂମାଶୁ ଲେଙ୍କା, ନିରନ ନାୟକ, ହରିଶଙ୍କର ରାଉତ, ମନୋଜ ନାୟକ, ମଂଟୁ ମଲ୍ଲିକ୍, ମିହିର ଆଚାର୍ଯ୍ୟ, ରାଜକିଶୋର ବାରିକ, ଶୁଭେନ୍ଦୁ ଦାସ, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ଆତ୍ମାରାମ ପତିଙ୍କ ସହ ହଜାର ହଜାର ସଂଖ୍ୟାରେ ଯୁବ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଘନ କୁହୁଡ଼ି ଯୋଗୁ ୪ର୍ଥ ଟି-୨୦ ବାତିଲ



**ଲକ୍ଷ୍ନୌ, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମଠାରେ ଆଜି ଖେଳାଯିବାକୁ ଥିବା ଭାରତ ବନାମ ଦକ୍ଷିଣ ଆଫ୍ରିକା ୪ର୍ଥ ଟି-୨୦ ମ୍ୟାଚ ରଦ୍ଦ ହୋଇଯାଇଛି। ଘନ କୁହୁଡ଼ି କାରଣରୁ ଏହି ମ୍ୟାଚ ବାତିଲ ହୋଇଯାଇଥିବା ମ୍ୟାଚ ରେଫରି ଘୋଷଣା କରିଛନ୍ତି।

ଆଜିର ମ୍ୟାଚ ସଂଧ୍ୟା ୭ଟା ସମୟରେ ଆରମ୍ଭ ହେବାର ଥିଲା। ଏହାର ଅଧଘଣ୍ଟା ଅର୍ଥାତ ସାଢେ ୬ଟାବେଳେ ଟସ ପଡ଼ିବାର ଥିଲା। କିନ୍ତୁ ଘନ କୁହୁଡ଼ି କାରଣରୁ ଟସ ବିଳମ୍ବିତ ହୋଇଥିଲା । ଏହା ପରେ ଅମ୍ପାୟାର ମାନେ ବାରମ୍ବାର ପଡ଼ିଆର ନିରୀକ୍ଷଣ କରିଥିଲେ ବି ସ୍ଥିତିରେ କୌଣସି ଉନ୍ନତି ଆସିନଥିଲା । ଶେଷଥର ପାଇଁ ଅମ୍ପାୟାରମାନେ ରାତି ୯ଟା ୨୫ ମିନିଟ ସମୟରେ ପଡ଼ିଆର ନିରୀକ୍ଷଣ କରିବା ସମୟରେ ମଧ୍ୟ କୁହୁଡ଼ି ହଟିନଥିଲା । ଫଳରେ ମ୍ୟାଚ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

୫ ମ୍ୟାଚ ବିଶିଷ୍ଟ ଏହି ଟି-୨୦ ସିରିଜରେ ଭାରତ ୨-୧ରେ ଆଗୁଆ ରହିଛି। ଆଜିର ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ କରିଥାନ୍ତା। କିନ୍ତୁ ମ୍ୟାଚ ରଦ୍ଦ ହେବା ପରେ ଦକ୍ଷିଣ ଆଫ୍ରିକା ଏବେ କେବଳ ୫ମ ମ୍ୟାଚ ଜିତି ସିରିଜକୁ ବରାବର କରିପାରିବ। ସେପଟେ ଭାରତ ୫ମ ମ୍ୟାଚ ଜିତିଲେ ସିରିଜକୁ ୩-୧ରେ ହାତେଇନେବ। ୫ମ ଟି-୨୦ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ୧୯ରେ ଖେଳାଯିବ।

## କୁଚବେହାର ଟ୍ରଫିରେ ସମ୍ବିଦ ବେଜଙ୍କ ଶତକ

**ବଲାଙ୍ଗିର, ୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାରର ଅସମାପ୍ତ ପାଳି ୪୪ ରନ୍‌ରୁ ଖେଳ ଆରମ୍ଭ କରି ଓଡିଶା ଦଳ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୭ ୱିକେଟ ବିନିମୟରେ ୩୦୮ ରନ୍ ସଂଗ୍ରହ କରିଛି । ଫଳରେ ଓଡିଶା ତାର ପ୍ରଥମ ଇନିଂସରେ ୧୨୭ ରନ୍‌ରେ ଅଗ୍ରଣି ଅଛି । ଓଡିଶା ଦଳ ତରଫରୁ ସମ୍ବିତ ବେଜ ଶତକ ହାସଲ କରିଥିବା ବେଳେ ଆଦିତ୍ୟ ଆନନ୍ଦ ୭୩ ରନ୍ ଓ ଶାଶ୍ୱତ ରାଉତ ଅପରାଜିତ ୩୮ ରନ୍ ସଂଗ୍ରହ କରିଛନ୍ତି । ହିମାଚଳ ପ୍ରଦେଶ ଦଳ ତରଫରୁ ସଫଳ ବୋଲର ଭାବେ ସିଦ୍ଧକ ଡିଲନ ଓ ଅକ୍ଷୟ ବଶିଷ୍ଟ ଉଭୟେ ୨ ଗୋଟି ଲେଖାଏଁ ୱିକେଟ ଅକ୍ତିୟାର କରିଛନ୍ତି । ଦୁଇ ଦିନର ସଂକ୍ଷିପ୍ତ ସ୍କୋର: ହିମାଚଳ ପ୍ରଦେଶ ୧୮୧/୧୦, ଓଡିଶା ୩୦୮/୭ ।



ଆଜି କ୍ରୀଡା ସଂସଦ ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆର୍ଚ୍ଚର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବିନ୍ଦ୍ର କୁମାର ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ବଟୁ ସିଂହ, କୋଚ ଅରୁଣ କୁମାର ନାୟକ, ପୃଥ୍ୱୀରାଜ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ବରିଷ୍ଠ ସମ୍ବାଦିକ ମନୋରଂଜନ ଯୋଷୀ ପ୍ରମୁଖ ଷ୍ଟଡିୟମରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ହାଇକୋର୍ଟରେ ନର୍ଲା ନିର୍ବାଚନୀ ମାମଲା: ଭକ୍ତ ଦାସଙ୍କ ସାକ୍ଷ୍ୟ ଗ୍ରହଣ

**କଟକ, ୧୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା ଆସନ ନିର୍ବାଚନ ଫଳାଫଳକୁ ଚାଲେଞ୍ଜ କରି ଦାୟର ମାମଲାରେ ଆବେଦନକାରୀ ଭକ୍ତ ଚରଣ ଦାସଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଡିସେମ୍ବର ୫ରେ ଶ୍ରୀ ଦାସଙ୍କ ଜେରା ଅସଂପୂର୍ଣ୍ଣ ଥିବା ବେଳେ ସେ ଆଜି ସେ ହାଇକୋର୍ଟରେ ହାଜର ହୋଇଥିଲେ। ମାମଲାର ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ ତାଙ୍କୁ ଜେରା କରିଥିଲେ। ପରବର୍ତ୍ତୀ ତାରିଖରେ ଆବେଦନକାରୀଙ୍କ ତରଫରୁ ପରବର୍ତ୍ତୀ ସାକ୍ଷୀ ହାଜର ହେବେ ବୋଲି ଦର୍ଶାଯାଇଥିଲା। ଜାନୁଆରି ୯କୁ ନିର୍ବାଚନୀ ମୋକଦ୍ଦମାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମୋକଦ୍ଦମାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନର୍ଲା ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ହାଇକୋର୍ଟରେ ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ। ମିଥ୍ୟା ସତ୍ୟପାଠ ଦେଇଥିବାରୁ ପ୍ରତିପକ୍ଷଙ୍କ ନିର୍ବାଚନ ରଦ୍ଦ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଶିକ୍ଷାଗତ ଯୋଗ୍ୟତା ପ୍ରସଂଗରେ ପ୍ରତିପକ୍ଷ ସତ୍ୟପାଠରେ ଦେଇଥିବା ତଥ୍ୟ ତ୍ରୁଟିପୂର୍ଣ୍ଣ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ୨୦୨୪, ଜୁଲାଇ ୨୫ରେ ହାଇକୋର୍ଟ ମାମଲାରକୁ ବିଚାର ପାଇଁ ଗ୍ରହଣ କରିବା ସହିତ ପ୍ରତିପକ୍ଷ ତଥା ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ନଭେମ୍ବର ୨୭ରେ ମାମଲାରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ପ୍ରଥମ ସାକ୍ଷୀ ଭାବେ ଆବେଦନକାରୀଙ୍କ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେଡି ପ୍ରାର୍ଥୀ ମନୋରମା ମହାନ୍ତି ୬୭୫୩୨ ଖଣ୍ଡ ଭୋଟ ପାଇ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ୬୨୩୨୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ ଓ ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଦିଲ୍ଲୀ ନିର୍ବାଚନ: ସୋସିଆଲ୍ ମିଡିଆ ପ୍ରଚାରରେ କଂଗ୍ରେସ କରିଛି ଅଧିକ ଖର୍ଚ୍ଚ

**ନୂଆଦିଲ୍ଲୀ, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଶେଷ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ବାଜିମାତ୍ କରିଥିଲା। ବିଜେପି ଓ ଆମ୍ ଆଦମୀ ପାର୍ଟି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କଂଗ୍ରେସ ଲଗାତାର ତୃତୀୟ ଥର ପାଇଁ ଖାତା ଖୋଲି ପାରି ନଥିଲା। କିନ୍ତୁ ଏଡିଆର୍ ରିପୋର୍ଟରେ ଏବେ ଏପରି ଏକ ଦାବି କରାଯାଇଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଧାନସଭା ନିର୍ବାଚନରେ କଂଗ୍ରେସ ପାର୍ଟି ପ୍ରଚାର ଓ ସୋସିଆଲ୍ ମିଡିଆ କ୍ୟାମ୍ପେନରେ ବିଜେପି ଠାରୁ ଅଧିକ ଖର୍ଚ୍ଚ କରିଛି। କିନ୍ତୁ ପ୍ରାର୍ଥୀଙ୍କ ଉପରେ ଖର୍ଚ୍ଚ ମାମଲାରେ ପଛରେ ରହିଛି। ଆସୋସିଏସନ୍ ଫର୍ ଡେମୋକ୍ରଟିକ୍ ରିଫର୍ମ (ଏଡିଆର) ରିପୋର୍ଟରେ ଏହି କଥା ସାମନାକୁ ଆସିଛି।

ଏଡିଆର ରିପୋର୍ଟ ଅନୁସାରେ, ଭାରତୀୟ ନିର୍ବାଚନ ଆୟୋଗଙ୍କ ପାଖରେ ପାର୍ଟିଗୁଡିକ ନିର୍ବାଚନୀ ଖର୍ଚ୍ଚ ଦାଖଲ କରିଛନ୍ତି। ଏହା ଅନୁସାରେ ଦିଲ୍ଲୀ ନିର୍ବାଚନ ପ୍ରଚାର ପାଇଁ ବିଜେପି ପକ୍ଷରୁ ୫୭.୬୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ଅନ୍ୟପଟେ କଂଗ୍ରେସ ୪୬.୧୯ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ ପାଇଁ ବିଜେପି ଚାନ୍ଦା ମାଧ୍ୟମରେ ୮୮.୭ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କଂଗ୍ରେସ ଚାନ୍ଦା ମାଧ୍ୟମରେ ୬୪.୩ କୋଟି ଟଙ୍କା ପାଇଥିଲା।




୭୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୪୮ ସିଟ୍ ଜିତିଥିଲା। ଅନ୍ୟପଟେ କଂଗ୍ରେସ ଗୋଟିଏ ବି ଆସନ ଜିତିପାରି ନଥିଲା। ଆମ୍ ଆଦମୀ ପାର୍ଟି ୨୨ ସିଟ୍ ଜିତିଥିଲା। ଏଡିଆରର ବିଶ୍ଳେଷଣ ଅନୁସାରେ, ଆମ୍ ଆଦାମୀ ପାର୍ଟି ନିଜ ପ୍ରଚାର ଉପରେ ମୋଟ ୧୨.୧୨ କୋଟି ଟଙ୍କା ଓ ପ୍ରାର୍ଥୀଙ୍କ ଉପରେ ୨.୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ମୋଟ ଖର୍ଚ୍ଚ ୧୪.୫ କୋଟି ଟଙ୍କା ହୋଇଥିଲା । ସେହିପରି ସୋସିଆଲ୍ ମିଡିଆ ଉପରେ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ବିଜେପି କେବଳ ୫.୨୬ ଲକ୍ଷ ଟଙ୍କା ଓ କଂଗ୍ରେସ ସବୁଠୁ ଅଧିକ ୫.୯୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

ଏହି ନିର୍ବାଚନରେ ବିଜେପିର ମୋଟ ଖର୍ଚ୍ଚ ୫୭.୬୫ କୋଟି ଟଙ୍କା ଥିଲା । କଂଗ୍ରେସର ଖର୍ଚ୍ଚ ୪୬.୧୯ କୋଟି ଟଙ୍କା ଓ ଆମ୍ ଆଦମୀ ପାର୍ଟି ୧୪.୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ବିଜେପି ପାର୍ଟି ପ୍ରଚାର ଉପରେ ୩୯.୧୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏହି ମାମଲାରେ ବିଜେପିକୁ ପଛରେ ପକାଇ କଂଗ୍ରେସ ୪୦.୧୩ କୋଟି ଖର୍ଚ୍ଚ କରିଥିଲା ।

ଏବେ ସୁଦ୍ଧା ୯ ପାର୍ଟିଙ୍କ ଦ୍ୱାରା ଜାରି ଘୋଷଣା ଅନୁସାରେ ସେମାନଙ୍କ ମୋଟ ଖର୍ଚ୍ଚ ୧୨୦.୩ କୋଟି ଟଙ୍କା ଥିଲା। ଏଥିରେ ପ୍ରାର୍ଥୀଙ୍କ ଉପରେ ୨୭ କୋଟି ଟଙ୍କା ସାମିଲ ରହିଛି। ବିଜେପି, କଂଗ୍ରେସ ଓ ଆପ୍ ବ୍ୟତୀତ ବିଏସପି ଏକମାତ୍ର ଏପରି ପାର୍ଟି ଯିଏ ୧ କୋଟି ଟଙ୍କାରୁ ଅଧିକ (୧.୮ କୋଟି ଟଙ୍କା) ଖର୍ଚ୍ଚ କରିଛି । ନିର୍ବାଚନ ସମୟରେ ସମସ୍ତ ପାର୍ଟି ଦ୍ୱାରା ଜମା କରାଯାଇଥିବା ମୋଟ ପାଣ୍ଠି ୧୭୦.୬୮ କୋଟି ଟଙ୍କା ଥିଲା। ଏଥିରେ ବିଜେପିକୁ ୮୮.୭ କୋଟି ଟଙ୍କା, କଂଗ୍ରେସକୁ ୬୪.୩ କୋଟି ଟଙ୍କା ଓ ଆପ୍କୁ ୧୬.୧ କୋଟି ଟଙ୍କା ମିଳିଛି। ଅଧିକାଂଶ ଫଣ୍ଡ୍ ପାର୍ଟିଗୁଡ଼ିକର କେନ୍ଦ୍ରୀୟ ମୁଖ୍ୟାଳୟ ସ୍ତରରେ ଜମା କରାଯାଇଥିଲା ।

## ଗାଧୋଇବା ବେଳେ ସମୁଦ୍ରରେ ବୁଡି ଛାତ୍ରୀ ମୃତ

**ପୁରୀ, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ନିକଟସ୍ଥ ବେଲେଶ୍ୱର ସମୁଦ୍ର ବେଳାଭୂମିରେ ଗାଧୋଇବା ସମୟରେ ଜଣେ ଛାତ୍ରୀ ଲହଡ଼ିରେ ଭାସିଯାଇ ପ୍ରାଣ ହରାଇଛନ୍ତି। ବେଲେଶ୍ୱର ମନ୍ଦିର ନିକଟ ଥିବା ବେଳାଭୂମିରେ ଏହି ଅଘଟଣ ଘଟିଛି। କଟକର ଏକ ଘରୋଇ କୋଚିଂ ସେଣ୍ଟର ଛାତ୍ରଛାତ୍ରୀମାନେ ପିକିନିକ୍ କରିବାକୁ ବେଲେଶ୍ୱର ମନ୍ଦିର ନିକଟକୁ ଯାଇଥିଲେ। ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ିରେ ଛାତ୍ରୀ ଜଣଙ୍କ ଭାସିଯାଇଥିଲେ। ମୃତ ଛାତ୍ରୀ ଜଣଙ୍କ ଘର କଟକ ବକ୍ସିବଜାରର ବୋଲି ସୂଚନା ମିଳିଛି।

## ନୂଆପଡ଼ା କର୍ମୀଙ୍କୁ ନବୀନଙ୍କ ପରାମର୍ଶ: ବିଜେପି ସରକାରକୁ ଡରନି

**ଭୁବନେଶ୍ୱର, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପି ସରକାରକୁ ଡରନି। ବିଜେଡିକୁ ଆହୁରି ସୁଦୃଢ କର। ଲୋକଙ୍କ ସେବା କର। ନୂଆପଡ଼ାର ବିଜେଡି ନେତା ଓ କର୍ମୀଙ୍କୁ ଭେଟିବା ଅବସରେ ଏହି ଟିପ୍ସ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏ ନେଇ ସାମ୍ବାଦିକ ସମ୍ମିଳନୀ କରି ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ତଥା ନୂଆପଡ଼ାର ବିଧାୟିକା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ, ନୂଆପଡ଼ା ନୂଆପଡ଼ାର ସ୍ଥାନୀୟ ବିଜେଡି ନେତା ଓ କର୍ମୀଙ୍କୁ ଭେଟି ବିଜେଡି ସଭାପତି ନବୀନ ପଟ୍ଟନାୟକ ଖୁସି ହୋଇଛନ୍ତି।



ନୂଆପଡ଼ା ଉପନିର୍ବାଚନ ନେଇ ନବୀନଙ୍କ ସହ ବିସ୍ତୃତ ଆଲୋଚନା ହେଲା। ନେତା ଓ କର୍ମୀଙ୍କ ଉତ୍ସାହ ଦେଖି ନବୀନ ନିଜର ଖୁସି ଜାହିର କରିଥିବାବେଳେ କର୍ମୀ ମଧ୍ୟ ଖୁସି ଜାହିର କରିଛନ୍ତି। ଏହି ଅବସରରେ ଦଳକୁ ଆହୁରି ସୁଦୃଢ କରିବାକୁ ନବୀନ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ଉପନିର୍ବାଚନରେ ବୁଥ ରିଗିଂର ଜବାବ ଦିଆଯିବ। ୪୧ଟି ବୁଥରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି । ଲୋକଙ୍କ ଲାଇନ ନ ଥିବା ବେଳେ ଏତେ ଭୋଟିଂ କିପରି ହୋଇଥିଲା। ଲୋକଙ୍କୁ ଡରାଇ ଧମକାଇ ଭୋଟ ହାସଲ କରାଯାଇଛି। ବିଭିନ୍ନ ସଂସ୍ଥାଙ୍କୁ ଲଗାଇ ଲୋକଙ୍କୁ ଧମକାଇଥିଲା ବିଜେପି। ବିଜେଡି ନେତାଙ୍କ ଘରେ ରେଡ କରାଇଥିଲା ବିଜେପି ନିର୍ବାଚନ ଜିତିଛି ବୋଲି ଆରୋପ ଲଗାଇଛନ୍ତି ସ୍ନେହାଙ୍ଗିନୀ। ଲୋକଙ୍କୁ ଡରାଇ ଧମକାଇ ନିର୍ବାଚନ ଜିତିଛି ବିଜେପି। ଏହାର ଜବାବ ଆଗାମୀ ଦିନରେ ଦିଆଯିବ। ନୂଆପଡ଼ାବାସୀଙ୍କ ହୃଦୟରେ ନବୀନ ଅଛନ୍ତି। ଧାନ ବିକିବାକୁ ଚାଷୀଙ୍କୁ ଟୋକନ ମିଳିନାହିଁ । କଟନୀ ଛଟନୀ କରାଯାଉଛି । ଚାଷୀ ଅଭାବୀ ବିକ୍ରିର ଶିକାର ହେଲାଣି ବୋଲି ଅଭିଯୋଗ କରିଛନ୍ତି ସ୍ନେହାଙ୍ଗିନୀ।

## ଫଟୋ ଭାଇରାଲ କରୁଥିବା ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁନାହାନ୍ତି: ମନ୍ତ୍ରୀ

**ପୁରୀ, ୧୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କିଛି ଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିର ଭିତରର ଫୋଟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ଏଥର ଶ୍ରୀମନ୍ଦିର ଗର୍ଭଗୃହ ସହ ଚତୁର୍ଦ୍ଧା ବିଗ୍ରହଙ୍କ ଫୋଟ ଭାଇରାଲ ହୋଇଛି। ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପ୍ରଶ୍ନ ଉଠିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିଲେ ମଧ୍ୟ ବାରମ୍ବାର ଏପରି ଘଟଣା ଦେଖିବାକୁ ମିଳୁଛି। ଫଳରେ ପୋଲିସର କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରାଯାଇଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ ବ୍ୟାପକ ଭାବରେ ପୋଲିସ ମୁତୟନ ସହ ସିସିଟିଭି ରହିଥିବା ବେଳେ ଏଭଳି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ପକ୍ଷରୁ କଡା ଯାଞ୍ଚ ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କୁ ଛଡାଯାଉଛି ତଥାପି ଅନେକ ସମୟରେ ଶ୍ରୀମନ୍ଦିର ଭିତରକୁ କିଭଳି ମୋବାଇଲ ଫୋନ ଭିତରକୁ ଯାଉଛି ଓ ଶ୍ରୀମନ୍ଦିରରେ ଫଟୋ ଉଠାଯାଇ ସୋସିଆଲ ମିଡିଆରେ ଭାଇରାଲ ହେଉଛି ତାହକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେଣୁ ଏଥିପ୍ରତି ପୋଲିସ ପ୍ରଶାସନ ସହ ଜିଲା ପ୍ରଶାସନ ସୁରକ୍ଷା ନେଇ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଜଣେ ବ୍ୟକ୍ତି ତାଙ୍କ ଇନଷ୍ଟାଗ୍ରାମ ଆଇଡିରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କ ଫଟୋ ଏବଂ ଶ୍ରୀମନ୍ଦିର ଭିତର ବେଢାର ଫଟୋ ଅପଲୋଡ କରିଥିବା ଦେଖିବାକୁ ମିଳିଛି। ଏନେଇ ଏସପି ପ୍ରତୀକ ସିଂ କହିଛନ୍ତି କି ଶ୍ରୀମନ୍ଦିର ଗର୍ଭଗୃହର ଫଟୋ ଭାଇରାଲ ହୋଇଥିବା ଘଟଣାଗଣମାଧ୍ୟମରୁ ସୂଚନା ପାଇଲୁ। ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରିଛୁ। କେସ ନମ୍ବର ୨୩୩/୨୫ ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଯିଏ ଦୋଷୀ ସାବ୍ୟସ୍ତ ହେବ କଡା କାର୍ଯ୍ୟାନୁଷ୍ଠାନ ହେବ।

ଏନେଇ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି କି ଶ୍ରୀମନ୍ଦିର ପ୍ରଶାସନ କହିବା ପରେ ମଧ୍ୟ କିଛି ଅମାନିଆ ବ୍ୟକ୍ତି ଏପରି କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଆହୁରି କୋଠର ଦଣ୍ଡବିଧାନ କରାଯିବ ତାହାକୁ ନେଇ ଯୋଜନା ଚାଲିଛି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁନାହାନ୍ତି। ଏଭଳି ଡ୍ରାମା କରି ନିଜର ସୋସିଆଲ ମିଡିଆ ଚଲେଇବାକୁ ଆସୁଛନ୍ତି। ତେଣୁ ଏପରି କାର୍ଯ୍ୟ ଯେପରି ବନ୍ଦ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଶ୍ରୀମନ୍ଦିର ଆଇନର ଆକ୍ଟରେ କିଛି ପରିବର୍ତ୍ତନ ପାଇଁ କଥା ଚାଲିଛି। ଯାହାଫଳରେ ମୋବାଇଲ ଫୋନ, ହିଡେନ କ୍ୟାମେରା, ଫଟୋ ଭାଇରାଲ ଉପରେ କାର୍ଯ୍ୟାନୁଷ୍ଟାନ ଗ୍ରହଣ କରାଯାଇ ପାରିବ। ତେଣୁ ଏନେଇ ବର୍ତ୍ତମାନ ପକ୍ରିୟା ଜାରି ରହିଛି ବୋଲି ଆଇନମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗର୍ଭଗୃହରେ ବାହା...

ବ୍ୟବହାରକାରୀମାନେ ଭିଡିଓ ଉପରେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, 'ଯଦି ଆପଣଙ୍କ ପାଖରେ ଟଙ୍କା ଅଛି, ତେବେ ସବୁକିଛି ସମ୍ଭବ।' ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି, 'ଯଦି ପ୍ରବେଶ ନିଷେଧ ଅଛି, ତେବେ ଗର୍ଭଗୃହରେ କେହି କିପରି ବିବାହ କରିପାରିବେ ?'

### ୩୫ଲକ୍ଷର...

ଦିଲୀପ ନନ୍ଦ ଓ କର୍ଣ୍ଣ ଓରାମ, କନେଷ୍ଟବଳ ରୋଜାଲିନ ପଟ୍ଟନାୟକ, ସସ୍ମିତା ସାହୁ, ରଣଜିତ ସାହୁ, ସୁମିତ ନାୟକ ପ୍ରମୁଖ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ୩୯ ଦେଶ...

ଆଣ୍ଟିଗୁଆ ଏବଂ ବାରବୁଡା, ବେନିନ, କୋଟ୍ ଡି'ଆଇଭୋର, ଡୋମିନିକା, ଗାବନ୍, ଗାମ୍ବିଆ, ମାଲାୱି, ମ୍ୟୁରିଟାନିଆ, ନାଇଜେରିଆ, ସେନେଗାଲ୍, ତାଞ୍ଜାନିଆ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ କଟକଣା ଲାଗୁ କରିଛି। ବୁରୁଣ୍ଡି, କ୍ୟୁବା, ଟୋଗୋ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ପୂର୍ବରୁ ଥିବା ଆଂଶିକ କଟକଣା ବଳବତ୍ତର ରହିବ। ତୁର୍କମେନିସ୍ତାନ ହେଉଛି ନୂତନ ବ୍ୟବସ୍ଥା ଅନୁଯାୟୀ ଆଂଶିକ ଆଶ୍ୱସ୍ତି ପ୍ରଦାନ କରିଥିବା ଏକମାତ୍ର ଦେଶ। ଏହାର ନାଗରିକଙ୍କ ପାଇଁ ଅଣ-ପ୍ରବାସୀ ଭିସା କଟକଣା ଉଠାଇ ଦିଆଯାଇଛି। ୧୨ଟି ଦେଶ ଉପରେ ପୂର୍ବରୁ ଲାଗୁ ହୋଇଥିବା ଯାତ୍ରା କଟକଣାଆମେରିକା ପୂର୍ବରୁ ଆଫଗାନିସ୍ତାନ, ମିଆଁମାର, ଚାଡ୍, କଙ୍ଗୋ ଗଣରାଜ୍ୟ, ଇକ୍ୱାଟୋରିଆଲ୍ ଗିନି, ଏରିଟ୍ରିଆ, ହାଇତି, ଇରାନ, ଲିବିଆ, ସୋମାଲିଆ, ସୁଡାନ ଏବଂ ୟେମେନର ନାଗରିକଙ୍କ ଉପରେ ଯାତ୍ରା କଟକଣା ଲାଗୁ କରିସାରିଛି। ସୁରକ୍ଷା ଘଟଣା ପରେ କଡ଼ାକଡ଼ିଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ସାମ୍ପ୍ରତିକ ସୁରକ୍ଷା ଘଟଣା ପରେ ଆସିଛି। ନଭେମ୍ବର ୨୬ ତାରିଖରେ ୱାଶିଂଟନ୍ ଡିସିରେ ଦୁଇଜଣ ନ୍ୟାସନାଲ ଗାର୍ଡ ସୈନିକଙ୍କ ମୃତ୍ୟୁ ହୋଇଥିଲା।

### ଇଥିଓପିଆ...

ଇଥିଓପିଆର ସମୃଦ୍ଧ ଇତିହାସ, ସଂସ୍କୃତି ଏବଂ ଆତ୍ମା ଗଭୀର ସମ୍ମାନ ଏବଂ ପ୍ରଶଂସାକୁ ପ୍ରେରଣା ଦିଏ। ମୁଁ ଆମର ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ଭାରତର ପ୍ରତିବଦ୍ଧତା ଜଣାଇଛି । ଯାହା ସମାନ ମୂଲ୍ୟବୋଧ, ପାରସ୍ପରିକ ବିଶ୍ୱାସ ଏବଂ ଶାନ୍ତି, ବିକାଶ ଏବଂ ସହଯୋଗ ପାଇଁ ଏକ ସାଧାରଣ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ। ଇଥିଓପିଆ ସଂସଦରେ ସମ୍ବୋଧନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଦିସ ଆବାବରେ ବୃକ୍ଷରୋପଣ କରିଛନ୍ତି। ଇଥିଓପିଆର ଆଡୱା ବିଜୟ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ମୋଦୀ ।

### ବ୍ରହ୍ମପୁର ନିକଟରେ...

କରି ଏକ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଶିକ୍ଷକତା ଦିନଗୁଡିକୁ ମନେପକାଇଥିଲେ ଏବଂ ଯେକୌଣସି ସରସ୍ୱତୀ ବିଦ୍ୟାମନ୍ଦିରକୁ ଆସିଲେ ମୋତେ ତାହା ମୋର ଘର ବାହୁଡା ପରି ଲାଗିଥାଏ ବୋଲି କହିଥିଲେ।

### ଶିଆଳ କାମୁଡାରେ...

ଚିକିତ୍ସା ଦିଆଯାଇଛି ଏବଂ ଟୀକା ମଧ୍ୟ ଉପଲବ୍ଧ ରହିଛି। ତେଣୁ ଯେଉଁ ରୋଗୀମାନେ ଆସିବେ ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ। କେହି ଭୟଭୀତ ନ ହେବାକୁ କାର୍ଯ୍ୟରତ ଡାକ୍ତର ରାଜେଶ ପରିଡ଼ା ସୂଚନା ଦେଇଛନ୍ତି।

## ସରକାରୀ ତାଲିକାରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା କମୁଛି

**ଭୁବନେଶ୍ୱର, ୧୭।୧୨: ତଥ୍ୟ**

ରୋଜଗାର ପାଇଁ ରାଜ୍ୟ ବାହାରକୁ ଯାଉଥିବା ପ୍ରବାସୀ ଶ୍ରମିକମାନଙ୍କ ସଂଖ୍ୟା ସରକାରୀ ତାଲିକାରେ ହ୍ରାସ ପାଇବାରେ ଲାଗିଛି । କେବଳ ପ୍ରବାସୀ ଶ୍ରମିକ ନୁହନ୍ତି ଏମାନଙ୍କୁ ନେବାପାଇଁ ଲାଇସେନ୍ସ ପାଉଥିବା ଠିକାଦାରଙ୍କ ସଂଖ୍ୟା ବି କମିଛି ।

ବିଗତ ତିନି ବର୍ଷରେ ପ୍ରବାସୀ ଶ୍ରମିକମାନଙ୍କ ସଂଖ୍ୟାକୁ ଅନୁଧ୍ୟାନ କଲେ ଏହା ଦେଖିବାକୁ ମିଳୁଛି । ୨୦୨୩ ମସିହାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮୧ ହଜାରରୁ ଅଧିକ ଶ୍ରମିକ ରୋଜଗାର ପାଇଁ ରାଜ୍ୟ ବାହାରକୁ କାମପାଇଁ ଯାଇଥିବାବେଳେ ସେହିବର୍ଷ ୧୨୩୧ ଜଣ ଶ୍ରମିକ ଠିକାଦାର ସରକାରଙ୍କ ଠାରୁ ଲାଇସେନ୍ସ ପାଇଥିଲେ । ତେବେ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇଥିବା ଶ୍ରମକମାନଙ୍କ ମଧ୍ୟରୁ ସର୍ବାଧିକ ୫୪ହଜାର ବଲାଙ୍ଗିର ଜିଲ୍ଲାରୁ ଯାଇଥିବାବେଳେ ନୂଆପଡାରୁ ୧୫ ହଜାରରୁ ଅଧିକ ଶ୍ରମିକ ଏହି ତାଲିକାରେ ଥିଲେ । ଗଞ୍ଜାମ ଜିଲ୍ଲାରୁ ୩୨୨୫ ଜଣ ଶ୍ରମିକ ଯାଇଥିବାବେଳେ ବରଗଡ ଜିଲ୍ଲାରୁ ୧୧୫୦ ଜଣ ଶ୍ରମିକ ବାହାର ରାଜ୍ୟକୁ ଯାଇଥିବା ରେକର୍ଡ ହୋଇଛି । ତେବେ ଏହିବର୍ଷ ଭଦ୍ରକ, ଦେବଗଡ, କନ୍ଧମାଳ, ମାଲକାନଗିରି ଓ ସୁନ୍ଦରଗଡ ଜିଲ୍ଲାରୁ କୌଣସି ଶ୍ରମିକ ବାହାର ରାଜ୍ୟକୁ କାମ ପାଇଁ ଯାଇନଥିବା ସରକାରୀ ତାଲିକାରେ ଦର୍ଶାଯାଇଛି ।

୨୦୨୪ ମସିହାରେ ପ୍ରବାସୀ ଶ୍ରମିକମାନଙ୍କ ସଂଖ୍ୟା ୭୦ହଜାରକୁ ହ୍ରାସ ପାଇଥିବାବେଳେ ଶ୍ରମିକ ଠିକାଦାରଙ୍କ ସଂଖ୍ୟା ମଧ୍ୟ ୧୦୩୭କୁ ହ୍ରାସ ପାଇଥିଲା । ଗତବର୍ଷ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବଲାଙ୍ଗିର ଜିଲ୍ଲାରେ ୫୦ହଜାର ତଳକୁ ଖସି ଆସିଥିବାବେଳେ ନୂଆପଡା ଜିଲ୍ଲାରେ ବି ଏମାନଙ୍କ ସଂଖ୍ୟା ୧୨ହଜାକୁ କମିଥିଲା ।

ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଓଡିଶାରୁ ୭୦ ହଜାର ପ୍ରବାସୀ ଶ୍ରମିକ କାମ ପାଇଁ ଯାଇଥିବା ରେକର୍ଡ କରାଯାଇଛି । ତେବେ ଏହିବର୍ଷ ବଲାଙ୍ଗିରରୁ କାମ ପାଇଁ ବାହାରକୁ ଯାଇଥିବା ଶ୍ରମିକ ସଂଖ୍ୟା ୫୧ ହଜାରକୁ ଅତିକ୍ରମ କରିଥିବାବେଳେ ନୂଆପଡାରେ କିନ୍ତୁ ଏହି ସଂଖ୍ୟା ୯ହଜାର ତଳକୁ ଆସିଛି ।

ଶ୍ରମିକମାନଙ୍କର ରାଜ୍ୟ ବାହାରକୁ ପଳାୟନ ରୋକିବାପାଇଁ ସରକାର ଗ୍ରହଣ କରିଥିବା କେତେକ ପଦକ୍ଷେପ ଯୋଗୁଁ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି । ସରକାରଙ୍କ ପଦକ୍ଷେପ ମଧ୍ୟରେ ରହିଛି ଗତବର୍ଷ ଅକ୍ଟୋବର ମାସରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ଟାସ୍କଫୋର୍ସ ଗଠନ ହୋଇଛି । ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ସ୍ୱରୋଜଗାର ଯୋଜନା ସୃଷ୍ଟି କରୁଛି । ଏହା ମଧ୍ୟରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାରେ ୩୦ଟି ବ୍ଲକ ଅଧିନସ୍ଥ ୭୦୪ ପଞ୍ଚାୟତରେ ଏମଜିନରେଗା କାର୍ଯ୍ୟଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି ।

ଏହାଛଡା ୧୪ଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ, କଳାହାଣ୍ଡି, ନୂଆପଡା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ, କେନ୍ଦ୍ରାପଡା ଆଦି ଜିଲ୍ଲାର ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଚଳାଯାଉଛି । ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଏହିସବୁ ଜିଲ୍ଲାରେ ଋତୁକାଳୀନ ହଷ୍ଟେଲ ବ୍ୟବସ୍ଥା ବି ହୋଇଛି । ଏଥି ସହିତ ବେଆଇନ୍ ଭାବେ ଶ୍ରମିକଙ୍କ ରାଜ୍ୟ ବାହାରକୁ ନେଉଥିବା ଶ୍ରମିକ ଠିକାଦାରଙ୍କ ଉପରେ ପୁଲିସ୍ ତୀକ୍ଷ୍ଣ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ